୬ ▶ ଗୋଲ୍ଡେନ୍ ବୁଟ୍ ରେସ୍‌ରେ ମେସିଙ୍କ ସମକକ୍ଷ ହେଲେ ଏମ୍‌ବାପେ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ଦ୍ରବ୍ୟ ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୧୫୩ ● ୩ ଜୁଲାଇ ୨୦୨୬ ଶୁକ୍ରବାର ● ଭୁବନେଶ୍ୱର ● Vol -33 ● Issue-153 ● 3rd July 2026, Friday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27

### ୟୁଏଇର ଆଇଏଚ୍‌ସି ଗ୍ରୁପ୍ ସହ ୧.୧୦ ଲକ୍ଷ କୋଟି ଟଙ୍କାର ମେଗା ଆଲୁମିନିୟମ୍ ପ୍ରକଳ୍ପ ପାଇଁ ଏମ୍‌ଓୟୁ ସ୍ୱାକ୍ଷରିତ

# ୫୩, ୫୦୦ ନିଯୁକ୍ତି ସୁଯୋଗ

ଭୁବନେଶ୍ୱର, ୨।୭

ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାକୁ ଏକ ଶିଳ୍ପ ସମୃଦ୍ଧ ଅର୍ଥନୀତିରେ ପରିଣତ କରିବା ଏବଂ ବିଶ୍ୱସ୍ତରୀୟ ପୁଞ୍ଜିନିବେଶକୁ ଆକୃଷ୍ଟ କରିବା ଦିଗରେ ଆଜି ରାଜ୍ୟ ଶିଳ୍ପ ଇତିହାସରେ ଏକ ନୂତନ ଅଧ୍ୟାୟ ଯୋଡ଼ି ହୋଇଯାଇଛି।

ଗୁରୁବାର ସ୍ଥାନୀୟ ଲୋକସେବା ଭବନ କନଭେନସନ୍ ସେଣ୍ଟରରେ ଆୟୋଜିତ, ଓଡ଼ିଶା ସରକାରଙ୍କ ଶିଳ୍ପ ପ୍ରୋତ୍ସାହନ ସଂସ୍ଥା 'ଇପିକଲ୍' ଏବଂ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ପ୍ରତିଷ୍ଠିତ ବ୍ୟବସାୟିକ ପ୍ରତିଷ୍ଠାନ ଇଣ୍ଟରନ୍ୟାସନାଲ୍ ହୋଲ୍ଡିଂ କମ୍ପାନୀ (ଆଇଏଚସି ଗ୍ରୁପ୍) ମଧ୍ୟରେ ଏକ ମେଗା ସମନ୍ୱିତ ଆଲୁମିନିୟମ୍ ପ୍ରକଳ୍ପ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି।

ଏହି ପ୍ରସ୍ତାବିତ ପ୍ରକଳ୍ପରେ ପ୍ରାୟ ୧୧.୫ ବିଲିୟନ ଆମେରିକୀୟ ଡଲାର ଅର୍ଥାତ ପ୍ରାୟ ୧.୧୦ ଲକ୍ଷ କୋଟି ଟଙ୍କାର ବିପୁଳ ପୁଞ୍ଜିନିବେଶ କରାଯିବ।




ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ୨୦୩୬ ସୁଦ୍ଧା ଏକ ସମୃଦ୍ଧ, ଆଧୁନିକ ଓ ସମାବେଶୀ ଓଡିଶା ଗଠନ କରିବା ପାଇଁ ଆମର ଉଦ୍ୟମ ସଫଳତାର ସହ ଜାରି ରହିଛି ବୋଲି କହିଛନ୍ତି। ଓଡ଼ିଶାର ସମ୍ବଳ ଓ ପ୍ରତିଭା ସହ ମଧ୍ୟ-ପ୍ରାଚ୍ୟର ପୁଞ୍ଜି ଓ ପ୍ରଯୁକ୍ତି ବିଦ୍ୟାର ସମନ୍ୱୟରେ ଏକ ସମୃଦ୍ଧ ପାର୍ଟନରସିପ୍ ଗଠନ ହେବ ବୋଲି ଦୃଢ଼ ଆଶା ପ୍ରକଟ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ପ୍ରକଳ୍ପ ମାଧ୍ୟମରେ ଓଡ଼ିଶାରେ (ପୃଷ୍ଠା ୭ରେ)

### ବଳରାମ ଦାସଙ୍କ ସମାଧିପୀଠରେ ନିର୍ମାଣ ହେବ ଲକ୍ଷ୍ମୀ ପୁରାଣ କରିଡର

# ବଣ୍ଟନ ହେବ ୧ କୋଟି ସଂଶୋଧିତ ଲକ୍ଷ୍ମୀପୁରାଣ

ଭୁବନେଶ୍ୱର, ୨।୭

ନ୍ୟୁଜ୍ ବ୍ୟୁରୋ

ବଳରାମ ଦାସଙ୍କ ସମାଧିପୀଠ ବେଗୁନିଆ ଠାରେ ନିର୍ମାଣ ହେବ ମହାଲକ୍ଷ୍ମୀ ପୁରାଣ କରିଡର। କରିଡରରେ ବଳରାମ ଦାସଙ୍କ ଗ୍ୟାଲେରୀ, ଲକ୍ଷ୍ମୀଙ୍କ ରିସର୍ଚ୍ଚ ଗ୍ୟାଲେରୀ ରହିବ। ୫୦୦ ମହିଳା ଏକାଠି ହୋଇ ଗାଇ ପାରିବେ ଲକ୍ଷ୍ମୀପୁରାଣ ସେହିଭଳି କରିଡର କରାଯିବ। ଏହି କରିଡର ସ୍ଥାନୀୟ ଲୋକଙ୍କୁ ରୋଜଗାର ଦେଇପାରିବ। ଏହାସହ ରାଜ୍ୟ ସରକାର ୧ କୋଟି ସଂଶୋଧିତ ଲକ୍ଷ୍ମୀପୁରାଣ ବାଣ୍ଟିବେ । ନମିତା ଅଗ୍ରୱାଲ ଓ ଗୀତା ଦାସ ଗାଇବେ ନୂଆ ସଂଶୋଧିତ ଲକ୍ଷ୍ମୀପୁରାଣ। ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଏହି ସୂଚନା ଦେଇଛନ୍ତି।

ଗୁରୁବାର ଦିନ ମିଶନ ଶକ୍ତି ଭବନସ୍ଥିତ ଅଡିଟୋରିଅମ ହଲ୍‌ରେ ପର୍ଯ୍ୟଟନ ବିଭାଗ ପକ୍ଷରୁ "ଶକ୍ତି ବନ୍ଦନାର ମହାଗାଥା - ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣ" ଶୀର୍ଷକ ଏକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି



ଅବସରରେ ଉପସ୍ଥିତ ବିଶିଷ୍ଟ ବିଦ୍ୱାନ, ଗବେଷକ ଓ ବକ୍ତାମାନେ ଲକ୍ଷ୍ମୀ ପୁରାଣର ସାହିତ୍ୟିକ, ସାଂସ୍କୃତିକ ଓ ସାମାଜିକ ମହତ୍ତ୍ୱ ସହିତ ଏଥିରେ ଥିବା ନାରୀ ସଶକ୍ତିକରଣ ଏବଂ ସାମାଜିକ ସମାନତାର ବାର୍ତ୍ତା ଉପରେ ବିସ୍ତୃତ ଆଲୋଚନା କରିଥିଲେ।

ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଥିଲେ ଯେ, ମହାଲକ୍ଷ୍ମୀ ପୁରାଣର ମୂଳ ବାର୍ତ୍ତା କେବଳ ଧାର୍ମିକ ନୁହେଁ, ବରଂ ଏହା ଏକ ସାମାଜିକ ବିପ୍ଳବର ପ୍ରତୀକ। ପ୍ରକୃତ ସମୃଦ୍ଧି କେବଳ ଧନରେ ନୁହେଁ, ବରଂ ନ୍ୟାୟ, ସମାନତା, ପରିଶ୍ରମ, ସ୍ୱାଭିମାନ ଏବଂ ସମ୍ମାନ ଉପରେ ନିର୍ଭର କରେ। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ଶକ୍ତି, ସଂସ୍କୃତି ଓ ପରମ୍ପରାର ଦର୍ଶନ ବିଶ୍ୱବାସୀଙ୍କୁ କରାଇବା ଲକ୍ଷ୍ୟରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ବଳରାମ ଦାସଙ୍କ ସମାଧିପୀଠଠାରେ 'ଲକ୍ଷ୍ମୀ ପୁରାଣ କରିଡର' ନିର୍ମାଣ ପାଇଁ ରୂପରେଖା ପ୍ରସ୍ତୁତ କରାଯାଇଛି ବୋଲି ସେ ସୂଚନା ଦେଇଥିଲେ।

କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଯେ ଲକ୍ଷ୍ମୀ ପୁରାଣ କେବଳ ମାଆ ଲକ୍ଷ୍ମୀଙ୍କ ବନ୍ଦନା ନୁହେଁ, ବରଂ ମହିଳାମାନଙ୍କୁ ସମ୍ମାନ ଦେବାର ଏକ ପ୍ରକ୍ରିୟା ଓ ମାର୍ଗ । ଏହାକୁ ସମଗ୍ର ବିଶ୍ୱରେ ପରିଚିତ କରାଇବା ଦିଗରେ ପର୍ଯ୍ୟଟନ ବିଭାଗର ଏହି ଉଦ୍ୟମ ଅତ୍ୟନ୍ତ ପ୍ରଶଂସନୀୟ। ଏହି ଅବସରରେ ଗୋପ ବ୍ଲକ ଅନ୍ତର୍ଗତ ବେଗୁନିଆ ଗ୍ରାମରେ ପ୍ରସ୍ତାବିତ ଲକ୍ଷ୍ମୀ ପୁରାଣ କରିଡରର ପରିକଳ୍ପିତ ଚିତ୍ର ଉପରେ ଆଧାରିତ ଏକ ସ୍ୱତନ୍ତ୍ର ଭିଡିଓ ମଧ୍ୟ ପ୍ରଦର୍ଶିତ କରାଯାଇଥିଲା। ଏହାପରେ (ପୃଷ୍ଠା ୭ରେ)

## ୨୦ରୁ ସଂସଦର ମୌସୁମୀ ଅଧିବେଶନ !

ନୂଆଦିଲ୍ଲୀ, ୨।୭

ଜୁଲାଇ ୨୦ ତାରିଖରୁ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବାର ସମ୍ଭାବନା ରହିଛି। ତେବେ ଏ ସମ୍ପର୍କରେ ସଂସଦୀୟ ବ୍ୟାପାର କ୍ୟାବିନେଟ୍ କମିଟି ଚୂଡ଼ାନ୍ତ ନିଷ୍ପତ୍ତି ନେବ। ଏଥର ମୌସୁମୀ ଅଧିବେଶନ ୩ ସପ୍ତାହ ଧରି ଚାଲିବାର ସମ୍ଭାବନା ରହିଛି।

## ଆଜିର ମୁଖ୍ୟ ଖବର

- ଅମିତ ଶାହଙ୍କ ଓଡ଼ିଶା ଗସ୍ତ ବାତିଲ୍ ।
- ଆସାମରେ ବନ୍ୟା ପୁନର୍ବାସ ନେଇ କିରେନ ରିଜିଜୁଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ ହେମନ୍ତ ।
- ଖାମେନିଙ୍କ ଅନ୍ତିମ ସଂସ୍କାରରେ ସାମିଲ ହେବା ପାଇଁ ଖଡଗେଙ୍କ ବଦଳରେ ଇରାନ ଯିବେ ସଲମାନ ଖୁର୍ସିଦ ।
- ମଣିପୁରରେ ଏବେ ବି ସ୍ୱାଭାବିକ ଅବସ୍ଥା ଫେରିନାହିଁ: ରାହୁଲ ଗାନ୍ଧୀ ।
- ନେପାଳରେ ପେଟ୍ରୋଲ ଲିଟର ପିଛା ୨୦ ଟଙ୍କା ଏବଂ ଡିଜେଲ ଲିଟର ପିଛା ୩୦ ଟଙ୍କା ହ୍ରାସ ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୩୭୮ (+୩୦୦)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩, ୧୮୦ (+୨୭୫)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୭୮୪ (+୨୨୫)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୪୫ (+୫)

# ୨ୟ ଦିନରେ ଡାକ୍ତରଙ୍କ ଆନ୍ଦୋଳନ : ରୋଗୀ ସେବା ବିପର୍ଯ୍ୟସ୍ତ

ଭୁବନେଶ୍ୱର, ୨।୭

ନ୍ୟୁଜ୍ ବ୍ୟୁରୋ

୧୦ ଦଫା ଦାବି ନେଇ ଡାକ୍ତରଙ୍କ ଆନ୍ଦୋଳନ ଦ୍ୱିତୀୟ ଦିନରେ ପହଞ୍ଚିଛି। ଓଡ଼ିଶା ମେଡିକାଲ ସେବା ସଂଘ(ଓମ୍‌ସା) ନେତୃତ୍ୱରେ ରାଜ୍ୟବ୍ୟାପୀ ଡାକ୍ତରମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଏଥିପାଇଁ ରାଜ୍ୟ ସରକାରୀ କ୍ଷେତ୍ରରେ ରୋଗୀସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ରୋଗୀମାନେ ଚିକିତ୍ସା ପାଇଁ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। କ୍ୟାଡର ପୁନର୍ଗଠନ, ଲେବଲ୍ ପେ' ସ୍କେଲ୍ ୧୫ର ଉଚ୍ଛେଦ, ସ୍ୱଚ୍ଛ ବଦଳି ନୀତି, କେବିକେ ଏକ୍‌ଜିଟ ନୀତି, ଦନ୍ତ ଡାକ୍ତରଙ୍କ ପ୍ରୋତ୍ସାହନ ଭତ୍ତା, ଡାକ୍ତରଙ୍କ ସୁରକ୍ଷା ଭଳି ଦାବିକୁ ନେଇ ଡାକ୍ତରମାନେ ଆନ୍ଦୋଳନ ଚଳାଇଛନ୍ତି। ଏହା ଫଳରେ ରାଜ୍ୟର ବିଭିନ୍ନ (ପୃଷ୍ଠା ୭ରେ)



## ଆନ୍ଦୋଳନ ପ୍ରତ୍ୟାହାର ପାଇଁ ଅନୁରୋଧ କଲେ ସରକାର

ଭୁବନେଶ୍ୱର, ୨।୭ : ନ୍ୟୁଜ୍ ବ୍ୟୁରୋ

ଡାକ୍ତରମାନଙ୍କ ଆନ୍ଦୋଳନ ଯୋଗୁଁ ରାଜ୍ୟରେ ରୋଗୀସେବା ବ୍ୟାହତ ହୋଇଥିବାରୁ ଆନ୍ଦୋଳନରତ ଡାକ୍ତରମାନଙ୍କୁ ତୁରନ୍ତ ଆନ୍ଦୋଳନ ପ୍ରତ୍ୟାହାର କରି କାର୍ଯ୍ୟରେ ଯୋଗଦେବା ପାଇଁ ରାଜ୍ୟ ସରକାର ଅନୁରୋଧ କରିଛନ୍ତି। ଓଡ଼ିଶା ମେଡିକାଲ ସର୍ଭିସେସ୍ ଆସୋସିଏସନ (ଓମସା) ପକ୍ଷରୁ ଧର୍ମଘଟ ଆରମ୍ଭ ହେବା ପୂର୍ବରୁ ସ୍ୱାସ୍ଥ୍ୟ ମନ୍ତ୍ରୀ, ବିଭାଗୀୟ (ପୃଷ୍ଠା ୭ରେ)

# ନ୍ୟାୟ ପ୍ରକ୍ରିୟାରେ ଏଆଇ ବ୍ୟବହାରକୁ ନେଇ ସୁପ୍ରିମକୋର୍ଟଙ୍କ କଡ଼ା ସତର୍କବାଣୀ

ନୂଆଦିଲ୍ଲୀ, ୨।୭

ନ୍ୟାୟ ପ୍ରକ୍ରିୟାରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଅନିୟନ୍ତ୍ରିତ ବ୍ୟବହାରକୁ ନେଇ ସୁପ୍ରିମକୋର୍ଟ ଗୁରୁତର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ଅଦାଲତ କହିଛନ୍ତି ଯେ, ଏଆଇ ଦ୍ୱାରା ସୃଷ୍ଟ ମିଥ୍ୟା, ଅସ୍ତିତ୍ୱହୀନ କିମ୍ବା 'ହାଲୁସିନେସନ୍' ଆଧାରିତ ଆଇନଗତ ତଥ୍ୟକୁ ନ୍ୟାୟିକ ନିଷ୍ପତ୍ତିର ଆଧାର କରିବା ଅତ୍ୟନ୍ତ ବିପଜ୍ଜନକ। ଏଭଳି ପ୍ରବୃତ୍ତି ନ୍ୟାୟ ବ୍ୟବସ୍ଥାର ବିଶ୍ୱସନୀୟତା ଓ ନିଷ୍ପକ୍ଷତାକୁ ଗଭୀର ଭାବେ କ୍ଷତିଗ୍ରସ୍ତ କରିପାରେ।

ନ୍ୟାୟମୂର୍ତ୍ତି ପିଏସ୍ ନରସିଂହ ଓ ଆଲୋକ ଆରାଧେଙ୍କ ଖଣ୍ଡପୀଠ ଏହି ମତ ପ୍ରକାଶ କରିବା ସହ ନ୍ୟାସନାଲ କମ୍ପାନି ଲ' ଟ୍ରିବ୍ୟୁନାଲ୍ (ଏନ୍‌ସିଏଲ୍‌ଟି) ଓ ନ୍ୟାସନାଲ କମ୍ପାନି ଲ' ଆପେଲେଟ୍ ଟ୍ରିବ୍ୟୁନାଲ୍ (ଏନ୍‌ସିଏଲ୍‌ଏଟି)ଙ୍କ



ଏକ ରାୟକୁ ବାତିଲ କରିଛନ୍ତି। ଅଦାଲତଙ୍କ ନଜରକୁ ଆସିଥିଲା ଯେ, ଏସେଲ୍ ଇନଫ୍ରାପ୍ରୋଜେକ୍ଟର୍ସ ଦେବାଳିଆ ପ୍ରକ୍ରିୟା ସମ୍ପର୍କିତ ମାମଲାରେ ଏନ୍‌ସିଏଲ୍‌ଟି ଏଆଇ ଦ୍ୱାରା ସୃଷ୍ଟ କେତେକ ନକଲି ଓ ଅସ୍ତିତ୍ୱହୀନ ପୂର୍ବ ରାୟକୁ ଆଧାର କରି ନିଷ୍ପତ୍ତି ଦେଇଥିଲେ। ସୁପ୍ରିମକୋର୍ଟ କହିଛନ୍ତି, ଏପରି ତଥ୍ୟ ଉପରେ ଭରସା କରି ଦିଆଯାଇଥିବା ରାୟ ନ୍ୟାୟ ପ୍ରକ୍ରିୟାର ସ୍ୱଚ୍ଛତା ଓ ଅଖଣ୍ଡତାକୁ କ୍ଷୁଣ୍ଣ କରେ।

ଖଣ୍ଡପୀଠ ଏଆଇ ଦ୍ୱାରା ସୃଷ୍ଟ ଭୁଲ ତଥ୍ୟକୁ ଆଇନ କ୍ଷେତ୍ରରେ 'ଅଦୃଶ୍ୟ, କୁଟିଳ ଓ ବିଧ୍ୱଂସକାରୀ' ବୋଲି ବର୍ଣ୍ଣନା କରିଛନ୍ତି। ଅଦାଲତ କହିଛନ୍ତି, ଏହାର ପ୍ରଭାବ ଆରମ୍ଭରେ ଧରାପଡ଼ିନପାରେ, କିନ୍ତୁ ପରେ ଏହା ନ୍ୟାୟ ବ୍ୟବସ୍ଥାର ମୂଳ ଭିତ୍ତିକୁ ଦୁର୍ବଳ କରିପାରେ। ଏଆଇ ଆଧୁନିକ କାର୍ଯ୍ୟପ୍ରଣାଳୀକୁ ଦ୍ରୁତ ଓ ସହଜ କରିପାରେ, କିନ୍ତୁ ଏହା ମଣିଷର ଚିନ୍ତା, ବିଚାରଶକ୍ତି ଓ ନିଷ୍ପତ୍ତି ନେବାର କ୍ଷମତାର ବିକଳ୍ପ ହୋଇପାରିବ ନାହିଁ।

ସୁପ୍ରିମକୋର୍ଟ କହିଛନ୍ତି, ଅଦାଲତରେ ଏଆଇକୁ କେବଳ ସହାୟକ ଉପକରଣ ଭାବେ ବ୍ୟବହାର କରାଯାଇପାରିବ। କିନ୍ତୁ ନ୍ୟାୟିକ ବିଚାର, ଆଇନର ବ୍ୟାଖ୍ୟା ଓ ଅନ୍ତିମ ନିଷ୍ପତ୍ତି ଉପରେ ମଣିଷର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରହିବା ଅନିବାର୍ଯ୍ୟ। (ପୃଷ୍ଠା ୭ରେ)

# ପ୍ରକାଶ ପାଇଲା ପିଜି ପ୍ରବେଶିକା ପରୀକ୍ଷା ଫଳ

ଭୁବନେଶ୍ୱର, ୨।୭

ନ୍ୟୁଜ୍ ବ୍ୟୁରୋ

ପିଜି ପ୍ରବେଶିକା ପରୀକ୍ଷା (କମନ୍ ପିଜି ଏଣ୍ଟ୍ରାନ୍ସ ଟେଷ୍ଟ-୨୦୨୬) ରେଜଲ୍ଟ ପ୍ରକାଶିତ ହୋଇଛି। ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲକୁ ଯାଇ ନିଜର ପରୀକ୍ଷାଫଳ ଦେଖିପାରିବେ, ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମ ଲେଖାଇବା ନିମନ୍ତେ କମନ୍ ପିଜି ଏଣ୍ଟ୍ରାନ୍ସ ଟେଷ୍ଟ-୨୦୨୬ ଅନୁଷ୍ଠିତ ହୋଇଥିଲା। ଏହି ପ୍ରବେଶିକା ପରୀକ୍ଷା ପାଇଁ ୫୮,୬୧୩ ଜଣ ପରୀକ୍ଷାର୍ଥୀ ଆବେଦନ କରିଥିବାବେଳେ ୫୩,୯୦୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସର୍ବମୋଟ୍ ୫୦ଟି ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ଏହି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା।

ସୂଚନାଯୋଗ୍ୟ ଯେ, ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ରାଜ୍ୟର ୧୩୨ଟି ଉଚ୍ଚଶିକ୍ଷାନୁଷ୍ଠାନରେ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ୩୨,୩୦୯ଟି ସିଟ୍ ରହିଛି। ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା କମନ୍ ପିଜି ଏଣ୍ଟ୍ରାନ୍ସ ଟେଷ୍ଟ-୨୦୨୬ ଆଧାରରେ କରାଯିବ। ଆଡ୍‌ମିଶନର ସମୟସୂଚୀ ଖୁବଶୀଘ୍ର ସାମ୍ସ ପୋର୍ଟାଲରେ ଉପଲବ୍ଧ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ୬୪ତମ ରାଜ୍ୟସ୍ତରୀୟ ଫସଲ ବୀମା ସମନ୍ୱୟ କମିଟି ବୈଠକ

ଭୁବନେଶ୍ୱର, ୨।୭

ନ୍ୟୁଜ୍ ବ୍ୟୁରୋ

ଲୋକସେବା ଭବନଠାରେ ଗୁରୁବାର ୬୪ତମ ରାଜ୍ୟସ୍ତରୀୟ ଫସଲ ବୀମା ସମନ୍ୱୟ କମିଟି (ଏସ୍‌ଏଲ୍‌ସିସିସିଆଇ) ବୈଠକ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଖରିଫ-୨୦୨୬ ଋତୁ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ନିରବଚ୍ଛିନ୍ନ ଓ ଫଳପ୍ରଦ କାର୍ଯ୍ୟକାରିତା ସହ ବିଭିନ୍ନ ନୀତିଗତ ପ୍ରସଙ୍ଗ ଉପରେ ବିସ୍ତୃତ ସମୀକ୍ଷା କରାଯାଇଥିଲା।

ବୈଠକରେ କେନ୍ଦ୍ର ସରକାରଙ୍କ ପରାମର୍ଶ ଅନୁଯାୟୀ ଖରିଫ-୨୦୨୬ରେ



ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାକୁ ପୂର୍ବପରି ଜାରି ରଖିବା, ରାଜ୍ୟରେ ପ୍ରଚଳିତ ୬୦:୧୩୦ କପ ଓ କ୍ୟାପ ମଡେଲ୍ ଏବଂ ସ୍ଥାନୀୟ ବିପର୍ଯ୍ୟୟ ଓ ଅମଳ ପରବର୍ତ୍ତୀ କ୍ଷତି ଉପରେ ଏକ ବିସ୍ତୃତ ଆଲୋଚନା ହୋଇଥିଲା। ପାଣିପାଗ ସୂଚନା ନେଟୱାର୍କ ଏବଂ ତଥ୍ୟ ପ୍ରଣାଳୀ (ଡବ୍ଲୁଆଇ ଏନଡିଏସ) ପ୍ରକଳ୍ପ ଅଧୀନରେ (ପୃଷ୍ଠା ୭ରେ)

## ଇସ୍ରୋ ମୁଖ୍ୟାଳୟକୁ ବୋମା ଧମକ

ବେଙ୍ଗାଲୁରୁ, ୨।୭

ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ)ର ବେଙ୍ଗାଲୁରୁସ୍ଥିତ ମୁଖ୍ୟାଳୟକୁ ଗୁରୁବାର ଏକ ବୋମା ଧମକପୂର୍ଣ୍ଣ ଇ-ମେଲ୍ ମିଳିବା ପରେ ସୁରକ୍ଷା ଏଜେନ୍ସିଗୁଡ଼ିକ ତୁରନ୍ତ ସତର୍କ ହୋଇଯାଇଛନ୍ତି। ଘଟଣା ପରେ ପୋଲିସ ଓ ବମ୍ ସ୍କ୍ୱାଡର ଟିମ୍ ଇସ୍ରୋ ପରିସରରେ ବ୍ୟାପକ ତଲାସି ଅଭିଯାନ ଚଳାଇଥିଲେ।ପୋଲିସ ସୂଚନା ଅନୁସାରେ, ଇସ୍ରୋ ଅଧ୍ୟକ୍ଷ ଡକ୍ଟର ଭି. ନାରାୟଣନଙ୍କ କାର୍ଯ୍ୟାଳୟକୁ ଏହି ଧମକପୂର୍ଣ୍ଣ ଇ-ମେଲ୍ ପଠାଯାଇଥିଲା। ଖବର ପାଇବା ମାତ୍ରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ସହ ସମଗ୍ର ପରିସରରେ ତଲାସି କରାଯାଇଥିଲା।

## ଏକାଳ ପଖାଳ



କେଜିରୁ ପିଜି ମାଗଣାରେ ପଢ
ନହେଇକି ବିଛୁଆଟି
ଏତେ ସୁବିଧା କେଉଁଠି ମିଳିବ
ଆଉ ସର୍କାରୀ ପ୍ରୀତି
ଭବିଷ୍ୟ ଉଜ୍ଜ୍ୱଳ ଅତି
ମନଲଗେଇ ପାଠ ପଢିଚାଲ
ପାହିବ ଅନ୍ଧାର ରାତି।

# ଭାରତ-ଜାପାନ ଆର୍ଥିକ ସୁରକ୍ଷା ରୋଡମ୍ୟାପ୍ ପ୍ରସ୍ତୁତ



ନୂଆଦିଲ୍ଲୀ, ୨।୭

ଭାରତ ଏବଂ ଜାପାନ ଗୁରୁବାର ଆର୍ଥିକ ସୁରକ୍ଷା ପାଇଁ ଏକ ମିଳିତ ରୋଡମ୍ୟାପକୁ ଅନୁମୋଦନ କରିଛନ୍ତି ଯାହା ମାଧ୍ୟମରେ ଦୁଇ ଦେଶ ୧୦୦ ଟ୍ରିଲିୟନ ୟେନ ବିପୁଳ ପୁଞ୍ଜି ବିନିଯୋଗ ସହିତ ସେମିକଣ୍ଡକ୍ଟର, କ୍ୱାଣ୍ଟମ୍ ଏବଂ ଉନ୍ନତ ସାମଗ୍ରୀ ପରି ରଣନୈତିକ କ୍ଷେତ୍ରରେ ଯୋଗାଣ ଶୃଙ୍ଖଳକୁ ନମନୀୟ ଏବଂ ମଜଭୁତ କରିବା ଦିଗରେ କାର୍ଯ୍ୟ କରିବେ। ଜାପାନ ସହଯୋଗରେ ଭାରତରେ ଏକ ହଜାର ଜୈବ ଗ୍ୟାସ ପ୍ଲାଣ୍ଟ ପ୍ରତିଷ୍ଠା କରିବା ଲାଗି ମଧ୍ୟ ସହମତି ପ୍ରକାଶ ପାଇଥିଲା।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ତାଙ୍କ ଜାପାନୀ ପ୍ରତିପକ୍ଷ ସାନେ ତାକାଇଚି ଗୁରୁବାର ହାଇଦ୍ରାବାଦ ହାଉସରେ ୧୬ତମ ଭାରତ-ଜାପାନ ବାର୍ଷିକ ଶିଖର ସମ୍ମିଳନୀ ଆୟୋଜନ କରିଛନ୍ତି। ଦୁଇ ଦେଶ ମଧ୍ୟରେ ପ୍ରାୟ ଦୁଇ ଘଣ୍ଟା ଧରି ଚାଲିଥିବା ବୈଠକ ପରେ, ପାରସ୍ପରିକ ସହାୟତାର ଚାରୋଟି ସ୍ମାରକପତ୍ର ସ୍ୱାକ୍ଷରିତ ଏବଂ ବିନିମୟ କରାଯାଇଥିଲା। ଏଥିରେ ଭୂତାତ୍ତ୍ୱିକ ଖଣିଜ ପଦାର୍ଥ, ଫାର୍ମାସ୍ୟୁଟିକାଲ୍ସ ଏବଂ ଚିକିତ୍ସା ଉପକରଣ, ବ୍ୟାଟେରୀ ଉତ୍ପାଦନ ଏବଂ ଜୈବ ଗ୍ୟାସ ଏବଂ ଜୈବିକ ସାର କାରଖାନାର ପ୍ରତିଷ୍ଠା କ୍ଷେତ୍ରରେ ସହଯୋଗର (ପୃଷ୍ଠା ୭ରେ)

## ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି : ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨।୭

ନ୍ୟୁଜ୍ ବ୍ୟୁରୋ

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ଉତ୍ତର ଓଡ଼ିଶା ଉପକୂଳରେ ଥିବା ଘୂର୍ଣ୍ଣିବଳୟ ପ୍ରଭାବରେ, ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ଉତ୍ତର ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ସହିତ ଜଡିତ ଘୂର୍ଣ୍ଣିବଳୟ ସମୁଦ୍ର ପତନଠାରୁ ୭.୬ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ଦକ୍ଷିଣ-ପଶ୍ଚିମ ଆଡ଼କୁ ଢଳି ରହିଛି। ଆଗାମୀ ୨-୩ ଦିନ ମଧ୍ୟରେ ଏହା ଆହୁରି ଘନୀଭୂତ ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ସ୍ଥିତ



ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି।

ଲଘୁଚାପ ପ୍ରଭାବରେ ଜୁଲାଇ ୩ ତାରିଖରୁ ୮ ତାରିଖ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। (ପୃଷ୍ଠା ୭ରେ)

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୩ ଜୁଲାଇ ୨୦୨୬ ଶୁକ୍ରବାର





# ଲୁହା ପଥର ଖଣି ଲିଜ୍ ଅବଧି ବୃଦ୍ଧି ଆବେଦନ ହାଇକୋର୍ଟରେ ଖାରଜ




**କଟକ, ନ୍ୟୁଜ୍ ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲା ସୁଲେଇପାଟ ଲୁହାପଥର ଖଣିର ଲିଜ ଅବଧି ବୃଦ୍ଧି ପାଇଁ ଦାୟର ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ୍ ଓ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ବି.ସି. ଉଗରାଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ୬୧୮ ହେକ୍ଟରର ସୁଲେଇପାଟ ଖଣି ଲିଜ୍ ପ୍ରଥମେ ବଜ୍ରଙ୍ଗଲାଲ ପଢିଆଙ୍କୁ ମିଳିଥିଲା। ୧୯୭୫, ଅକ୍ଟୋବର ୨୫ରୁ ଏହି ଖଣି ଲିଜ୍ ପ୍ରଦାନ କରାଯାଇଥିବା ବେଳେ ମୟୂରଭଞ୍ଜ ଜିଲ୍ଲାପାଳ ଓ ମୂଳ ଲିଜଧାରୀଙ୍କ ମଧ୍ୟରେ ଏନେଇ ୧୯୭୬, ମେ ୨୪ରେ ଲିଜ୍‌ଚୁକ୍ତି ପଞ୍ଜିକରଣ ହୋଇଥିଲା। ଆଇନ୍ ଅନୁସାରେ ସରକାରୀ ଅନୁମତି ନେଇ ଏହି ଖଣିର ଲିଜ୍ ଆବେଦନକାରୀଙ୍କୁ ମୂଳ ଲିଜ୍‌ଧାରୀ ଟ୍ରାନ୍ସଫର୍ କରିଥିଲେ। ୨୦୧୫ରେ ଏମ୍‌ଏମ୍‌ଡିଆର୍ ଆଇନ୍‌ରେ ସରକାର ସଂଶୋଧନ ଆଣିଥିଲେ। ୨୦୧୫, ଜାନୁଆରୀ ୧୨ ପୂର୍ବରୁ ମଞ୍ଜୁର କରାଯାଇଥିବା ସମସ୍ତ ଖଣି ଲିଜ୍‌ର ଅବଧି ୫୦ ବର୍ଷ ବୋଲି ସଂଶୋଧିତ ଆଇନ୍ ଅନୁସାରେ ଘୋଷଣା କରାଯାଇଥିଲା। ଫଳରେ ସୁଲେଇପାଟ ଖଣିର ଲିଜ୍ ଅବଧି ୫୦ ବର୍ଷକୁ ବୃଦ୍ଧି ପାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ସରକାରୀ ନିଷ୍କ୍ରିୟତା ପାଇଁ ବୈଧ ଲିଜ୍ ଅବଧି ଭିତରେ ମଧ୍ୟ ଆବେଦନକାରୀ କିଛି ମାସ ଖଣି ଚଳାଇ/ପରିଚଳାନା କରିପାରିନଥିଲେ। ଏଭଳି ସ୍ଥିତି ପାଇଁ ୧୪ ମାସ ଲିଜ୍ ଅବଧି ବୃଦ୍ଧି କରିବା ପାଇଁ ଆବେଦନକାରୀ ନିବେଦନ କରିଥିଲେ। ଏଥିସହିତ ମୂଳ ଲିଜ୍ ଚୁକ୍ତି ପଞ୍ଜିକରଣ ଠାରୁ ୫୦ ବର୍ଷର ଅବଧିକୁ ଗଣନା କରାଯାଉ ବୋଲି ଆବେଦନକାରୀ ଦାବି କରିଥିଲେ। ତେଣୁ ଏଥିପାଇଁ ୬ ମାସ ଲିଜ୍ ଅବଧି ବୃଦ୍ଧି କରିବାକଥା। ଏଭଳି ଭାବେ ୨୦୨୭, ଜୁନ୍ ୨୪ ପର୍ଯ୍ୟନ୍ତ ସୁଲେଇପାଟ ଖଣି ଚଳାଇବା ପାଇଁ ଅନୁମତି ଦିଆଯାଉ ବୋଲି ଆବେଦନକାରୀ ଦର୍ଶାଇଥିଲେ। ଅନ୍ୟପକ୍ଷରେ ସରକାରଙ୍କ ତରଫରୁ ଏପରି ଆବେଦନକୁ ବିରୋଧ କରାଯାଇଥିଲା। ହାଇକୋର୍ଟ ସମସ୍ତ ପକ୍ଷଙ୍କୁ ଶୁଣିବା ପରେ ମାମଲାକୁ ଖାରଜ କରିଛନ୍ତି। ସରକାରଙ୍କ ତରଫରୁ ଆଡଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ ମାମଲା ପରିଚାଳନା କରୁଥିଲେ।

# ଦଶନ୍ଧି ଧରି ବସବାସ କରୁଥିବା ୧୪ଟି ପରିବାର ଆଜିବି ମୌଳିକ ସୁବିଧାରୁ ବଞ୍ଚିତ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ବିକାଶ, ସ୍ୱଚ୍ଛତା ଓ ନଗରୀକରଣର ବଡ଼ ବଡ଼ ଦାବି ମଧ୍ୟରେ ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ଚିକିଟିଗଡ଼ର ନୂଆ ବାଉରୀ ସାହିର ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ କାହାଣୀ କହୁଛି। ସହରର ଅଂଶ ହୋଇଥିଲେ ମଧ୍ୟ ଏହି ବସ୍ତିକୁ ବିକାଶ ଛୁଇଁନଥିବା ଅଭିଯୋଗ ଉଠିଛି। ଦୀର୍ଘ ଦଶନ୍ଧି ଧରି ବସବାସ କରୁଥିବା ୧୪ଟି ବେହେରା ପରିବାର ଆଜିବି ମୌଳିକ ସୁବିଧାରୁ ବଞ୍ଚିତ। ଜଳ ଯୋଗାଣ ବ୍ୟବସ୍ଥାକୁ ବାଦ୍ ଦେଲେ ଡ୍ରେନେଜ୍, ପକ୍କା ରାସ୍ତା, ବିଦ୍ୟୁତ୍ ଖୁଣ୍ଟ, ଷ୍ଟ୍ରିଟ୍ ଲାଇଟ୍ ଏବଂ ସୁରକ୍ଷିତ ଯାତାୟାତ ଭଳି ମୌଳିକ ସୁବିଧା ଏବେ ମଧ୍ୟ ସେମାନଙ୍କ ପାଇଁ ଅପହଞ୍ଚ ହୋଇ ରହିଛି। ମାଧବ ବେହେରା, ଭଗବାନ ବେହେରା, ସୀତାରାମ ବେହେରା, ସୀତା ବେହେରା, ରତନ ବେହେରା, ତ୍ରିଲୋଚନ ବେହେରା, ବାଲ୍ୟ ବେହେରା, ନିର ବେହେରା, ହେମ ବେହେରା, ବାଳକ ବେହେରା, ରୁନା ବେହେରା, ସୁଶାନ୍ତ ବେହେରା, ପ୍ରଶାନ୍ତ ବେହେରା ଓ ନରସିଂହ ବେହେରାଙ୍କ ପରିବାର ଦୀର୍ଘବର୍ଷ ଧରି ଏହି ସାହିରେ ବସବାସ କରୁଛନ୍ତି। କିନ୍ତୁ ଏଠାରେ ବିକାଶର ବିଭିନ୍ନ ଯୋଜନା କାଗଜ କଲମରେ ସୀମିତ ରହିଯାଇଛି। କୌଣସି ଯୋଜନାର ସୁଫଳ ବସ୍ତିରେ ପହଞ୍ଚିପାରିନଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ସାହିକୁ ଯିବା ପାଇଁ ଆଜିପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ ହୋଇନାହିଁ। ମାତ୍ର ଫୁଟିକିଆ ପାଦଚଲା ରାସ୍ତାରେ ଯାତାୟାତ ହୁଏ। ବର୍ଷା ହେଲେ ରାସ୍ତା କାଦୁଅରେ ପରିଣତ ହୋଇଯାଏ। ବର୍ଷର ଅଧିକାଂଶ ସମୟ କାଦୁଅ ମଧ୍ୟରେ ଯାତାୟାତ କରିବାକୁ ବାସିନ୍ଦା ବାଧ ହୋଇଥାନ୍ତି। ରାସ୍ତାର ଦୁଇ ପାର୍ଶ୍ୱରେ ଆଣ୍ଠୁଏ ଉଚ୍ଚର ଘାସ ଉଠି ରହୁଥିବାରୁ ସାପ ଓ ଅନ୍ୟ ବିଷଧର ଜନ୍ତୁଙ୍କ ଭୟ ସବୁବେଳେ ଲାଗି ରହୁଛି। ଜଳ ଯୋଗାଣ ସମୟରେ ଲୋକେ ବ୍ୟବହାର କରୁଥିବା ପାଣି ରାସ୍ତା ଉପରେ ବୋହିଯାଉଥିବାରୁ କାଦୁଅ ସମସ୍ୟା ଜଟିଳ ହୋଇପଡୁଛି। ଡ୍ରେନେଜ୍ ବ୍ୟବସ୍ଥା ନଥିବାରୁ ପାଣି ରାସ୍ତାରେ ଜମି ରହୁଛି। ଫଳରେ ପୁତିଗନ୍ଧମୟ ପରିବେଶ ସହ ମଶାମାଛିର ପ୍ରାଦୁର୍ଭାବ ବଢୁଛି। ବିଦ୍ୟୁତ୍ ବ୍ୟବସ୍ଥାର ଚିତ୍ର ମଧ୍ୟ ଅତ୍ୟନ୍ତ ଉଦ୍‌ବେଗଜନକ। ସାହିରେ ସ୍ଥାୟୀ ବିଦ୍ୟୁତ୍ ଖୁଣ୍ଟ ନଥିବାରୁ ଲୋକେ ବାଧ ହୋଇ ବାଉଁଶ ଖୁଣ୍ଟି ପୋତି ସେଥିରେ ବିଦ୍ୟୁତ୍ ତାର ଟାଣି ଘରକୁ ସଂଯୋଗ ନେଇଛନ୍ତି। ବାଉଁଶ ଉପରେ ଝୁଲୁଥିବା ଏହି ବିଦ୍ୟୁତ୍ ତାର ଯେକୌଣସି ସମୟରେ ବଡ଼ ଧରଣର ଅଘଟଣ ଘଟାଇପାରେ। ବର୍ଷା ଓ ପବନ ସମୟରେ ଏହି ବିପଦ ଆହୁରି ବଢ଼ିଯାଉଥିବାରୁ ସ୍ଥାନୀୟ ଲୋକେ ସବୁବେଳେ ଭୟ ଓ ଆତଙ୍କ ମଧ୍ୟରେ ରହୁଛନ୍ତି। ରାତି ହେଲେ ସମଗ୍ର ସାହି ଅନ୍ଧାରରେ ବୁଡ଼ିଯାଏ। ବାଉଁଶ ଖୁଣ୍ଟିରେ ବିଦ୍ୟୁତ୍ ତାର ଟଣାଯାଇଥିବାରୁ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇନାହିଁ। ଫଳରେ ଅନ୍ଧାରରେ ଭୟ ଭିତରେ ଯାତାୟାତ ହୋଇଥାଏ। ଅନ୍ଧାରର ସୁଯୋଗ ନେଇ ଅସାମାଜିକ କାର୍ଯ୍ୟକଳାପ କିମ୍ବା ଅଘଟଣ ଘଟିବାର ଆଶଙ୍କା ମଧ୍ୟ ରହିଛି। ବ୍ଲକ୍ ଓ ସଦର ମହକୁମାରେ ରହି ସମ୍ପୃକ୍ତ ପରିବାର ଏପରି ଅପହଞ୍ଚ ଜୀବନ କାଟିବାକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଏନ୍‌ଏସି ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ସୋରେନ୍ କହିଥିଲେ ସାହିର ରାସ୍ତା ଓ ଡ୍ରେନ୍ ପାଇଁ ଜମି ହସ୍ତାନ୍ତର ହୋଇପାରିନି। ଯେଉଁ ଜାଗାରେ ରାସ୍ତା ଓ ଡ୍ରେନ୍ ହେବ ଉକ୍ତ ଜମିର ପଟ୍ଟା ୪ ଜଣଙ୍କ ନାମରେ ରହିଛି। ସେହିପରି ବିଦ୍ୟୁତ୍ ବିଭାଗ ଅଧିକାରୀ ବିଜୁଳି ସମସ୍ୟାର ସମାଧାନ କରିବେ ବୋଲି ସେ କହିଛନ୍ତି।



# ପ୍ରଶାସନ ପକ୍ଷରୁ ଅଚଳ ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ପାଇଁ ପଦକ୍ଷେପ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ବ୍ଲକର ଏନ୍‌ଏଚ୍-୧୬ ନଂ ରାସ୍ତା ପାର୍ଶ୍ୱରେ ବୁରୁଡି ଠାରେ ୨୦୧୦ ମସିହାରେ ନିର୍ମିତ ଓ ତତ୍‌କାଳୀନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍ଘାଟିତ ହୋଇଥିବା ଶୀତଳ ଭଣ୍ଡାରଟି ଯାହା ସଂପ୍ରତି ଆର୍‌ଏମ୍‌ସି ଅଧୀନରେ ରହିଆସିଛି। ଏଥିରେ କିଛି ବୈଷୟିକ ତ୍ରୁଟି ଓ ପରିଚାଳନାଗତ ଅବହେଳା ଯୋଗୁ ଅବ୍ୟବହୃତ ହୋଇ ପଡ଼ିରହିଛି। ଏହାକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ୍‌ଙ୍କ ନିର୍ଦ୍ଦେଶକ୍ରମେ ଏଡିଏମ୍ ସଚ୍ଚିଦାନନ୍ଦ ନାୟକ, ଛତ୍ରପୁର ଉପଜିଲ୍ଲାପାଳ ଦେବାଶିଷ ବରାଳ, ଗଞ୍ଜାମ ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର, ଆର୍‌ଏମ୍‌ସି ହିଞ୍ଜିଳିକାଟୁ ସମ୍ପାଦକ ପ୍ରମୁଖ ଏଠାକୁ ଆସି ଚାଷୀମାନଙ୍କ ନେତୃତ୍ୱ ନେଉଥିବା ଋଷିକୁଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ, ଝାରେଡି ରାଧା ଗୋବିନ୍ଦପୁର ସରପଞ୍ଚ ସିଦ୍ଧେଶ୍ୱର ନାହାକ, ଚାଷୀ ନିରଞ୍ଜନ ନାହାକ, ପ୍ରଭାକର ନାହାକ, ବଂଶୀଧର ନାହାକ, ଯୋଗୀ ନାହାକ, ରଞ୍ଜନ ନାହାକ, ମନୋଜ ନାହାକ, ରାଜ୍ୟପାଳ ପୁରସ୍କୃତ ଶିକ୍ଷାବିତ୍ ବିଜୟ କୁମାର ବିଶ୍ୱାଳଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଏହି ସମସ୍ୟାର ଆଶୁ ସମାଧାନ ଓ ଅଚଳ ପ୍ରକଳ୍ପର ସଫଳ ରୂପାୟନ ପାଇଁ ଅଗ୍ରଣୀ ଚାଷୀମାନଙ୍କୁ ନେଇ ଏକ ୨୧ ଜଣିଆ କମିଟି ଗଠନ କରାଯାଇଛି। ଆଗାମୀ ଭବିଷ୍ୟତରେ ଏହି କ୍ଷୁଦ୍ର ଶୀତଳ ଭଣ୍ଡାରର ପ୍ରଶସ୍ତି କରଣ ସହ ଉନ୍ନତମାନର ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ କରି ଅଞ୍ଚଳରୁ ଉତ୍ପାଦିତ ବିଭିନ୍ନ ସବୁଜ ପନିପରିବା ଯଥା ଟମାଟ, ବାଇଗଣ, ଲଙ୍କା ମରିଚ, ପତ୍ର କୋବି, ଫୁଲ କୋବି ଇତ୍ୟାଦି ସଂରକ୍ଷଣ ସମେତ ଓର୍‌ମାସ୍ ସଂସ୍ଥା ସହିତ ଯୋଗାଯୋଗ କରି ଏସବୁର ବିକ୍ରିବଟା ଉପରେ ଧ୍ୟାନ ଦିଆଯିବ ବୋଲି ସ୍ଥିର କରାଗଲା। ଗଞ୍ଜାମ ଜିଲ୍ଲା ପ୍ରଶାସନର ଏହି ସମୟୋଚିତ ପଦକ୍ଷେପକୁ ଏ ଅଞ୍ଚଳର ସମସ୍ତ ଚାଷୀମାନଙ୍କ ତରଫରୁ ସ୍ୱାଗତ କରାଯାଇଛି।



# ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ସ୍ଥାପନରେ ଅନିଶ୍ଚିତତା:ପ୍ରତିଶ୍ରୁତିରେ ଅଟକିଛି ପ୍ରକଳ୍ପ

**ଚମ୍ପୁଆ, ନ୍ୟୁଜ୍ ବ୍ୟୁରୋ**

ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅନନ୍ୟ ଅବତାର ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନେଇ ଚମ୍ପୁଆରେ ଦେଖାଦେଇଛି ଅନିଶ୍ଚିତତା। ଦୀର୍ଘ ଦିନ ପୂର୍ବେ ଗତ ୧୫.୧୧.୨୦୨୩ ତାରିଖରେ ଏହାର ଶୁଭାରମ୍ଭ କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପ୍ରତିମୂର୍ତ୍ତି ସ୍ଥାପନ କାର୍ଯ୍ୟ ସମ୍ପନ୍ନ ହୋଇପାରିନାହିଁ। ଯାହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଉକ୍ତ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷ ଗିରିଜା ଶଙ୍କର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ବଲିଉଡର ଆକ୍ସନ୍ ମାଷ୍ଟର ରାମ ସିର୍କା, ଯୋଡା ଖଣିମଣ୍ଡଳର ସହକାରୀ ଖଣି ଅଧିକାରୀ ଡଃ ହେସା ଏବଂ ଆଦିବାସୀ ହୋ ସମାଜ ମହାସଭାର ରାଜ୍ୟ ଆବାହକ ମନୋରଞ୍ଜନ ତିରିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ସଭାସଦସ୍ୟ ଗୌରଚନ୍ଦ୍ର ମୁଣ୍ଡା ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଆଦିବାସୀ ହୋ ସମାଜ ମହାସଭାର ସୌଜନ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ତେବେ ଉକ୍ତ ସ୍ଥାନ (ଚମ୍ପୁଆ ତହସିଲ କାର୍ଯ୍ୟାଳୟ ନିକଟ) ଚିହ୍ନଟ ହୋଇ ଜାଗା ମଧ୍ୟ ନିଆଯାଇଥିଲା। ଯଦି ଜାଗା ଚିହ୍ନଟ ସରିଛି ଏବଂ ପ୍ରଶାସନିକ ସ୍ତରରେ ସବୁ ସହଯୋଗ ରହିଛି, ତେବେ ପ୍ରତିମୂର୍ତ୍ତି ସ୍ଥାପନରେ ବିଳମ୍ବ କାହିଁକି ? କାହା ସ୍ୱାର୍ଥ ପାଇଁ ପ୍ରକଳ୍ପ ଆଗକୁ ବଢ଼ିପାରୁନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ? ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଏପରି ଅବହେଳାକୁ ନେଇ ସ୍ଥାନୀୟ ଜନସାଧାରଣ ଓ ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜଣେ ଜନନାୟକଙ୍କ ପ୍ରତି ଏପରି ଅବହେଳା କେବଳ ଦୁଃଖଦାୟକ ନୁହେଁ, ବରଂ ପ୍ରଶାସନିକ ସ୍ୱଚ୍ଛତା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ତୁରନ୍ତ ଏହି ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଚମ୍ପୁଆ ଏନ୍‌ଏସି କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ଭାରତର ସାମ୍ପ୍ରତିକ ଅର୍ଥନୈତିକ ସ୍ଥିତି ନେଇ ଥିଙ୍କର୍ସ କ୍ଲବର ଆଲୋଚନା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବିକାଶଶିଳ ରାଷ୍ଟ୍ରମାନଙ୍କ ମଧ୍ୟରେ ଭାରତ ବର୍ତ୍ତମାନ ଶୀର୍ଷରେ ଅଛି। ଆମ ଦେଶର ବର୍ତ୍ତମାନ ମୋଟ୍ ଘରୋଇ ଉତ୍ପାଦନ ପୂର୍ବାପେକ୍ଷା ଶତକଡା ୭.୭ ବୃଦ୍ଧି ପାଇଛି। ଏହାର ପୂର୍ବାନୁମାନ ଶତକଡା ୬.୫ ରୁ ୬.୬ ଭିତରେ ରହିବା ଅଟକଳ କରାଯାଇଥିଲା। ବିଶ୍ୱବ୍ୟାଙ୍କ ଅଟକଳରୁ ଜଣାପଡ଼େ ଏହା ଶତକଡା ୮ ରୁ ଅଧିକ ହେବାର ସମ୍ଭାବନା ଅଛି ବୋଲି ପୂର୍ବତନ କୁଳପତି ଅର୍ଥନୀତି ପ୍ରଫେସର କୁମର ବର ଦାସ ଥିଙ୍କର୍ସ କ୍ଲବର ୧୫୫ ତମ ଆଭାସୀ ଆଲୋଚନାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରକାଶ କରିଛନ୍ତି। ଭାରତର ସାମ୍ପ୍ରତିକ ଅର୍ଥ ନୈତିକ ସ୍ଥିତି ବିଷୟରେ ଶ୍ରୀ ଦାସ ବହୁ ତଥ୍ୟ କହିଥିଲେ। ପୂର୍ବତନ ବରିଷ୍ଠ ପ୍ରଶାସକ ବିବେକ ପଟ୍ଟନାୟକ ଉକ୍ତ ସଭାରେ ସଭାପତିତ୍ୱ କରିଥିଲେ। ସଭାକୁ ସଂଯୋଜନା କରି ଥିଙ୍କର୍ସ କ୍ଲବ ସଭାପତି ବରଦା ଦାସ ଉତ୍ପାଦନକ୍ଷମ ବା ଉପାର୍ଜନକ୍ଷମକୁ ଆଖି ଆଗରେ ରଖି ଋଣ କରିବା ଓ ଋଣ ପରିଶୋଧ ଉପରେ ସରକାର ଗୁରୁତ୍ୱ ଦେଲେ ଋଣ ଭାର ମୁକ୍ତ ହୋଇପାରିବା ବୋଲି କହିଥିଲେ। ଡ. ନନ୍ଦ ନନ୍ଦନ ଦାସ କହିଲେ ଓଡ଼ିଶା ଧନୀ ମାତ୍ର ଲୋକେ ଗରିବ। ଖଣିଜ ଓ ପ୍ରାକୃତିକ ପଦାର୍ଥର ସୁବିନିଯୋଗ ଉପରେ ସେ ଗୁରୁତ୍ୱ ଦେଇଥିଲେ। ଉମାଶଙ୍କର ମିଶ୍ର, ରାନୁ ସେନ, ଡ. ସନ୍ତୋଷ କୁମାର ମହାପାତ୍ର, ପ୍ରଫେସର ପ୍ରତିଭ ଦାଶ, ପ୍ରଫେସର ପ୍ରିୟମ୍ବଦା ମହାନ୍ତି, ହେଜମାଦି, ସ୍ୱଦେଶ ସୁନ୍ଦର ପଟ୍ଟନାୟକ, ଆମେରିକାରୁ ଆଡଭୋକେଟ୍ ନିରଞ୍ଜନ ପଣ୍ଡା, ବେଙ୍ଗାଲୁରରୁ ଭବାନୀ ଶଙ୍କର ମହାନ୍ତି, ଦେବ ନନ୍ଦନ ଦାସ, ଡ. ଅକ୍ଷୟ କୁମାର, ପୂର୍ଣ୍ଣିମା ମିତ୍ର, ବାଲ୍ମିକୀ ନାୟକ, ପୁଷ୍ପାଞ୍ଜଳି ପରିଡ଼ା, ସୁନୀଲ ବିଶ୍ୱାଳ, ଆଭା ଦାସ, ଟିସି ହୋତା, ନିମାଇଁ ସ୍ୱାଇଁ ଓ ୟୁଟ୍ୟୁବ୍‌ରେ ବହୁ ବ୍ୟକ୍ତି ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ସଭା ବୈଷୟିକ ପରିଚାଳନା ଜ୍ୟୋତି ମଲ୍ଲ ଓ ବିଭୁ ଦତ୍ତ ମହାନ୍ତି କରିଥିଲେ।

# ମହାବୀର ସଂସ୍କୃତ ମହାବିଦ୍ୟାଳୟରେ ସଂସ୍କୃତ ସମ୍ଭାଷଣ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ସରକାର ଓ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶିକା ଅନୁଯାୟୀ ଯାଜପୁର ବ୍ଲକ ସାନସୁଆର ପଞ୍ଚାୟତ କପାସି ଠାରେ ଥିବା ମହାବୀର ସଂସ୍କୃତ ମହାବିଦ୍ୟାଳୟରେ ସଂସ୍କୃତ ସମ୍ଭାଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଲୋକଭାଷା ପ୍ରଚାର ସମିତି ଆନୁକୂଲ୍ୟରେ ଏହି ୩୫ ଦିନିଆ ସଂସ୍କୃତ ସମ୍ଭାଷଣ ଶିବିର ଉତ୍ସବ ଅଧକ୍ଷ ବିଷ୍ଣୁଚରଣ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାର ପ୍ରାରମ୍ଭରେ ମୁଖ୍ୟଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ଜ୍ୱଳନ କରାଯିବା ସହିତ ଅଧ୍ୟାପକ ଧୀରେନ୍ଦ୍ର କୁମାର ତ୍ରିପାଠୀଙ୍କ ଦ୍ୱାରା ବେଦପାଠ କରାଯାଇଥିଲା। ଏହାପରେ କାର୍ଯ୍ୟକ୍ରମର ସଂଯୋଜକ ତଥା ମହାବିଦ୍ୟାଳୟର ଅଧ୍ୟାପକ ରମାକାନ୍ତ ବରାଳ ବରଣ୍ୟ ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହିତ ୩୫ ଦିନିଆ ସଂସ୍କୃତ ସମ୍ଭାଷଣ ଶିବିରର ଅନୁଷ୍ଠିତ ଓ ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟଅତିଥି ଭାବେ ଲୋକଭାଷା ପ୍ରଚାର ସମିତିର ରାଜ୍ୟ ସଂଯୋଜକ ବିଭୂତି ନାରାୟଣ କର ସମସ୍ତ ଭାରତବର୍ଷରେ ଲୋକଭାଷା ମାଧ୍ୟମରେ ସରଳ ସଂସ୍କୃତରେ କଥୋପକଥନ ପାଇଁ ପ୍ରଚାର ପ୍ରସାର ସଂପର୍କରେ ଆଲୋଚନା ସହିତ ଉକ୍ତ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବରେ ପ୍ରାକ୍ତନ ପ୍ରଧାନ ପଣ୍ଡିତ ତଥା ରାଜ୍ୟ ସଂସ୍କୃତ ମହାମଣ୍ଡଳର ଉପସଭାପତି ପଣ୍ଡିତ କୃଷ୍ଣଚନ୍ଦ୍ର ମିଶ୍ର ସଂସ୍କୃତ ଭାଷାର ମହତ୍ତ୍ୱ ଉପରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟରେ ଇଣ୍ଟର୍ନସିପ୍‌ରେ ଭାଗ ନେଇଥିବା ଛାତ୍ର ଓ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ ସହିତ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଶାସ୍ତ୍ରୀ ୩ୟ ବର୍ଷର ଛାତ୍ରୀ କାଦମ୍ବିନୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ସୁଜାତା ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ପୂର୍ଣ୍ଣିମା ମିଶ୍ର କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।




# ତେଲ ଜଳସେଚନ ବିଭାଗ ସମ୍ମୁଖରେ ଠିକାଦାରଙ୍କ ମଧ୍ୟରେ ହାତାହାତି



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ତେଲ ଜଳସେଚନ ବିଭାଗର ଏକ ଠିକା କାମକୁ ନେଇ ମଙ୍ଗଳବାର ଦିନ ବିଭାଗର ଅଫିସ ଆଗରେ ଠିକାଦାରଙ୍କ ମଧ୍ୟରେ ମାଡପିଟ୍ ହୋଇଥିବା ଜଣାପଡିଛି। ସୋନପୁର ବଡ଼ବଜାରର ଠିକାଦାର ବେଣୁ ନାଏକଙ୍କୁ କେତେଜଣ ଅଣ ଠିକାଦାର ମାଡ଼ଧର କରିଥିବା ସେ ସୋନପୁର ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ଏକ ମାମଲା ରୁଜୁ କରାଯିବା ସହ ଘଟଣାର ଅନୁସନ୍ଧାନ ଜାରି ରହିଥିବା ସଦର ଥାନା ଆଇଆଇସି ଯାଦବ ବାଗ କହିଛନ୍ତି। ତେଲ ଜଳସେଚନ ବିଭାଗ ପକ୍ଷରୁ ବିନିକା ଅଞ୍ଚଳରେ ୨ ଗୋଟି ଟେଣ୍ଡର ଆହ୍ୱାନ୍ କରାଯାଇଥିଲା ବେଳେ ଜିଲ୍ଲାର ଠିକାଦାରମାନେ ଏହି କାମକୁ ଏଷ୍ଟିମେଟ୍ ରେଟ୍‌ରେ ଟେଣ୍ଡର ପକାଇଥିଲେ। ତେବେ ଏହି କାମକୁ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଅଞ୍ଚଳର ସୁଶାନ୍ତ ସ୍ୱାଇଁ ନାମକ ଠିକାଦାର ଲେସ୍ ରେଟ୍‌ରେ ପକାଇ ଟେଣ୍ଡର ହାସଲ କରିଥିବା ବେଳେ ଜିଲ୍ଲାର ଠିକାଦାରମାନେ ଏହାକୁ ବିରୋଧ କରିଥିଲେ। କାରଣ ସୁବର୍ଣ୍ଣପୁର ଜିଲ୍ଲା ଠିକାଦାର ସଂଘର ନିଷ୍ପତ୍ତି ଅନୁଯାୟୀ ବାହାର ଜିଲ୍ଲାର ଠିକାଦାରଙ୍କୁ ଜିଲ୍ଲାର ସମସ୍ତ ବିଭାଗର ଟେଣ୍ଡର କାମରେ ଅଂଶଗ୍ରହଣ କରିବାକୁ ବାରଣ କରାଯାଇଛି। ସରକାରଙ୍କ ଏଷ୍ଟିମେଟ୍ ରେଟ୍‌ରେ ଜିଲ୍ଲାର ଠିକାଦାର ଟେଣ୍ଡର ପକାଉଛନ୍ତି। ସେହିପରି ସୁବର୍ଣ୍ଣପୁର ଜିଲ୍ଲା ଠିକାଦାର ବାହାର ଜିଲ୍ଲାର ଟେଣ୍ଡର କାମରେ ଅଂଶଗ୍ରହଣ କରୁନାହାନ୍ତି। ବ୍ରହ୍ମପୁରର ସୁଶାନ୍ତ ସ୍ୱାଇଁଙ୍କ କାମକୁ ସିଲାଟି ଗ୍ରାମର ବାବୁଲୁ ବିଶି ବିଭାଗ ସହିତ ଚୁକ୍ତିନାମା କରିବା ପାଇଁ ତେଲ ଜଳସେଚନ ବିଭାଗ କାର୍ଯ୍ୟାଳୟକୁ ଆସୁଥିବା ବେଳେ ସ୍ଥାନୀୟ ଠିକାଦାର ମାନଙ୍କ ପକ୍ଷରୁ ବିରୋଧ କରାଯାଇଥିଲା। ବେଣୁ ନାଏକଙ୍କ ସହ ଜିଲ୍ଲା ଠିକାଦାର ସଂଘର ସଭାପତି ଜୟମାଧବ ମିଶ୍ର, କୁନାଲ ପ୍ରଧାନ ଓ ପ୍ରାଣବନ୍ଧୁ ଦାଶ ପ୍ରମୁଖ ଆହତ ହୋଇଥିବା ଜଣାପଡ଼ିଛି। ବୁଧବାର ଦିନ ତମାମ୍ ଜିଲ୍ଲା ଠିକାଦାର ସଂଘ ପକ୍ଷରୁ ତେଲ ଜଳସେଚନ ଅଫିସରେ ଡେରା ପକାଇଥିବା ଦେଖାଯାଇଛି। ସେପଟେ ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ଦେଖି ପୋଲିସ ମୁତୟନ କରାଯାଇଥିବା ଏସ୍‌ପି ନାରାୟଣ ନାୟକ ସୂଚନା ଦେଇଛନ୍ତି।



# ସୋନପୁର ପୌରପରିଷଦ ପକ୍ଷରୁ ୬ ସଫେଇ ଗାଡ଼ି ଶୁଭାରମ୍ଭ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ମଙ୍ଗଳବାର ଦିନ ପୂର୍ବାହ୍ନ ୧୧ଟା ସମୟରେ ସୋନପୁର ପୌରପରିଷଦ ପକ୍ଷରୁ ଓଦା ସୁଖିଲା ଅଳିଆ ଆବର୍ଜନା ସଂଗ୍ରହ ପାଇଁ ଆଠ ଗୋଟି ଯାନର ଶୁଭାରମ୍ଭ ହୋଇଥିଲା। ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ଏହାକୁ ଉଦ୍‌ଘାଟନ କରିଥିବାବେଳେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନ, ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଋଷି ମାଝୀ, ପୌରପରିଷଦ ଅଧକ୍ଷା ତାମସୀ ତାମସ୍ମିତା ନାଏକ, ବଲାଙ୍ଗିର ସାଂସଦଙ୍କ ପୌରପରିଷଦ ପ୍ରତିନିଧି ଶିବରାମ ସାହୁ, ପ୍ରାକ୍ତନ ଅଧକ୍ଷ କଇରୁ ସ୍ୱାଇଁ, କାଉନସିଲର ପୀୟୂଷ ପଣ୍ଡା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସହରକୁ ସ୍ୱଚ୍ଛତା ଅଭିଯାନ କ୍ଷେତ୍ରରେ ଏହା ସହାୟକ ହେବ ଓ ପ୍ରତି କୋଣ ଅନୁକୋଣରେ ସଧାରଣ ଲୋକଙ୍କ ସେବା ପ୍ରଦାନ ପାଇଁ ଏ ଯାନ ଗୁଡିକ ଅଭିଯାନ କରିବ ବୋଲି କହିଥିଲେ। ଏହା ସହିତ ସହରର ସମସ୍ତ ଡ୍ରେନ୍ ଓ ରାସ୍ତା ଘାଟ ସଫେଇ ରଖି ଲୋକଙ୍କୁ ମଶା ମାଛି ଦାଉରୁ ଓ ମ୍ୟାଲେରିଆ ରୋଗରୁ ମୁକ୍ତ ରଖିବାକୁ ପୌରପରିଷଦ ଅଧିକାରୀଙ୍କୁ ଅତିଥିମାନେ ପରାମର୍ଶ କରିଥିଲେ।

# ହତ୍ୟା ମାମଲାରେ ୨ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ପ୍ରାପ୍ତ ସୂଚନା ଅନୁଯାୟୀ ବୌଦ୍ଧ ଜିଲ୍ଲା ପୁରୁଣା କଟକ ଥାନା ଇନ୍ଦ୍ରପୁର ଗ୍ରାମର ଲବ ବଗର୍ତ୍ତି ହତ୍ୟା ମାମଲାରେ ଦୁଇ ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ ଆଦେଶ ଦେଇଛନ୍ତି ଜିଲ୍ଲା ଓ ଦୌରା ଜଜ୍ ପ୍ରତାପ କୁମାର ପାତ୍ର। ମିଳିଥିବା ସୂଚନା ଅନୁଯାୟୀ ପୁରୁଣା କଟକ ଥାନା ରାଜିଂ ଗ୍ରାମରୁ ଯାଇ ଶ୍ୱଶୁର ଘର ଗ୍ରାମ ଇନ୍ଦ୍ରପୁରରେ ରହୁଥିବା ଲବ ବଗର୍ତ୍ତିଙ୍କୁ ୩୦.୭.୨୦୨୦ ତାରିଖ ସନ୍ଧ୍ୟାରେ ତାଙ୍କ ଶାଶୂ ଓ ଶଳାମାନେ ପିଟି ପିଟି ମୁମୂର୍ଷୁ ଅବସ୍ଥାରେ ଗ୍ରାମର ରୁଗୁଡି ବନ୍ଧରେ ଫିଙ୍ଗିଦେଇଥିବା ଓ ସେଦିନ ବିଳମ୍ବିତ ରାତିରେ ବୌଦ୍ଧ ଡାକ୍ତରଖାନାରେ ଲବର ମୃତ୍ୟୁ ହେବାପରେ ଲବର ବାପା ପଦ୍ମଚରଣ ବଗର୍ତ୍ତି ପୁରୁଣା କଟକ ଥାନାରେ ହତ୍ୟା ଅଭିଯୋଗ କରିଥିଲେ। ଉକ୍ତ ମାମଲା ଜିଲ୍ଲା ଓ ଦୌରା ଜଜ୍‌ଙ୍କ ଅଦାଲତରେ ବିଚାର ଚାଲିଥିଲା। ମୋଟ୍ ୧୮ ଜଣ ସାକ୍ଷୀ ଓ ପୋଲିସର ଚାର୍ଜସିଟ୍ ଆଧାରରେ ଜିଲ୍ଲା ଓ ଦୌରାଜଜ୍ ଅଭିଯୁକ୍ତ ଥିବା ଲବର ଶଳା ସିପୁନ୍ ବାଘ ଓ ବିକ୍ରମ ଜାଲଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ୍ ଆଦେଶ ଦେଇଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ଅଶୋକ କୁମାର ସାହୁ ମାମଲା ପରିଚାଳନା କରୁଥିଲେ।

# ଅତ୍ୟଧିକ ଦର ବୃଦ୍ଧି ସତ୍ତ୍ୱେ ବଡ଼ା ଛତୁର ଚାହିଦା କମୁନି

**ଉମରକୋଟ/ଝରିଗାଁ, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲାର ଝରିଗାଁ ବ୍ଲକରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ବଜାରରେ ବଡ଼ା ଛତୁ ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ବଜାରରେ ଏହାର ଦର କିଲୋ ପିଛା ପ୍ରାୟ ୧୨ଶହ ଟଙ୍କା ରହିଥିବା ସତ୍ତ୍ୱେ ବଡ଼ା ଛତୁର ଚାହିଦା କମିନଥିବା ଦେଖାଯାଇଛି। ଫଳରେ ବ୍ୟବସାୟୀମାନେ ମଧ୍ୟ ଚଢ଼ା ଦରରେ ଏହାକୁ ବିକ୍ରି କରୁଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ପୂର୍ବରୁ ଜଙ୍ଗଲ ଓ ପାହାଡ଼ ଘେରା ଝରିଗାଁ ବ୍ଲକ ଅଞ୍ଚଳରେ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ବିଭିନ୍ନ ଜଙ୍ଗଲଜାତ ଖାଦ୍ୟ ସାମଗ୍ରୀ ସଂଗ୍ରହ କରି ନିଜ ପରିବାରର ଖାଦ୍ୟ ଚାହିଦା ପୂରଣ ସହ ବଜାରରେ ବିକ୍ରି କରି କିଛି ରୋଜଗାର କରୁଥିଲେ। ବର୍ଷା ଋତୁ ଆସିବା ସହିତ ଜଙ୍ଗଲ ଅଞ୍ଚଳରେ ବିଭିନ୍ନ ପ୍ରକାରର ଛତୁ, କନ୍ଦମୂଳ ଏବଂ ଅନ୍ୟାନ୍ୟ ଜଙ୍ଗଲଜାତ ଖାଦ୍ୟ ସାମଗ୍ରୀ ପ୍ରଚୁର ପରିମାଣରେ ମିଳୁଥିଲା। ଏହା ଗ୍ରାମାଞ୍ଚଳର ଲୋକଙ୍କ ଜୀବିକାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଥିଲା। ମାତ୍ର ବର୍ତ୍ତମାନ ସମୟରେ ଜଙ୍ଗଲ କ୍ଷୟ, ପରିବେଶ ଅସନ୍ତୁଳନ ଓ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଯୋଗୁ ଏହିସବୁ ଜଙ୍ଗଲଜାତ ଖାଦ୍ୟ ସାମଗ୍ରୀର ପରିମାଣ କ୍ରମାଗତ ଭାବେ କମିବାରେ ଲାଗିଛି। ଫଳସ୍ୱରୂପ ବ୍ଲକର ବିଭିନ୍ନ ଅଞ୍ଚଳରେ ପୂର୍ବପରି ଜଙ୍ଗଲ ଖାଦ୍ୟର ଉପଲବ୍ଧତା ଆଉ ଦେଖିବାକୁ ମିଳୁନାହିଁ। ଏହାର ପ୍ରଭାବ ଏବେ ସ୍ଥାନୀୟ ବଜାର ଉପରେ ମଧ୍ୟ ପଡ଼ିଛି। ସ୍ଥାନୀୟ ବ୍ୟବସାୟୀଙ୍କ ସୂଚନା ଅନୁଯାୟୀ, ଝରିଗାଁ ବଜାରରେ ବିକ୍ରି ହେଉଥିବା ବଡ଼ା ଛତୁ ମୁଖ୍ୟତଃ ଛତିଶଗଡ଼ ଜଙ୍ଗଲ ଅଞ୍ଚଳରୁ ଅଣାଯାଉଛି। ଅଧିକ ଚାହିଦା ଏବଂ ସୀମିତ ଉପଲବ୍ଧତା ଯୋଗୁ ଏହାର ଦର ଆକାଶଛୁଆଁ ହୋଇଥିବା କୁହାଯାଉଛି। ବ୍ୟବସାୟୀମାନେ ଦର କମାଇବାକୁ ରାଜି ହେଉନଥିବା ବେଳେ, ଛତୁ ପ୍ରତି ଆଗ୍ରହ ରଖୁଥିବା ଖାଉଟିମାନେ ବାଧ ହୋଇ ଚଢା ଦରରେ ଏହାକୁ କିଣୁଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକଙ୍କ ମତରେ, ଜଙ୍ଗଲ ସଂରକ୍ଷଣ ଓ ପରିବେଶ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦିଆଯାଇନଥିଲେ ଆଗାମୀ ଦିନରେ ଜଙ୍ଗଲଜାତ ଖାଦ୍ୟ ସାମଗ୍ରୀର ଅଭାବ ଭବିଷ୍ୟତରେ ଆହୁରି ଗଭୀର ହୋଇପାରେ ବୋଲି ବୁଦ୍ଧିଜୀବୀ ମହଲରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି।



# ଚୌଦ୍ୱାର ଜେଲ୍‌ରେ ପିଛା ଛାଡୁନି ବିବାଦ:ପୁରୁଷ ବନ୍ଦୀଙ୍କୁ ଯୌନ ଶୋଷଣ ଅଭିଯୋଗ

**କଟକ, ନ୍ୟୁଜ୍ ବ୍ୟୁରୋ**

ଜେଲ୍ ବିଭାଗର ପିଛା ଛାଡୁନି ବିବାଦ। ଗୋଟିଏ ବିବାଦ ନ ଥମୁଣୁ ଆଉ ଗୋଟେ ବିବାଦ ଜେଲ୍ ବିଭାଗକୁ ବଦ୍‌ନାମ୍ କରୁଛି। ଏହା କେବଳ ଜେଲ୍ ବିଭାଗ ନୁହେଁ ସରକାରଙ୍କ ଛବିକୁ ମଧ୍ୟ ମଳିନ କରୁଛି। ଏପରି ସମୟରେ ଚୌଦ୍ୱାର ଜେଲ୍‌ରେ ଜଣେ କଏଦୀଙ୍କ ଯୌନ ଶୋଷଣ ଭଳି ଅଭିଯୋଗ ଚପାଇ ଦେଇଥିବା ଚାଞ୍ଚଲ୍ୟକର ଖବର ସାମ୍ନାକୁ ଆସିଛି। ଯାହା ଜେଲ୍ ବିଭାଗର ଅଡୁଆ ବଢ଼ାଇ ଦେଇଛି। ଗୋଟିଏ ପରେ ଗୋଟିଏ ବିବାଦରେ ଛନ୍ଦି ହୋଇଥିବା ଚୌଦ୍ୱାର ଜେଲ୍ ପୁଣି କଳଙ୍କିତ। ବିଚାରଧିନ ପୁରୁଷ ବନ୍ଦୀକୁ ନିଶା ଦେଇ ଜଣେ କଏଦୀ ଅପ୍ରାକୃତିକ ଯୌନ ଶୋଷଣ କରିଥିବା ଅଭିଯୋଗ ହୋଇଛି। ଏହାଠୁ ବଳି ଚାଞ୍ଚଲ୍ୟକର ଖବର ହେଉଛି ଜେଲ୍ କର୍ତ୍ତୃପକ୍ଷ ମାମଲାକୁ ଜେଲ୍‌ର ଚାରିକାନ୍ଥ ଭିତରେ ଚାପି ଦେବାକୁ ଉଦ୍ୟମ କରୁଛନ୍ତି। ପୀଡିତ ଲିଖିତ ଅଭିଯୋଗ କରିବା ସତ୍ତ୍ୱେ ଆଜିଯାଏ ଚୌଦ୍ୱାରା ଥାନାରେ ଏତଲା ଦେଇନାହାନ୍ତି। କଡା ସୁରକ୍ଷା ବଳୟରେ ଥିବା ଚୌଦ୍ୱାର ଜେଲ୍‌ରେ ଯୌନ ନିର୍ଯାତନା ଜେଲ୍ ବିଭାଗ ପାଇଁ ଲଜ୍ୟାଜନକ ପରିସ୍ଥିତି ସୃଷ୍ଟି କରିଛି। ଅଭିଯୋଗ ମୁତାବକ ଗତ ୨୧ ତାରିଖରେ ଚୌଦ୍ୱାର ଜେଲ୍ ରୋଷେଇ ଘର ଶୌଚାଳୟରେ ଘଟିଥିଲା ଏହି କାଣ୍ଡ। ଏକ ହତ୍ୟା ମାମଲାରେ ସଜା କାଟୁଥିବା କଏଦୀ କାହ୍ନା ନାୟକ ୧୮ ବର୍ଷ ବୟସ୍କ ବନ୍ଦୀକୁ ଡାକି ନିଶା ଦେଇ ଯୌନ ଶୋଷଣ କରିଥିଲା। ଧରାପଡ଼ିବା ପରେ ଉଭୟଙ୍କ ବୟାନ ରଖାଯାଇଥିଲେ ବି ରିପୋର୍ଟ କରାଯାଇନାହିଁ। ପ୍ରଶ୍ନ ଉଠୁଛି ଏଡ଼େ ବଡ଼ ସଙ୍ଗିନ ଅଭିଯୋଗକୁ କିପରି ହାଲୁକାରେ ନେଇଗଲେ ଜେଲ୍ କର୍ତ୍ତୃପକ୍ଷ ? ଜଣେ ବିଚାରାଧୀନ ବନ୍ଦୀକୁ ମାନସିକ ନିର୍ଯାତନା, ଶୋଷଣ ଓ ତା' ମନବାଧିକାରକୁ କିପରି ଜେଲ୍ ବିଭାଗ ଲୁଚାଇବାକୁ ସାହସ କଲେ ? କାହା ନିର୍ଦ୍ଦେଶରେ ଚୌଦ୍ୱାର ଥାନାରେ ଏତଲା ନଦେଇ ଚାପି ଦିଆଗଲା ? ବାରମ୍ବାର ଜେଲ୍ ଅଘଟଣକୁ ରୋକିବାରେ ଜେଲ୍ ଉଚ୍ଚ କର୍ତ୍ତୃପକ୍ଷ ବିଫଳ ହୋଇଥିବାବେଳେ, ରାଜ୍ୟ ସରକାର ନୀରବତାକୁ ନେଇ ବରିଷ୍ଠ ଆଇନଜୀବୀ ପ୍ରଶ୍ନ ଉଠାଇଛନ୍ତି। ଜେଲ୍‌ରେ ବିବାଦ ତାଲିକା ଲମ୍ବିବାରେ ଲାଗିଛି। ଚୌଦ୍ୱାର ଜେଲ୍‌ରେ ଗ୍ୟାଙ୍ଗଷ୍ଟରଙ୍କ ଥର ଗାଡ଼ି ପସିବା ଘଟଣାରେ ଏତଲା ଦିଆଯିବ କହି ଏପର୍ଯ୍ୟନ୍ତ ଜେଲ୍ ଡିଆଇଜି କି ଅଧିକ୍ଷକ ମାମଲା କଲେନାହିଁ। ପୂର୍ବରୁ ୨ ଦୁର୍ଦ୍ଦାନ୍ତ ବନ୍ଦୀ ଚମ୍ପଟ୍ ଷଡ଼ଯନ୍ତ୍ର ପଛରେ ଜେଲ୍ ଡିଜି ଓ ଜେଲ୍ ଅଧିକ୍ଷକଙ୍କ ସଂପୃକ୍ତି ଅଭିଯୋଗ ଆଣି ଏତଲା କରିବାକୁ ଲେଖିଥିଲେ ସାଂସଦ ସୁଜିତ କୁମାର। ହେଲେ ଆଇନ୍‌ଗତ ତର୍ଜମା କରାଯିବ କହି ପୋଲିସ ଅଟକିଯାଇଛି। ଗୋଟିଏ ପରେ ଗୋଟିଏ ବିବାଦ ଜେଲ୍ ବିଭାଗ ପାଇଁ ଅଡୁଆ ହୋଇଛି। ପ୍ରଶ୍ନ ଉଠିଛି ଜେଲ୍ ଡିଜି ଏବଂ ଅଧିକ୍ଷକଙ୍କୁ ସୁରକ୍ଷା ଦେଉଛି କିଏ ? କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ରାଜ୍ୟ ସରକାର ? ଅନ୍ୟପଟେ ଗଣମାଧ୍ୟମରେ ପୁରୁଷ ବନ୍ଦୀଙ୍କୁ ଯୌନ ଶୋଷଣ ଖବର ପ୍ରସାରଣ ପରେ ଚୌଦ୍ୱାର ଆଇଆଇସି ଜେଲ୍‌କୁ ଯାଇ ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ କରିଛନ୍ତି। ପୀଡ଼ିତ ବିଚାରଧୀନ ବନ୍ଦୀଙ୍କ ସହ ସଜା କାଟୁଥିବା କଏଦୀ, ଜେଲ୍ ସର୍ଦ୍ଦାର ଏବଂ ଜେଲ୍ ଅଧିକ୍ଷକଙ୍କୁ ପଚରାଉଚରା କରାଯିବା ସହ କଏଦୀ ଫେରାର୍ ଘଟଣାରେ ଜେଲ୍ ଅଧୀକ୍ଷକଙ୍କ ଦସ୍ତାବିଜ୍ ଜାଲିଆତି ପ୍ରସଙ୍ଗରେ ମଧ୍ୟ ପଚରା ଉଚରା କରିଥିବା ଜଣାପଡ଼ିଛି। ଯୌନ ଶୋଷଣ ପ୍ରସଙ୍ଗରେ ଚୌଦ୍ୱାର କର୍ତ୍ତୃପକ୍ଷ ମାମଲା ନକରି ଚପାଇ ଦେବାକୁ ଉଦ୍ୟମ କରିଥିବା ସାମ୍ନାକୁ ଆସିବା ପରେ ତନାଘନା କରୁଛନ୍ତି ଚୌଦ୍ୱାର ଆଇଆଇସି।

32 YEARS
# ସମ୍ବାଦ କଳିକା
ଭୁବନେଶ୍ୱର, ୩ ଜୁଲାଇ ୨୦୨୬ ଶୁକ୍ରବାର





# ଚାକିରି ଦେବା ଆଳରେ ୧୦ ଲକ୍ଷ ଟଙ୍କା ଠକେଇ:ଅଭିଯୁକ୍ତ ଗିରଫ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରି, କେନ୍ଦୁଝର ସଦର ପୋଲିସ ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ, ପଣ୍ଡୁଆ ଗ୍ରାମର ଅମ୍ବୁଜ କୁମାର ଜେନାଙ୍କ ପୁଅ ସ୍ମୃତିଶେଖର ଜେନା (୩୬)ଙ୍କୁ ରେଳବାଇ ଚାକିରି ଠକେଇ ମାମଲାରେ ଗିରଫ କରିଛି। ସେ ଜଣେ ଚାକିରି ଆଶାୟୀଙ୍କ ପରିବାରକୁ ରେଳବାଇ ମହାପ୍ରବନ୍ଧକର ବ୍ୟକ୍ତିଗତ ସହାୟକ ବା ପି.ଏ. ଭାବରେ ନିଜକୁ ମିଥ୍ୟା ଭାବରେ ପରିଚୟ ଦେଇ ପୂର୍ବତଟ ରେଳବାଇରେ ଚାକିରି ପ୍ରତିଶ୍ରୁତି ଦେଇ ଠକିଥିଲେ। ତଦନ୍ତ ସମୟରେ, ଏହା ଜଣାପଡ଼ିଥିଲା ଯେ ଅଭିଯୁକ୍ତ ଅଭିଯୋଗକାରୀ ମଙ୍ଗଳ ଓରାମ (୬୧)ଙ୍କ ଝିଅକୁ ସରକାରୀ ଚାକିରି ଯୋଗାଇବାର ମିଥ୍ୟା ପ୍ରତିଶ୍ରୁତି ଦେଇ ମୋଟ୍ ୯ଲକ୍ଷ ୯୮ହଜାର ୯୭୭ଟଙ୍କା ହଡ଼ପ କରିବାକୁ ପ୍ରବର୍ତ୍ତାଇଥିଲେ। ଅଭିଯୁକ୍ତଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଦୁଇଟି ବ୍ୟାଙ୍କ ଆକାଉଣ୍ଟରେ ଏହି ଟଙ୍କା ଡିସେମ୍ବର ୨୦୨୩ରୁ ଏପ୍ରିଲ ୨୦୨୪ ମଧ୍ୟରେ ଜମା କରାଯାଇଥିଲା। ଅଭିଯୋଗକାରୀଙ୍କ ବିଶ୍ୱାସ ହାସଲ କରିବା ପାଇଁ, ଅଭିଯୁକ୍ତ ଅଭିଯୋଗକାରୀଙ୍କ ଝିଅଙ୍କ ନାମରେ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର ପଦବୀ ପାଇଁ ଏକ ନକଲି ପୂର୍ବତଟ ରେଳବାଇ ଯୋଗଦାନ ପତ୍ର ଜାରି କରିଥିବା ଅଭିଯୋଗ ହୋଇଛି। କିନ୍ତୁ କୌଣସି ନିଯୁକ୍ତି ପ୍ରଦାନ କରାଯାଇନଥିଲା ଏବଂ ଶେଷରେ ଅଭିଯୋଗକାରୀଙ୍କୁ ଠକାଯାଇଥିଲା। ତଦନ୍ତ ସମୟରେ, କେନ୍ଦୁଝର ସଦର ପୋଲିସ ନକଲି ଯୋଗଦାନ ପତ୍ର, ବ୍ୟାଙ୍କ ଜମା ସ୍ଲିପ୍ ଏବଂ କାରବାର ରେକର୍ଡ ଜବତ କରିଥିଲା। ଇଣ୍ଡିଆନ୍ ବ୍ୟାଙ୍କ ଏବଂ ୟୁକୋ ବ୍ୟାଙ୍କରୁ ଯାଞ୍ଚ ନିଶ୍ଚିତ କରିଥିଲା ଯେ ଜମା ହୋଇଥିବା ଟଙ୍କା ଅଭିଯୁକ୍ତଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା ହୋଇଛି, ଯାହାଦ୍ୱାରା ଅଭିଯୋଗଗୁଡ଼ିକୁ ପ୍ରମାଣିତ କରାଯାଇଥିଲା ଏବଂ ଆର୍ଥିକ ଟ୍ରାଏଲ୍ ପ୍ରତିଷ୍ଠା କରାଯାଇଥିଲା। ନିର୍ଭରଯୋଗ୍ୟ ଗୁଇନ୍ଦା ସୂଚନା ଉପରେ କାର୍ଯ୍ୟ କରି, ତଦନ୍ତକାରୀ ଦଳ ଅଭିଯୁକ୍ତଙ୍କୁ କେନ୍ଦ୍ରାପଡା ଜିଲ୍ଲାର ପାଟକୁରା ଥାନା ଅନ୍ତର୍ଗତ ପାଖଡ ଗ୍ରାମ ଠାରେ ଏକ ଭଡା ଘରେ ଖୋଜାଖୋଜି କରିଥିଲେ, ଯେଉଁଠାରେ ତାଙ୍କୁ ସଫଳତାର ସହ ଗିରଫ କରାଯାଇଥିଲା। ପଚରା ଉଚରା ସମୟରେ, ଅଭିଯୁକ୍ତ ଅପରାଧରେ ତାଙ୍କର ସମ୍ପୃକ୍ତି ସ୍ୱୀକାର କରିଥିଲେ। କେନ୍ଦୁଝର ସଦର ପୋଲିସ ସହିତ ଜଡିତ ସମସ୍ତ ଆଇନ୍‌ଗତ ଔପଚାରିକତା ପାଳନ କରିବା ପରେ ଅଭିଯୁକ୍ତଙ୍କୁ ଜୁନ୍ ୩୦ ତାରିଖରେ ଗିରଫ କରାଯାଇଥିଲା। ମାମଲା ନମ୍ବର ୩୬୧ ତାରିଖ ୦୧.୦୬.୨୦୨୪ ଧାରା ୪୧୯/୪୨୦/୪୬୮/୪୭୧ ଆଇପିସି ଅନୁଯାୟୀ ତାଙ୍କୁ କୋର୍ଟରେ ହାଜର କରାଯାଇ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଧିକ ତଦନ୍ତ ଜାରି ରହିଛି ଏବଂ ତଦନ୍ତ ସମାପ୍ତ ହେବା ପରେ ଚୂଡ଼ାନ୍ତ ଫର୍ମ ସକ୍ଷମ କୋର୍ଟରେ ଦାଖଲ କରାଯିବ। କେନ୍ଦୁଝର ପୋଲିସ ଚାକିରି ଠକେଇ ଏବଂ ଆର୍ଥିକ ଠକେଇରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ କଠୋର ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଛି। ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି ଯେ ଟଙ୍କା ବିନିମୟରେ ସରକାରୀ ଚାକିରି ପାଇବାକୁ ଦାବି କରୁଥିବା କାହାକୁ ବିଶ୍ୱାସ କରନ୍ତୁନାହିଁ ଏବଂ ତୁରନ୍ତ ନିକଟତମ ପୋଲିସ ଷ୍ଟେସନ୍‌ରେ ଏପରି ଠକେଇ କାର୍ଯ୍ୟକଳାପ ବିଷୟରେ ରିପୋର୍ଟ କରନ୍ତୁ ବୋଲି ସଦର ପୋଲିସ ପ୍ରକାଶ କରିଛି।

# ହାଇକୋର୍ଟରେ କୋଟିପତି ନିଶା ବେପାରୀ ରଜନୀକାନ୍ତଙ୍କ ଜାମିନ ଆବେଦନ ଖାରଜ

**କଟକ, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟର କୋଟିପତି ନିଶା ବେପାରୀ ରଜନୀକାନ୍ତ ପଟ୍ଟନାୟକଙ୍କ ଜାମିନ୍ ଆବେଦନକୁ ଖାରଜ କରିଛନ୍ତି ଓଡ଼ିଶା ହାଇକୋର୍ଟ । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ମାମଲାରେ ଜାମିନ ଆବେଦନ ଖାରଜ ହୋଇଛି। ପୂର୍ବରୁ ଜାମିନ ପ୍ରସଙ୍ଗ ନେଇ ଆବେଦନକାରୀ ସୁପ୍ରିମକୋର୍ଟରେ ଦାୟର କରିଥିବା ମାମଲା ସଂକ୍ରାନ୍ତ ତଥ୍ୟ ହାଇକୋର୍ଟରେ ଦାଖଲ ଆବେଦନରେ ଉଲ୍ଲେଖ କରିନଥିବା ଶୁଣାଣି ସମୟରେ ସ୍ପଷ୍ଟ ହୋଇଥିଲା। ତଥ୍ୟ ଲୁଚାଇବା ଅଭିଯୋଗକୁ ହାଇକୋର୍ଟ ଗୁରତ୍ୱର ସହିତ ଗ୍ରହଣ କରି ରଜନୀକାନ୍ତଙ୍କ ନିୟମିତ ଜାମିନ୍‌କୁ ଖାରଜ କରିଛନ୍ତି। ଏଥିସହିତ ଆବେଦନକାରୀଙ୍କୁ ଚାରି ସପ୍ତାହ ଭିତରେ ଓଡ଼ିଶା ରାଜ୍ୟ ଆଇନ୍‌ସେବା ପ୍ରାଧିକରଣର ଜୁଭେନାଇଲ୍ ଜଷ୍ଟିସ୍ ପାଣ୍ଠିରେ ୨୦ ହଜାର ଟଙ୍କା ଜମା କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅର୍ଥ ଜମା କରିବା ପରେ ସ୍ୱଚ୍ଛ ହସ୍ତରେ ପୁଣି ଥରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇପାରିବେ ବୋଲି ଉଚ୍ଚ ନ୍ୟାୟାଳୟ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି । ଜଷ୍ଟିସ୍ ଗୌରୀଶଙ୍କର ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ରଜନୀକାନ୍ତଙ୍କ ନିୟମିତ ଜାମିନ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ୨୦୨୧, ଅକ୍ଟୋବର ୨୧ରେ ରଜନୀକାନ୍ତଙ୍କ ଘରେ ଖଲ୍ଲିକୋଟ ଥାନା ପୋଲିସ ଚଢଉ କରି ୩୪ କିଲୋ ୯୪ ଗ୍ରାମ୍ ଗଞ୍ଜେଇ, ୧୦ କିଲୋ



୧୦ ଗ୍ରାମ୍ ଅଫିମ, ୭୫ ଲକ୍ଷ ୯ ହଜାର ଟଙ୍କା, ୮ କିଲୋ ୫୯୬ ଗ୍ରାମ୍ ସୁନା ଅଳଙ୍କାର ଓ ୨୫୩ ଗ୍ରାମ୍ ରୁପା ଜବତ କରିଥିଲା। ଏହି ଘଟଣା ପରେ ରଜନୀକାନ୍ତଙ୍କ ବିରୋଧରେ ଇଡି ମାମଲା ରୁଜୁ କରି ତଦନ୍ତ କରିଥିଲା। ୨୦୨୩, ସେପ୍ଟେମ୍ବର ୭ରେ ଇଡି ରଜନୀକାନ୍ତଙ୍କୁ ଗିରଫ କରିଥିଲା। ୨୦୨୪, ଫେବୃଆରୀ ୧୬ରେ ତାଙ୍କ ଜାମିନ ଆବେଦନ ହାଇକୋର୍ଟରେ ଖାରଜ ହୋଇଥିଲା। ପରବର୍ତ୍ତୀ ସମୟରେ ସେ ପୁଣି ୨୦୨୫ରେ ହାଇକୋର୍ଟରେ ଜାମିନ ଆବେଦନ କରିଥିଲେ। ଏହା ପୂର୍ବରୁ ୨୦୨୪ରେ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ ବିରୋଧରେ ସେ ସୁପ୍ରିମକୋର୍ଟକୁ ଯାଇଥିଲେ । ହେଲେ ଦାୟର କରିଥିବା ଆବେଦନକୁ ପ୍ରତ୍ୟାହାର କରିନେଇଥିଲେ । କିନ୍ତୁ ଏ ସମ୍ପର୍କିତ ତଥ୍ୟ ସେ ୨୦୨୫ର ଜାମିନ୍ ଆବେଦନରେ ଉଲ୍ଲେଖ କରିନଥିବା ଅଭିଯୋଗ ହୋଇଥିଲା। ଏହି ଆବେଦନର ଶୁଣାଣି କରି ଆବେଦନକୁ ଖାରଜ କରିଛନ୍ତି ହାଇକୋର୍ଟ।

## ବ୍ରଜରାଜନଗରର ୨ ବର୍ଷର ବିକାଶ ରିପୋର୍ଟ ପ୍ରକାଶ: ଅଗଷ୍ଟରୁ କନକତୋରା ଝାରସୁଗୁଡ଼ା ୪ ଥାକିଆ ରାସ୍ତା କାମ

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଝାରସୁଗୁଡ଼ା, ବ୍ରଜରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଦୁଇବର୍ଷ ମଧ୍ୟରେ କରାଯାଇଥିବା ବିକାଶମୂଳକ କାର୍ଯ୍ୟ ଓ ଜନକଲ୍ୟାଣକାରୀ ପଦକ୍ଷେପର ରିପୋର୍ଟ କାର୍ଡ ମଙ୍ଗଳବାର ଝାରସୁଗୁଡା ସର୍କିଟ୍ ହାଉସ୍‌ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବ୍ରଜରାଜନଗର ବିଧାୟକ ତଥା ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ପ୍ରକାଶ କରିଛନ୍ତି। ଏହି ଅବସରରେ ସେ ବିଭିନ୍ନ ବିକାଶ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଗଣମାଧ୍ୟମକୁ ବିସ୍ତୃତ ସୂଚନା ଦେଇଥିଲେ। ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ, ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ଥିବା କନକତୋରାରୁ ଝାରସୁଗୁଡା ପର୍ଯ୍ୟନ୍ତ ପ୍ରସ୍ତାବିତ ୪ ଥାକିଆ ରାସ୍ତା ନିର୍ମାଣ କାର୍ଯ୍ୟ ଆସନ୍ତା ଅଗଷ୍ଟ ମାସରୁ ଆରମ୍ଭ ହେବ। ସେହିପରି ଇବ୍ ନଦୀ ଉପରେ ନିର୍ମାଣାଧୀନ ଦ୍ୱିତୀୟ ସେତୁର କାମ ଶେଷ ପର୍ଯ୍ୟାୟରେ ଥିବାବେଳେ ଖୁବ୍‌ଶୀଘ୍ର ଏହାର ଲୋକାର୍ପଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ନିର୍ବାଚନ ମଣ୍ଡଳୀର ସାମଗ୍ରିକ ବିକାଶ ପାଇଁ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଭିତ୍ତିଭୂମି ସୁଦୃଢ଼ୀକରଣ, ସେବାର ମାନୋନ୍ନତି, ପ୍ରଦୂଷଣ ମୁକ୍ତ ଓ ସବୁଜ ପରିବେଶ ସୃଷ୍ଟି, ଗ୍ରାମ ଓ ସହରାଞ୍ଚଳରେ ସଡ଼କ ସଂଯୋଗର ବିସ୍ତାର, ଚାଷ ଜମିକୁ ଜଳସେଚନ ସୁବିଧା, ସ୍ଥାନୀୟ ପର୍ଯ୍ୟଟନସ୍ଥଳୀର ବିକାଶ ଏବଂ ବିଭିନ୍ନ ନଦୀ ଉପରେ ସେତୁ ନିର୍ମାଣ ଭଳି ଅନେକ ପଦକ୍ଷେପ ନିଆଯାଇଥିବା ସେ କହିଛନ୍ତି। ବ୍ରଜରାଜନଗରକୁ ଏକ ଆଦର୍ଶ ନିର୍ବାଚନ ମଣ୍ଡଳୀରେ ପରିଣତ କରିବା ପାଇଁ ସରକାର ଦୃଢ଼ ସଂକଳ୍ପବଦ୍ଧ ଥିବା ମନ୍ତ୍ରୀ ଶ୍ରୀ ପୂଜାରୀ ପୁନର୍ବ୍ୟକ୍ତ କରିଥିଲେ।

## ସୌମ୍ୟ ସ୍ୱାଇଁ ହତ୍ୟା ମାମଲା:ତିନି ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିଲା କ୍ରାଇମ୍ ବ୍ରାଞ୍ଚ

**କଟକ, ନ୍ୟୁଜ୍ ବ୍ୟୁରୋ**



ବହୁ ଚର୍ଚ୍ଚିତ ବାଲିଅନ୍ତା ସୌମ୍ୟ ସ୍ୱାଇଁ ହତ୍ୟା ମାମଲାରେ ଦୁଇ ଦିନ ରିମାଣ୍ଡରେ ଆସିଲେ ତିନି ଅଭିଯୁକ୍ତ । ପୋଲିସ ଦ୍ୱାରା ଗିରଫ ହୋଇଥିବା ୧୧ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ତିନି ଜଣ ଅଭିଯୁକ୍ତଙ୍କୁ ଦୁଇଦିନ ରିମାଣ୍ଡରେ ଆଣିବାକୁ କ୍ରାଇମ୍‌ବ୍ରାଞ୍ଚକୁ ଅନୁମତି ଦେଲେ ଏସ୍‌ଡେଜେଏମ୍ କୋର୍ଟ । ଘଟଣା ସମ୍ପର୍କରେ ଅଧିକ ତଥ୍ୟ ଆଦାୟ ଲାଗି ସେମାନଙ୍କୁ ଅଣାଯାଇଛି । ରିମାଣ୍ଡରେ ଆସିଥିବା ଅଭିଯୁକ୍ତମାନେ ହେଲେ ସ୍କାଇଲାବ୍ ପତି, ବିସ୍ମୟ ମହାନ୍ତି ଓ ପଞ୍ଚାନନ ବଡ଼ଜେନା । ପୂର୍ବରୁ ଏମାନଙ୍କୁ ମିଶାଇ ୧୧ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସୌମ୍ୟଙ୍କୁ ପିଟି ପିଟି ହତ୍ୟା ମାମଲାରେ ଆଉ କିଛି ଅଭିଯୁକ୍ତ ସମ୍ପର୍କରେ ସୁରାକ୍ ହାସଲ କରିବା ପାଇଁ, ଆଉ କିଛି ଅଭିଯୁକ୍ତ ଯେଉଁମାନେ ଧରାପଡ଼ିନାହାନ୍ତି ସେମାନଙ୍କ ପାଖରେ ପହଞ୍ଚିବା ପାଇଁ, ଭିଡିଓ ଆଧାରରେ ଆଉ କାହାର ସଂପୃକ୍ତି ଅଛି ସେମାନଙ୍କୁ ଚିହ୍ନଟ ପାଇଁ ରିମାଣ୍ଡରେ ଅଣାଯାଇଛି। ସୂଚନାଯୋଗ୍ୟ, ସୌମ୍ୟ ହତ୍ୟା ମାମଲାରେ ଏପର୍ଯ୍ୟନ୍ତ ୨୦ ଅଭିଯୁକ୍ତ ଗିରଫ ହୋଇଛନ୍ତି। ଏବେବି ଆଉ କିଛି ଅଭିଯୁକ୍ତ ଫେରାର୍ ରହିଛନ୍ତି।

# ପ୍ରବଳ ଲଗାଣ ବର୍ଷା:ବୌଦ୍ଧ ସହର ଜଳାର୍ଣ୍ଣବ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ରାତି ଠାରୁ ଲାଗିରହିଥିବା ଲଗାଣ ବର୍ଷା ଯୋଗୁ ବୌଦ୍ଧ ସହରର ବିଭିନ୍ନ ଅଞ୍ଚଳ ଜଳାର୍ଣ୍ଣବ ହୋଇପଡ଼ିଛି। ବିଶେଷକରି ବୌଦ୍ଧ ପୌରପରିଷଦ ଅନ୍ତର୍ଗତ ଶ୍ରୀରାମ ମନ୍ଦିର ପରିସର ଆଣ୍ଠୁଏ ପାଣିରେ ବୁଡ଼ିଯାଇଥିବା ବେଳେ ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ମଧ୍ୟ ବର୍ଷାଜଳ ଜମି ରହିବାରୁ ସାଧାରଣ ଜନଜୀବନ ଓ ବ୍ୟବସାୟୀମାନେ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଶ୍ରୀରାମ ମନ୍ଦିର ପରିସରରେ ଆଣ୍ଠୁଏ ପାଣି ଜମି ରହିଥିବାରୁ ଦର୍ଶନ ପାଇଁ ଆସୁଥିବା ଭକ୍ତମାନେ ଯିବାଆସିବାରେ ବହୁ ଅସୁବିଧା ଭୋଗୁଛନ୍ତି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା ନଥିବାରୁ ପ୍ରତିବର୍ଷ ବର୍ଷା ହେଲେ ଏହି ସମସ୍ୟା ଦେଖାଦେଉଛି। ସ୍ଥାୟୀ ଡ୍ରେନେଜ୍ ବ୍ୟବସ୍ଥା କରି ଏହି ସମସ୍ୟାର ସମାଧାନ କରିବାକୁ ସ୍ଥାନୀୟ ବାସିନ୍ଦାମାନେ ପୌରପରିଷଦ ପ୍ରଶାସନଙ୍କୁ ଦାବି କରିଛନ୍ତି । ସକାଳେ ମଧ୍ୟ ବର୍ଷା ଲାଗିରହିବାରୁ ବୌଦ୍ଧ ବସ୍‌ଷ୍ଟାଣ୍ଡ ଅଞ୍ଚଳ ମଧ୍ୟ ସମ୍ପୂର୍ଣ୍ଣ ଜଳାର୍ଣ୍ଣବ ହୋଇଯାଇଥିଲା। ପୌରପରିଷଦ ମାର୍କେଟ୍ କମ୍ପ୍ଲେକ୍ସର ଅନେକ ଦୋକାନ ଭିତରକୁ ବର୍ଷା ପାଣି ପଶିଯିବାରୁ ଦୋକାନୀଙ୍କ ସାମଗ୍ରୀ ଭିଜି କ୍ଷତିଗ୍ରସ୍ତ ହୋଇଛି। ଚଳିତବର୍ଷ ବସ୍‌ଷ୍ଟାଣ୍ଡ ଅଞ୍ଚଳକୁ କଂକ୍ରିଟ୍ ଓ ପେଭର ବ୍ଲକ୍ ପକାଇ ଉଚ୍ଚ କରାଯାଇଥିଲେ ମଧ୍ୟ ବର୍ଷାଜଳ ଠିକ୍ ଭାବେ ନିଷ୍କାସନ ହୋଇପାରୁନଥିବାରୁ ନିମ୍ନାଞ୍ଚଳ ଦୋକାନଗୁଡ଼ିକରେ ପାଣି ପଶି ସମସ୍ୟା ସୃଷ୍ଟି ହୋଇଛି। ଦୋକାନ ସମ୍ମୁଖରେ ନିର୍ମିତ ଟିଣ ଛପର ମଧ୍ୟ ବ୍ୟବସାୟୀଙ୍କୁ ସୁରକ୍ଷା ଦେଇପାରୁନଥିବାରୁ ସେମାନେ କ୍ଷତି ସହୁଥିବା ଅଭିଯୋଗ କରିଛନ୍ତି । ଲଗାଣ ବର୍ଷାରେ ବୌଦ୍ଧ ସହରର ବିଭିନ୍ନ ସ୍ଥାନରେ ଜଳ ନିଷ୍କାସନ ବ୍ୟବସ୍ଥାର ଦୁର୍ବଳତା ପୁଣିଥରେ ପଦାକୁ ଆସିଛି। ଏହାକୁ ଦୃଷ୍ଟିରେ ରଖି ଜଳ ନିଷ୍କାସନ ବ୍ୟବସ୍ଥାର ସ୍ଥାୟୀ ସମାଧାନ କରିବାକୁ ସହରବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି ।





## ଘାଟିରେ ବସ୍ ଦୁର୍ଘଟଣା:୧୦ରୁ ଉର୍ଦ୍ଧ୍ୱ ଗୁରୁତର

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ-କନ୍ଧମାଳ ସୀମାନ୍ତ ରାଣୀପଥର ଘାଟିରେ ଶୁକ୍ରବାର ଏକ ଭୟାବହ ସଡ଼କ ଦୁର୍ଘଟଣା ଘଟିଯାଇଛି। ଭାରସାମ୍ୟ ହରାଇ ଏକ ବରଯାତ୍ରୀ ବସ୍ ଘାଟି ବୁଲାଣିରୁ ତଳକୁ ଖସିପଡ଼ିବା ଫଳରେ ଜଣଙ୍କର ମୃତ୍ୟୁ ଘଟିଛି । ଜଣେ ମୃତକ ହେଲେ ସୁମନ୍ତ ବେହେରା (୪୧) । ତାଙ୍କ ଘର ହରଭଙ୍ଗା ପଞ୍ଚାୟତ ସୁରୁଣ୍ଡି ଗ୍ରାମର ବୋଲି ସୂଚନା ମିଳିଛି । ୧୦ ଜଣରୁ ଉର୍ଦ୍ଧ୍ୱ ବରଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ଏହାସହ ଅନେକ ଯାତ୍ରୀ ସାମାନ୍ୟ ଆହତ ହୋଇଥିବା ସୂଚନା ମିଳିଛି। ସମସ୍ତ ଆହତଙ୍କୁ ଅଗ୍ନିଶମ ବିଭାଗ ସହାୟତାରେ ଉଦ୍ଧାର କରାଯାଇ ପୁରୁଣାକଟକ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ମୁତାବକ, 'କାହ୍ନା' ନାମକ ଏକ ଘରୋଇ ବସ୍ ପ୍ରାୟ ୫୦ ଜଣ ବରଯାତ୍ରୀଙ୍କୁ ନେଇ ବୌଦ୍ଧ ଜିଲ୍ଲା ପୁରୁଣା କଟକରୁ କନ୍ଧମାଳ ଜିଲ୍ଲା ଦଡ଼କିକୁ ଯାଇଥିଲା। ସେଠାରେ ବିବାହ ଭୋଜି ଶେଷ କରି ଫୁଲବାଣୀରୁ ବୌଦ୍ଧ ଫେରିବା ସମୟରେ ରାଣୀପଥର ଘାଟି ବୁଲାଣିରେ ଚାଳକ ବସ୍ ପ୍ରତି ନିୟନ୍ତ୍ରଣ ହରାଇଥିଲେ, ଯାହାଫଳରେ ବସ୍‌ଟି ଘାଟି ତଳକୁ ଖସି ପଡ଼ିଥିଲା। ତେବେ ଏହି ସମୟରେ ପୁରୁଣା କଟକ ହସ୍ପିଟାଲ୍‌ରେ ଏକ ମାନବିକତାର ସ୍ୱତନ୍ତ୍ର ଚିତ୍ର ଦେଖିବାକୁ ମିଳିଛି। ହସ୍ପିଟାଲ୍‌ର ସମସ୍ତ ଡାକ୍ତର ପୂର୍ବରୁ କାର୍ଯ୍ୟବନ୍ଦ ଆନ୍ଦୋଳନରେ ରହିଥିଲେ ମଧ୍ୟ ଦୁର୍ଘଟଣାର ଖବରପାଇ ଆନ୍ଦୋଳନକୁ ପଛରେ ପକାଇ ଆହତଙ୍କ ଜରୁରୀକାଳୀନ ଚିକିତ୍ସା ସେବା ଯୋଗାଇ ଦେଇଛନ୍ତି। ଡାକ୍ତରଙ୍କ ଏଭଳି ମହାନତାକୁ ସ୍ଥାନୀୟ ଅଞ୍ଚଳରେ ବେଶ୍ ପ୍ରଶଂସା କରାଯାଇଛି।

## ଅବ୍ୟବସ୍ଥା ଘେରରେ ମଧ୍ୟ ଇଂରାଜୀ ବିଦ୍ୟାଳୟ:ଏବେବି ସରକାରୀ ଅନୁଦାନରୁ ବଞ୍ଚିତ

**ଧାମନଗର, ନ୍ୟୁଜ୍ ବ୍ୟୁରୋ**



ରାଜ୍ୟ ସରକାର ଶିକ୍ଷା ବ୍ୟବସ୍ଥାର ରୂପାନ୍ତରୀକରଣ ଓ 'ସ୍ମାର୍ଟ କ୍ଲାସ୍‌ରୁମ୍'ର ଘୋଷଣା କରିଥିବାବେଳେ, ଧାମନଗର ବ୍ଲକ ମୁସ୍ତଫାପୁର ପଞ୍ଚାୟତରୁ ଆସିଛି ଏକ ସାଂଘାତିକ ଅଭିଯୋଗ । ପଞ୍ଚାୟତର କାଳୀପଡିଆ ଯଜ୍ଞ ମଣ୍ଡପ ନିକଟରେ ଥିବା ଗୌରାଙ୍ଗ ସାହାଣୀ ମଧ୍ୟ ଇଂରାଜୀ ବିଦ୍ୟାଳୟ ଏବେ ଘୋର ଅବ୍ୟବସ୍ଥା ଓ ରାଜନୈତିକ ସ୍ୱାର୍ଥର ଶିକାର ହୋଇ ନିଜର ଅସ୍ତିତ୍ୱ ହରାଇବାକୁ ବସିଛି। ୧୯୯୫ ମସିହାରୁ ପ୍ରତିଷ୍ଠା ହୋଇ ଦୀର୍ଘ ୩୧ ବର୍ଷ ଅତିକ୍ରାନ୍ତ କରିସାରିଥିଲେ ହେଁ, ବିଦ୍ୟାଳୟଟି ଏ ପର୍ଯ୍ୟନ୍ତ ସରକାରୀ ଅନୁଦାନରୁ ବଞ୍ଚିତ ହୋଇରହିଛି। ସରକାରଙ୍କ ତରଫରୁ କେବଳ ସ୍ୱୀକୃତି ମିଳିଥିବା ବେଳେ ଆର୍ଥିକ ସହାୟତା ଶୂନ। ବିଦ୍ୟାଳୟରେ ମୋଟ୍ ୩ଟି ଶ୍ରେଣୀଗୃହ ରହିଛି, ଯାହା ମଧ୍ୟରୁ ଗୋଟିକରେ କାର୍ଯ୍ୟାଳୟ ଚାଲିଛି। ଆଶ୍ଚର୍ଯ୍ୟର ବିଷୟ ହେଉଛି, ଅନ୍ୟ ଏକ ଶ୍ରେଣୀଗୃହକୁ ଭଦ୍ରକ ନିୟନ୍ତ୍ରିତ ବଜାର କମିଟିକୁ ଭଡ଼ାରେ ଦେଇଦିଆଯାଇଛି। ଅଭିଯୋଗ ହେଉଛି ଯେ, ବିଦ୍ୟାଳୟର ପ୍ରତିଷ୍ଠାତାଙ୍କ ପରିବାର ଲୋକେ ଶାସକ ଦଳ ସହ ସମ୍ପୃକ୍ତ ଥିବାରୁ ନିଜର ବ୍ୟକ୍ତିଗତ କିମ୍ବା ରାଜନୈତିକ ଫାଇଦା ପାଇଁ ପିଲାଙ୍କ ଭବିଷ୍ୟତକୁ ବାଜି ଲଗାଇ ଏହି ଶ୍ରେଣୀଗୃହକୁ ଭଡ଼ା ସୂତ୍ରରେ ଟେକି ଦେଇଛନ୍ତି। ବିଦ୍ୟାଳୟ ପାଖରେ ନିର୍ମାଣାଧୀନ ମାର୍କେଟ କମ୍ପ୍ଲେକ୍ସର ଆବଶ୍ୟକୀୟ ନିର୍ମାଣ ସାମଗ୍ରୀ ଏହି ଶ୍ରେଣୀଗୃହ ଭିତରେ ରଖାଯାଉଛି। ପରିଚାଳନା କମିଟିର ଏଭଳି ଦାୟିତ୍ୱହୀନ ଓ ସ୍ୱାର୍ଥପର ମନୋଭାବ ଯୋଗୁ କୋମଳମତି ଛାତ୍ରଛାତ୍ରୀମାନେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ପାଠ ପଢୁଛନ୍ତି। ବିଦ୍ୟାଳୟର ଏହି ବ୍ୟବସାୟୀକରଣ ପାଇଁ ସ୍ଥାନୀୟ ଅଞ୍ଚଳରେ ପରିଚାଳନା କମିଟିକୁ ତୀବ୍ର ସମାଲୋଚନା କରାଯାଉଛି। ସ୍କୁଲର ଦୁଇଟି ଶ୍ରେଣୀରେ ମୋଟ୍ ୨୨ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ମାତ୍ର ଗୋଟିଏ ଶ୍ରେଣୀଗୃହ ଭଡ଼ା ଲାଗିଥିବାରୁ ବାଧ୍ୟ ହୋଇ ଉଭୟ ଷଷ୍ଠ ଓ ସପ୍ତମ ଶ୍ରେଣୀର ପିଲାଙ୍କୁ ଗୋଟିଏ ମାତ୍ର କୋଠରୀରେ ଏକାଠି ବସାଯାଉଛି। ଫଳରେ ଏଠାରେ ଏକ ଅଭାବନୀୟ ଶିକ୍ଷାଦାନ ପଦ୍ଧତି ଦେଖିବାକୁ ମିଳିଛି। ଗୋଟିଏ ପିରିୟଡ଼ରେ ଷଷ୍ଠ ଶ୍ରେଣୀ ପିଲାଙ୍କୁ ପଢ଼ାଯାଉଥିବା ବେଳେ ସପ୍ତମ ଶ୍ରେଣୀ ପିଲା ଚୁପଚାପ୍ ବସି ରହୁଛନ୍ତି ଏବଂ ଆର ପିରିୟଡ଼ରେ ସପ୍ତମ ଶ୍ରେଣୀ ପିଲାଙ୍କ ପାଠପଢ଼ା ହେଉଛି। ଏଭଳି ସ୍ଥିତିରେ ପିଲାମାନେ କେତେଦୂର ଶିକ୍ଷା ଗ୍ରହଣ କରୁଥିବେ ଏବଂ ସେମାନଙ୍କର କିପରି ବୌଦ୍ଧିକ ବିକାଶ ହେଉଥିବ, ତାହା ସହଜରେ ଅନୁମେୟ। ୧୯୯୫ ମସିହାରେ ତତ୍କାଳୀନ ପ୍ରଚଳିତ ଆଇନ୍ ଓ ସରକାରଙ୍କ ପ୍ରାକ୍ ଅନୁମତି ନେଇ ସମସ୍ତ ନିୟମ ଓ ମାନଦଣ୍ଡ ପୂରଣ ପୂର୍ବକ ଏହି ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ହେଲେ ତିନି ଦଶନ୍ଧି ବିତିଯାଇଥିଲେ ବି ସରକାର ଏହି ବିଦ୍ୟାଳୟ ପ୍ରତି ସାବତ ମା'ର ନୀତି ଆପଣାଇଛନ୍ତି। ଶିକ୍ଷା ବିଭାଗ ଓ ସରକାରଙ୍କ ଏହି ଦୀର୍ଘଦିନର ଆଖିବୁଜା ଆଭିମୁଖ୍ୟ ଯୋଗୁ ଆଜି ଏହି ଶିକ୍ଷାନୁଷ୍ଠାନଟି ମରଣାସନ୍ନ ଅବସ୍ଥାକୁ ଚାଲିଆସିଛି। ସ୍କୁଲ ପ୍ରତିଷ୍ଠା ସମୟରୁ ନିଯୁକ୍ତି ପାଇଥିବା ଶିକ୍ଷକମାନଙ୍କ ମଧ୍ୟରୁ ଏବେ ମାତ୍ର ୩ ଜଣ ଶିକ୍ଷକ ଅଛନ୍ତି। ଦୀର୍ଘ ୩୧ ବର୍ଷ ଧରି ବିନା ଦରମାରେ କାମ କରି ସେମାନେ ଆଜି ଚରମ ଆର୍ଥିକ କଷଣ ଓ ମାନସିକ ଯନ୍ତ୍ରଣା ଭିତରେ ଗତି କରୁଛନ୍ତି। ଅଧିକନ୍ତୁ, ନିଜର ଚାକିରି ବଞ୍ଚାଇବା ଏବଂ ସ୍କୁଲକୁ ସମ୍ପୂର୍ଣ୍ଣ ବନ୍ଦ ହେବାରୁ ରକ୍ଷା କରିବା ପାଇଁ ଏହି ଅଭାବୀ ଶିକ୍ଷକମାନେ ନିଜ ପକେଟ୍‌ରୁ ଟଙ୍କା ଖର୍ଚ୍ଚ କରି ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଓ ୟୁନିଫର୍ମ ଯୋଗାଇ ଦେଉଛନ୍ତି। କାରଣ ପିଲାଙ୍କୁ ମଧ୍ୟାହ୍ନ ଭୋଜନ କିମ୍ବା ଡ୍ରେସ୍ ନଦେଲେ ସେମାନେ ଆଉ ସ୍କୁଲକୁ ଆସିବେନାହିଁ କିମ୍ବା କୌଣସି ନୂଆ ପିଲା ନାମ ଲେଖାଇବେନାହିଁ। ପିଲା ସଂଖ୍ୟା ଶୂନ୍ ହେଲେ ସ୍କୁଲ ସବୁଦିନ ପାଇଁ ବନ୍ଦ ହୋଇଯିବ ଏବଂ ଭବିଷ୍ୟତରେ ସରକାରୀ ଅନୁଦାନ ପାଇ ଦରମା ପାଇବାର ଯେଉଁ କ୍ଷୀଣ ଆଶା ରହିଛି, ତାହା ମଧ୍ୟ ଧୂଳିସାତ୍ ହୋଇଯିବ। ଏହି ସମ୍ବେଦନଶୀଳ ଘଟଣା ପ୍ରତି ଜିଲ୍ଲା ପ୍ରଶାସନ ଓ ଉଚ୍ଚ ଶିକ୍ଷା କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ଶ୍ରେଣୀଗୃହକୁ ଭଡ଼ାମୁକ୍ତ କରିବା ସହ ବିଦ୍ୟାଳୟକୁ ସରକାରୀ ଅନୁଦାନ ଯୋଗାଇ ଦେବାକୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ଘୁ.ଉଦୟଗିରିରେ ହାତୀ ପରେ ଚିତା ବାଘ ଆତଙ୍କ

**କନ୍ଧମାଳ, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲାର ଘୁ. ଉଦୟଗିରିରେ ହାତୀ ଉପଦ୍ରବରୁ ମୁକୁଳି ନଥିବାବେଳେ ଏବେ ଏହାର କୁର୍ମିଙ୍ଗିଆର ରେଟୁଡ଼ିରେ ଚିତାବାଘ ଚଳପ୍ରଚଳ କରୁଥିବା ଯୋଗୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆଉ ଏକ ଭୟର ବାତାବରଣ ସୃଷ୍ଟି ହୋଇଛି। ଯାହା ସ୍ଥାନୀୟ ବାସିନ୍ଦାଙ୍କ ଚିନ୍ତା ବଢ଼ାଇ ଦେଇଛି। ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ କୁର୍ମିଙ୍ଗିଆ ଓ ରେଟୁଡ଼ି ଅଞ୍ଚଳରେ ଏକ ଚିତାବାଘ ଚଳପ୍ରଚଳ ଦେଖିବାକୁ ମିଳିଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଏବେ ଭୟର ବାତାବରଣ ସୃଷ୍ଟି ହୋଇଛି। ସୂଚନା ମୁତାବକ, ଗତ ୨୮ ତାରିଖ ରାତି ପ୍ରାୟ ୩ଟା ସମୟରେ ରେଟୁଡ଼ି ଗ୍ରାମର ଆଲୋକ ସାହୁଙ୍କ ଘର ନିକଟରୁ ପ୍ରଥମେ ଗୋଟିଏ କୁକୁରକୁ ଶିକାର କରି ନେଇଯାଇଥିଲା। ଏହାର କିଛି ସମୟ ପରେ, ପୁଣି ଏକ କୁକୁରକୁ ମୁହଁରେ ଧରି ନେଉଥିବାବେଳେ ଶ୍ରୀ ସାହୁଙ୍କ ନଜର ପଡ଼ିଥିଲା। କୁକୁରର ଚିତ୍କାର ଶୁଣି ସେ ଘରୁ ବାହାରକୁ ଆସିବାରୁ ସେ କୁକୁରକୁ ଛାଡ଼ିସେଠାରୁ ଚାଲିଯାଇଥିଲା। ଏହି ଘଟଣା ପରେ ସ୍ଥାନୀୟ ଲୋକେ ଘରୁ ବାହାରିବାକୁ ଭୟ କରୁଛନ୍ତି। ବିଶେଷକରି ସନ୍ଧ୍ୟା ପରେ ପିଲାମାନଙ୍କୁ ନେଇ ଅଭିଭାବକମାନେ ଚିନ୍ତିତ ଥିବାବେଳେ ଗୋରୁଗାଈଙ୍କ ସୁରକ୍ଷାକୁ ନେଇ ମଧ୍ୟ ଚିନ୍ତା ବଢ଼ିଛି। ତେବେ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଏ ନେଇ ବନ ବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଅଞ୍ଚଳରେ ନା ଅଛି ମାଇକ୍ ପ୍ରଚାର, ନା ଅଛି କୌଣସି ସଚେତନତା କାର୍ଯ୍ୟକ୍ରମ। ବନ ବିଭାଗର ଏଭଳି ଉଦାସୀନତାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଘଟଣାର ତଦନ୍ତ କରିବା ସହିତ ଅଞ୍ଚଳରେ ନିୟମିତ ପାଟ୍ରୋଲିଂ, ସଚେତନତା ସୃଷ୍ଟି ଏବଂ ଲୋକଙ୍କ ସୁରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ

(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)

ମୋବାଇଲ-୯୩୩୭୬୯୩୦୨୨

csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୧୨ମ ଲଗ୍ନ | ୧୧ | ୧୦ଶ ୯ରା |
| ୨ବୃଶୁବୁ | ୨୨/୧୦ | ୮ଚ |
| ୩କେ ୪ | ୫ | ୭ ୬ |

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୩।୦୭।୨୦୨୬, ଆଷାଢ଼ ଦ୧୯ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ ୫।୧୫।୦୩ ଚନ୍ଦ୍ରୋଦୟ- ରାଘ ୯।୦୩।୪୮**

ତୃତୀୟା ଦିଘ ୧୧।୨୪ ପର୍ଯ୍ୟନ୍ତ। **ଶ୍ରବଣା ନକ୍ଷତ୍ର-** ଦିଘ ୧୧।୪୮ ପର୍ଯ୍ୟନ୍ତ । **ମକର ଚନ୍ଦ୍ର-** ରାଘ ୧୨।୪୮ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । ରାଘ ୧୨।୪୮ ଗତେ ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ, କୁମ୍ଭ ରାଶିର । **ଘାତଚନ୍ଦ୍ର-** ସିଂହ ରାଶିର । ରାଘ ୧୨।୪୮ ଗତେ ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଥୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଟଳ ଦିଘ ୧୧।୨୪ ଗତେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୧୧ ଗତେ ଦିଘ ୭।୦୪ ମଧ୍ୟେ। ଦିଘ ୧୨।୧୯ ଗତେ ଦିଘ ୨।୫୮ ମଧ୍ୟେ । **ପର୍ବୋତ୍ସବ-** ଶରଣଂ ।



**ମେଷ:** ଦିନଟି ଆପଣଙ୍କର ଆନନ୍ଦଦାୟକ ହେବ। ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ। ଧନ ଲାଭ ହେବ। ଘରେ ଖୁସିର ବାତାବରଣ ରହିବ। ସାମାଜିକ ସ୍ତରରେ ପ୍ରଶଂସିତ ହୋଇପାରନ୍ତି ।



**ବୃଷ:** ଚାକିରୀ କ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପ୍ରାପ୍ତ କରିବେ। ଧର୍ମ କାର୍ଯ୍ୟ ନିମନ୍ତେ ଆଗ୍ରହ ପ୍ରକାଶ କରିପାରନ୍ତି। ରୋଜଗାରର ମାତ୍ରା ଭଲ ହେବ। ପାରିବାରିକ ଜୀବନ ସୁଖମୟ ହେବ ।



**ମିଥୁନ:** ବ୍ୟବସାୟରେ କ୍ଷତି ସହିବାକୁ ପଡ଼ିପାରେ। ମାଲିମୋକଦ୍ଦମା କ୍ଷେତ୍ରରେ ଶୁଣାଣି ବିଳମ୍ବ ହେବ। ଖର୍ଚ୍ଚର ପରିମାଣ ବୃଦ୍ଧି ପାଇବ। ପାରିବାରିକ ଦୁଶ୍ଚିନ୍ତା ମନକୁ ଭାରାକ୍ରାନ୍ତ କରିବ ।



**କର୍କଟ:** ବ୍ୟବସାୟରୁ ଆଶାତୀତ ଲାଭ ପାଇବେ। ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ଭ୍ରମଣ ସୁଖ ରହିଛି। ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବ ।



**ସିଂହ:** କର୍ମକ୍ଷେତ୍ରରେ ଉତ୍ସାହ ବୃଦ୍ଧି ପାଇବ। ଅନେକ କ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ପରୋପକାରୀ ହେବେ।



**କନ୍ୟା:** ଶତ୍ରୁ ନାଶ ହେବେ। ବନ୍ଧୁ ମିଳନ ସହିତ ସାହାଯ୍ୟ ସହଯୋଗ ମଧ୍ୟ ପ୍ରାପ୍ତ ହେବ। ରୋଜଗାର ଭଲ ହେବ। ଗୃହେ ଆନନ୍ଦ ଦେଖାଦେବ। ଅନେକ ଦିନର ଆଶା ଆପଣଙ୍କର ପୂରଣ ହେବ ।



**ତୁଳା:** ଶାରୀରିକ ଅସୁସ୍ଥତା ଅନୁଭବ କରିବେ। କୌଣସି ଏକ ଖବର ପାଇ ବିଚଳିତ ହୋଇପାରନ୍ତି। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ପାରିବାରିକ ଜୀବନରେ ଅସନ୍ତୋଷ ଦେଖାଦେବ ।



**ବିଛା:** ଅନେକ ଦିନର ଆଶା ଆପଣଙ୍କର ପୂରଣ ହେବ। ଦେବ ଦର୍ଶନ ସହିତ ଧର୍ମ କାର୍ଯ୍ୟରେ ମଧ୍ୟ ଯୋଗ ଦେବେ। ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ। ପାରିବାରିକ ଜୀବନ ସୁଖମୟ ହେବ ।



**ଧନୁ:** ବନ୍ଧୁଙ୍କ ସହଯୋଗ ପାଇ ଉପକୃତ ହେବେ। ଆମୋଦ ପ୍ରମୋଦର ସହ ଦିନଟି ବିତିବ। ବ୍ୟୟର ପରିମାଣ ବୃଦ୍ଧି ପାଇବ। ପରିବାରରେ ସୁଖ ଶାନ୍ତିର ବାତାବରଣ ରହିବ। ପରୋପକାରୀ ହେବେ ।



**ମକର:** ଶୁଭ ଖବର ପାଇ ଆନନ୍ଦିତ ହେବେ। ଆଶା କରୁଥିବା ଦିଗରୁ ଅର୍ଥ ପ୍ରାପ୍ତି ହୋଇପାରେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ମନ ଭଲ ରହିବ । ଗୃହେ ଶାନ୍ତି ଲାଭ।



**କୁମ୍ଭ:** ଦୂରଯାତ୍ରା କରି ସଫଳତା ହାସଲ କରିବେ। ବ୍ୟୟର ମାତ୍ରା ଅଧିକ ହେବ। ସାଧନାରେ ସିଦ୍ଧି ଲାଭ କରିବେ। ଘରୋଇ ଜୀବନ ଆନନ୍ଦ ଦାୟକ ହେବ। ବନ୍ଧୁ ଦର୍ଶନର ସୁଯୋଗ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ ।



**ମୀନ:** ଦିନଟି ଆପଣଙ୍କ ପାଇଁ ଲାଭଦାୟକ ହୋଇପାରେ । ବ୍ୟବସାୟ ମଧ୍ୟମ ଧରଣର ହେବ। ଆୟରେ ଉନ୍ନତି ଦେଖାଦେବ। ଘରେ ସୁଖ ଲାଭ ହେବ। ଶରୀର ସୁସ୍ଥ ରହିବ । ଭ୍ରମଣ ଯୋଗ ମଧ୍ୟ ରହିଛି ।

## ମୋବାଇଲରେ କଥା ହେଉଥିବା ବେଳେ ଟ୍ରେନ୍ ଧକ୍କା: ଯୁବକଙ୍କ ମୃତ୍ୟୁ

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଝାରସୁଗୁଡ଼ା ସହରର ସରବାହାଲ ପୁରୁଣା ରେଳ ଫାଟକ ନିକଟରେ ବୁଧବାର ଅପରାହ୍ନରେ ମୋବାଇଲ୍‌ରେ କଥା ହେଉଥିବା ବେଳେ ୨୩ ବର୍ଷୀୟ ଯୁବକଙ୍କ ପ୍ରାଣହାନି ଘଟିଛି। ମୃତକ ସରବାହାଲ ଅଞ୍ଚଳର ବିଶ୍ୱଜିତ ବାରିକ ବୋଲି ରେଲୱେ ପୋଲିସ ସୂତ୍ରରୁ ଜଣାପଡ଼ିଛି। ପୋଲିସ ସୂଚନା ଅନୁଯାୟୀ, ବୁଧବାର ଅପରାହ୍ନ ପ୍ରାୟ ୨ଟା ୩୦ ମିନିଟ୍ ସମୟରେ ବିଶ୍ୱଜିତ ମୋବାଇଲ୍ ଫୋନ୍‌ରେ କଥା ହୋଇ ସରବାହାଲ ପୁରୁଣା ରେଳ ଫାଟକ ପାର ହେଉଥିଲେ। ଏହି ସମୟରେ ଏକ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ରେଲୱେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି । କେଉଁ ଟ୍ରେନ୍ ଧକ୍କା ଦେଇଥିଲା, ସେନେଇ ରେଳ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୪।୦୭।୨୦୨୬, ଆଷାଢ଼ ଦ୨୦ନ, ଶନିବାର**

**ସୂର୍ଯ୍ୟୋଦୟ- ଘ ୫।୧୪।୨୦ ଚନ୍ଦ୍ରୋଦୟ- ରାଘ ୯।୩୮।୧୮**

ଚତୁର୍ଥୀ ଦିଘ ୧୨।୪୧ ପର୍ଯ୍ୟନ୍ତ। **ଧନିଷ୍ଠା ନକ୍ଷତ୍ର-** ଦିଘ ୧।୪୫ ପର୍ଯ୍ୟନ୍ତ । **କୁମ୍ଭ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ, କୁମ୍ଭ ରାଶିର । **ଘାତଚନ୍ଦ୍ର-** ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଏବଂ ପଞ୍ଚମୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ମୂଳା ଦିଘ ୧୨।୪୧ ଗତେ ବେଲ ଓ ପଣସ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୧୪ ଗତେ ଦିଘ ୧୨।୧୯ ମଧ୍ୟେ। ଦିଘ ୩।୧୧ ଗତେ ଦିଘ ୩।୪୯ ମଧ୍ୟେ । **ପର୍ବୋତ୍ସବ-** ଶରଣ ।

ପ୍ରଭାତୀୟ
32 YEARS
ସମ୍ବାଦ କଳିକା

# ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ ୨.୦କୁ ମିଳିଲା ସବୁଜ ସଙ୍କେତ

ଦୃଢ଼ ହେବ ଦେଶର ଚିପ୍ ଉତ୍ପାଦନ ଇକୋସିଷ୍ଟମ । ଏହି କ୍ରମରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବରେ ବାଜିଛି ବ୍ୟୟ ବିଭାଗର ମୋହର । ଅର୍ଥ ମନ୍ତ୍ରାଳୟ ଅଧୀନ ଏକ୍ସପେଣ୍ଡିଚର ଫାଇନାନ୍ସ କମିଟି(ଇଏଫ୍‌ସି) 'ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ(ଆଇଏସ୍‌ଏମ୍) ୨.୦' ଅଧୀନରେ ୧.୨୫ ଲକ୍ଷ କୋଟି ଟଙ୍କାର ଖର୍ଚ୍ଚ ସମ୍ବଳିତ ବଜେଟ୍ ପ୍ରସ୍ତାବକୁ ମଞ୍ଜୁରି ଦେଇଛି । ଏହା ଦେଶର ଘରୋଇ ଚିପ୍ ଉତ୍ପାଦନକୁ ମଜଭୁତ କରିବ ଏବଂ ଏକ ବ୍ୟାପକ ସେମିକଣ୍ଡକ୍ଟର ଇକୋସିଷ୍ଟମ ନିର୍ମାଣର ଉଦ୍ୟମ ଦିଗରେ ବଡ଼ ପଦକ୍ଷେପ । ଏ ପ୍ରସ୍ତାବ 'ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ'ର ପ୍ରଥମ ପର୍ଯ୍ୟାୟରେ ଆବଣ୍ଟିତ ୭୬,୦୦୦ କୋଟି ଟଙ୍କା ତୁଳନାରେ ଅନେକ ମାତ୍ରାରେ ଅଧିକ । ବର୍ତ୍ତମାନ ଏହାକୁ ମଞ୍ଜୁରି ପାଇଁ କେନ୍ଦ୍ର କ୍ୟାବିନେଟ୍ ନିକଟକୁ ପଠାଯିବ । ପ୍ରକାଶଯୋଗ୍ୟ, ୨୦୨୬-୨୭ କେନ୍ଦ୍ର ବଜେଟରେ 'ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ ୨.୦' ଘୋଷଣା କରାଯାଇଥିଲା । ଏହାର ଉଦ୍ଦେଶ୍ୟ ଥିଲା, ଦେଶର ସେମିକଣ୍ଡକ୍ଟର ଉତ୍ପାଦନ କ୍ଷମତାକୁ ବଢ଼ାଇବା । ଉପକରଣ, କଞ୍ଚାମାଲ, ସ୍ୱଦେଶୀ ଚିପ୍ ଡିଜାଇନ୍ ଏବଂ ମୂଲ୍ୟ ଶୃଙ୍ଖଳର ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକୁ ଫୋକସ୍ କରି କ୍ଷମତା ବଢ଼ାଇବାର ଲକ୍ଷ୍ୟ ରହିଛି । ସରକାର କହିଛନ୍ତି ଯେ, ଆଇଏସ୍‌ଏମ୍ ୨.୦ ସେମିକଣ୍ଡକ୍ଟର ଉପକରଣ ଉତ୍ପାଦନ, କଞ୍ଚାମାଲ, ସ୍ୱଦେଶୀ ବୌଦ୍ଧିକ ସମ୍ପତ୍ତି ଏବଂ ଚିପ୍ ଡିଜାଇନ୍‌କୁ ପ୍ରୋତ୍ସାହନ ଦେଇ ମଜଭୁତ ସେମିକଣ୍ଡକ୍ଟର ଯୋଗାଣ ଶୃଙ୍ଖଳ ତିଆରି କରିବା ଦିଗରେ ଭାରତର ସଂକଳ୍ପକୁ ଦର୍ଶାଉଛି । କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପୂର୍ବରୁ କହିଥିଲେ ଯେ, ମିଶନ୍‌ର ଦ୍ୱିତୀୟ ପର୍ଯ୍ୟାୟ ସ୍ୱଦେଶୀ ଚିପ୍ ଡିଜାଇନ, ଉତ୍ପାଦ ପ୍ରସ୍ତୁତି, ଇକୋସିଷ୍ଟମ ସହଯୋଗୀଙ୍କୁ ଆକର୍ଷିତ କରିବା ଏବଂ ପ୍ରତିଭା ବିକାଶ ଉପରେ କେନ୍ଦ୍ରିତ ହେବ । ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ ଅଧୀନରେ ସରକାର ପାଖାପାଖି ୧.୬୪ ଲକ୍ଷ କୋଟି ଟଙ୍କାର ନିବେଶଯୁକ୍ତ ୧୨ ସେମିକଣ୍ଡକ୍ଟର ବିନିର୍ମାଣ ପ୍ରକଳ୍ପକୁ ମଞ୍ଜୁରି ଦେଇଛନ୍ତି । ଏଥିରେ ଏକ ସେମିକଣ୍ଡକ୍ଟର ଫାବ୍ରିକେଶନ ୟୁନିଟ୍, ଦୁଇଟି କମ୍ପାଉଣ୍ଡ୍ ସେମିକଣ୍ଡକ୍ଟର ଫ୍ୟାବ୍ରିକେଶନ ୟୁନିଟ୍ ଏବଂ ୯ଟି ସେମିକଣ୍ଡକ୍ଟର ପ୍ୟାକେଜିଂ ୟୁନିଟ୍ ରହିଛି । ଡିଜାଇନ କ୍ଷେତ୍ରରେ 'ଡିଜାଇନ୍ ଲିଙ୍କ୍‌ଡ ଇନ୍‌ସେଣ୍ଟିଭ୍(ଡିଏଲ୍‌ଆଇ) ସ୍କିମ୍' ଅଧୀନରେ ୨୪ଟି ପ୍ରକଳ୍ପକୁ ସହାୟତା ପ୍ରଦାନ କରାଯାଉଛି । ୧୦୫ କମ୍ପାନିଙ୍କୁ ଆଡ଼ଭାନ୍ସଡ ଚିପ୍ ଡିଜାଇନ୍ ଟୁଲ୍‌ର ଆକ୍ସେସ୍ ମିଳିଛି ।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

#### ମାତୃତ୍ୱ

ଶ୍ରଦ୍ଧେୟ ଭକ୍ତବୃନ୍ଦ ତୁମେ ସଂସାରୀ ହୁଅ, କି ଯାହାବି ହୁଅ, ଏ ସଂସାର ଏ ପୃଥିବୀର ଅଧିକାରୀ ହେଲେ ମା କେତେ କଷ୍ଟ କେତେ ଦୁଃଖ, କେତେ ଯନ୍ତ୍ରଣା ପାଇଲେ ମଧ୍ୟ ତା ମୁଖରେ ହସଥାଏ । ସେହି ମା ତେଣୁ ହେ ସୁଧିଜନ, ହେ ସଂସାରୀ ପୃଥିବୀ ଓ ଆକାଶ ଠାରୁ ବି ମା ବଡ । ତେଣୁ ଏହି ବଡ ସହିତ ତାଳ ମିଳାଇ କିପରି ଚାଲିବ । ସେଥିପ୍ରତି ତ୍ୟାଗ ରହିବା ହେଉଛି ତୁମର ପ୍ରଥମ କର୍ତ୍ତବ୍ୟ । ତେଣୁ ହେ ଭକ୍ତ, ହେ ଶିଷ୍ୟ, ସେ ସଂସାରୀ ପ୍ରଥମେ ନାରୀକୁ ସମ୍ମାନ ଦେବା ଶିଖ । ଦେଖିବ ତୁମର ସଂସାର କେତେ ସୁନ୍ଦର ହୋଇଯିବ । ପ୍ରକୃତ ସଂସାରର ମାଳି ହିଁ ନାରୀ । ସେ ନଥିଲେ ସଂସାର ନାହିଁ । ସେ ନଥିଲେ ସୁଖ ନାହିଁ । ସେ ନଥିଲେ ପୁରୁଷର ସତା ବି ନାହିଁ । ତାହେଲେ କାହାପାଇଁ ଏ ପୁରୁଷତ୍ୱ ତେଣୁ ହେ ସୁଧିଜନ ପ୍ରଥମେ ତୁମେ ସଙ୍କଳିତ ମନରେ ତୁମର ସ୍ତ୍ରୀକୁ ପ୍ରଥମେ ମାତୃତ୍ୱର ସମ୍ମାନ ଦେବା ଶିଖ । କାରଣ ସେ ସିନା ତୁମର ସ୍ତ୍ରୀ ପୁଣି କାହାର ତ ମା ତେଣୁ ସନ୍ତାନ ବତ୍ସଳା ମାକୁ ହାତାଦାର କାରଣ ଶୀହନ ତୁମେ ହୋଇଯିବ । ତେଣୁ ନାରୀ ହିଁ ସୃଷ୍ଟି, ନାରୀ ହିଁ ମା, ତେଣୁ ହେ ମାନବ ସାବଧାନ ନଚେତ୍ ଠକିଯିବ । ହରି ଓଁ ।

#### ଶ୍ରେଷ୍ଠ

ଶ୍ରଦ୍ଧେୟ ଭକ୍ତବୃନ୍ଦ ଭଗବାନ ଯେତେବେଳେ ଭକ୍ତକୁ ହେଉ କି ଶିଷ୍ୟକୁ ହେଉ ଶ୍ରେଷ୍ଠରୁ ଶ୍ରେଷ୍ଠତର ସୋପାନକୁ ନେବାକୁ ଚାହାଁନ୍ତି ସେତେବେଳେ ଶିଷ୍ୟ ହେଉକି ଭକ୍ତ ହେଉ ତାକୁ ଗରିଷ୍ଠରୁ ଗରିଷ୍ଠତାର କଷ୍ଟକୁ ଭୋଗ କରିବାକୁ ପଡିଥାଏ । ଏହାହିଁ ଭକ୍ତ ଭଗବାନଙ୍କର ମିଳନକୁ ଦୃଢିଭୂତ କରିଥାଏ । ବିଶ୍ୱାସର ପ୍ରତ୍ୟେକ ନିଶ୍ୱାସକୁ ସେ ଅନୁଭବ କରିଥାଏ । ତାପରେ ଯାଇଁ ସେ ଆତ୍ମ ଉପଲବ୍ଧି ପାଇ ସମାଜର ଶ୍ରେଷ୍ଠତର ସୋପାନକୁ ଅଲଙ୍କୃତ କରି ଜନ ସମାଜକୁ ସୃଷ୍ଟିର ତତ୍ତ୍ୱ ପ୍ରଦାନ କରି ଈଶ୍ୱରଙ୍କ ପ୍ରତ୍ୟେକ ରେଣୁକୁ ପ୍ରତ୍ୟେକ ଅଣୁକୁ ଜନ ସମାଜରେ ନିଷ୍ଠାର ସହିତ ପ୍ରତିପାଦିତ କରି ବିଶ୍ୱାସର ଅମୃତକୁ ଜନ ସମାଜରେ ଦେଇ ଭଗବତ୍ ପ୍ରାପ୍ତିର କୌଶଳତାକୁ ରହସ୍ୟାବୃତ ନକରି ସରଳୀକରଣ କରିଥାଏ । ସେ ହିଁ ପ୍ରକୃତ ଭକ୍ତ ଅଥବା ପ୍ରକୃତ ଶିଷ୍ୟ । ତେଣୁ ହେ ଭକ୍ତ ଯିଏ ଶ୍ରେଷ୍ଠତାକୁ ହାଲକାରେ ବିଚାରକୁ ନିଏ । ସେ ହିଁ ଈଶ୍ୱରଙ୍କର ଘନିଷ୍ଠ । ସେହିଁ ଈଶ୍ୱରଙ୍କର ଆତ୍ମା ସେହିଁ ପରମାତ୍ମାଙ୍କ ବିଭୂତି । ସେ ହିଁ ସମାଜର ଆଧାର । ତେଣୁ ହେ ଭକ୍ତ ପ୍ରତ୍ୟେକ ଭକ୍ତର ଭକ୍ତି ହିଁ ଶ୍ରେଷ୍ଠତାର ସିଡି,ତେଣୁ ସମୟ ନଷ୍ଟ ନକରି ନିଜର ପରିଚୟ ସମାଜରେ ଆବୃତ କରିବା ହେଉଛି ଭକ୍ତର ଧର୍ମ ମାନବର ଧର୍ମ,ଶିଷ୍ୟର ଧର୍ମ,ନଚେତ୍ ସବୁ ବୃଥା । ହରି ଓ

# ମହାପ୍ରଭୁଙ୍କ ଅଣସରରେ ପଟିଦିଅଁ ପୂଜା ଓ ନେତ୍ରୋତ୍ସବ



ପ୍ରସନ୍ନ କୁମାର ମିଶ୍ର
ପୁରୀ-୨
ମୋ - ୮୦୧୮୮୭୫୩୩୫

ପବିତ୍ର ସ୍ନାନ ପୂର୍ଣ୍ଣିମା ଅବସରରେ ଶ୍ରୀ ମନ୍ଦିରରେ ବିରାଜିତ ତିନି ଠାକୁର ସ୍ନାନ ମଣ୍ଡପରେ ଶହେ ଆଠଗରା ଜଳରେ ସ୍ନାନ ଫଳରେ ଅସୁସ୍ଥ ହୋଇ ଅଣସରରେ ୧୫ ଦିନ ରହି ଚିକିତ୍ସିତ ହୋଇଥାଆନ୍ତି । ଏହା ଏକ ଗୁପ୍ତ ସେବା ହୋଇଥିବାରୁ ସଂପୃକ୍ତ ସେବକଙ୍କ ବ୍ୟତିତ ଅନ୍ୟ କେହି ମହାପ୍ରଭୁଙ୍କ ଦର୍ଶନ ପାଇ ପାରିବେ ନାହିଁ । ଏହି ପନ୍ଦର ଦିନ ଭକ୍ତମାନେ ଅଣସର ପିଣ୍ଡି (କଳାହାଟ ଦ୍ୱାର ଓ ଭିତର କାଠ ଅଞ୍ଚଳ) ସମ୍ମୁଖରେ ଶ୍ରୀ ବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀ ଜଗନ୍ନାଥଙ୍କୁ ଯଥାକ୍ରମେ ଶ୍ରୀ ଅନନ୍ତ ,ଭୁବନେଶ୍ୱରୀ ଓ ଶ୍ରୀନାରାୟଣ ରୂପରେ 'ପଟି ଠାକୁର' ଭାବରେ ପୂଜା ପାଇବେ । ଏହି ତିନି ଠାକୁରଙ୍କ ବ୍ୟତିତ ଅନସର ତାଟି ନିକଟରେ ବଡ ଠାକୁରଙ୍କ ସମ୍ମୁଖରେ ଦୋଳ ଗୋବିନ୍ଦ, ରାମ ଓ ନୃସିଂହ, ମଝିବାଡରେ ଲକ୍ଷ୍ମୀ ଓ ସରସ୍ୱତୀ ଏବଂ ଶ୍ରୀ ଜଗନ୍ନାଥଙ୍କ ବାଡରେ ମଦନ ମୋହନ ଓ ଶ୍ରୀ କୃଷ୍ଣ ଏହି ଦଶ ଦିଅଁ ରହି ପୁଜିତ ହୋଇଥାଆନ୍ତି । ଏହି ପଟଚିତ୍ର ଗୁଡିକ ରୁକ୍ମିଣୀହରଣ ଏକାଦଶୀ ଦିନଠାରୁ ପୁରୀ ଚିତ୍ରକାର ସାହିସ୍ଥ ପାରମ୍ପରିକ କୁଶଳୀ ଚିତ୍ରକାର ସେବକ ମାନଙ୍କ ଦ୍ୱାରା ତିଆରି ହୋଇ ଦେବସ୍ନାନ ପୂର୍ଣ୍ଣମା ଦିନ ଘଣ୍ଟ ଛତା କାହାଳୀ ଓ ବାଜା ପଟୁଆରରେ ସେମାନଙ୍କ ବାସଭବନ ଠାରୁ ଅଣାଯାଇଥାଏ । ପୂର୍ଣ୍ଣିମାର ଗଭୀର ରାତ୍ରୀରେ ଠାକୁର ମାନେ ସ୍ନାନ ଯାତ୍ରାରୁ ବାହୁଡା ବିଜେ କରି ରତ୍ନ ସିଂହାସନକୁ ନ ଯାଇ ଅନସର ପିଣ୍ଡିଠାରେ ବିଶ୍ରାମ ନେବାପରେ, ସେମାନଙ୍କ ସମ୍ମୁଖରେ ପଟଚିତ୍ର ଗୁଡିକୁ ଅଣସର ତାଟିରେ ଖଂଜି ଦିଆଯାଏ । ଏହି ପଟିଦିଅଁ ମାନଙ୍କ ଠାରେହିଁ ଅଣସର ସମୟରେ ଅନ୍ନ ମହାପ୍ରସାଦ (ଅଭଡା ) ଭୋଗ କରାଯାଇ ଥାଏ ।

ପଟଚିତ୍ର ଗୁଡିକରେ କେବଳ ପାରମ୍ପରିକ ରଙ୍ଗ ଯଥା ; ନାଲି ପାଇଁ ହେଙ୍ଗୁଳ, ଧଳା ପାଇଁ ଶଙ୍ଖ, ହଳଦିଆ ପାଇଁ ହରିତାଳ, କଳା ରଙ୍ଗ ପାଇଁ ଘିଅଦୀପର କଳା ଓ ଡାଉ ରଙ୍ଗ ପାଇଁ ଗେରୁ ପଥର ବ୍ୟବହାର କରାଯାଇ ଥାଏ । ଶ୍ରୀ ଅନନ୍ତ (ଶ୍ରୀ ବଳଭଦ୍ର)ଙ୍କ ପଟିରେ ପ୍ରଭୁ ପଦ୍ମାସନରେ ବିରାଜିତ ହୋଇ



ଶ୍ରୀ ଅନନ୍ତ ବାସୁଦେବ (ବଳଭଦ୍ର)



ଶ୍ରୀଭୁବନେଶ୍ୱରୀ (ଦେବୀ ସୁଭଦ୍ରା)



ଶ୍ରୀନାରାୟଣ (ଶ୍ରୀ ଜଗନ୍ନାଥ ମହାପ୍ରଭୁ)

ସପ୍ତଫେଣୀ ନାଗ ଧାରଣ କରିଥାନ୍ତି । ଚାରିଭୁଜରେ ଶଙ୍ଖଚକ୍ର ସହିତ ହଳ ମୂଷଳ ରହିଥାଏ । ମଝି ବାଡରେ (ସୁଭଦ୍ରା ) ପଦ୍ମାସନରେ ବସି ଦୁଇ ହାତରେ ଅଭୟ ଓ ବରଦ ମୁଦ୍ରା ଧାରଣ କରି ଥାଆନ୍ତି । ଦୁଇ ପାଖରେ ଆଲଟ ଚାମର ଧରି ଜୟା ଓ ବିଜୟା ରହି ଥାନ୍ତି । ଶ୍ରୀ ନାରାୟଣ (ଜଗନ୍ନାଥ)ଙ୍କ ପଟିରେ ସ୍ୱୟଂ ନାରାୟଣ ପଦ୍ମାସନରେ ବସିଥାନ୍ତି । ଚାରି ହାତରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ସହିତ ବକ୍ଷରେ ଶ୍ରୀବତ୍ସ ଚିହ୍ନ ଓ କୌସ୍ତୁଭ ମଣି ଶୋଭା ପାଉଥାଏ । ଉଭୟ ପାର୍ଶ୍ୱରେ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ସହିତ ସପ୍ତରୁଷି ଠିଆ ହୋଇ ଥାଆନ୍ତି ପଟିଦିଅଁଙ୍କୁ ପଟବ୍ରହ୍ମ କୁହାଯାଏ ॥

ଅଣସର ସମାପ୍ତିରେ 'ଅଣସର ଚତୁର୍ଦ୍ଦଶୀ' ଦିନ ଶ୍ରୀ ଜୀଉଙ୍କର ଶେଷ ଗୁପ୍ତନୀତି 'ଚକା ଅପସରଲାଗି' ଅନୁଷ୍ଠିତ ହୋଇଥାଏ । ପରଦିନ ଅମାବାସ୍ୟା ତିଥି ପ୍ରାତଃ କାଳରେ 'ଅଣସର ତାଟି' ଠାରେ ଥିବା 'ପଟି ଦିଅଁ' ସମେତ ଦଶ ଅବତାର ଠାକୁର ମାନଙ୍କ ମଙ୍ଗଳ ଆଳତି ଓ ଅବକାଶ ବଢିବା ପରେ ଖଟରେ ବିଜେ କରିଥିବା ବିଜେ ଠାକୁରଙ୍କ ମଧ୍ୟରୁ ପାଞ୍ଚ ପ୍ରତିମା ମଦନ ମୋହନ, ରାମ, କୃଷ୍ଣ, ଲକ୍ଷ୍ମୀ ଓ ସରସ୍ୱତୀ ଦକ୍ଷିଣୀ ଘରକୁ ଓ ଶ୍ରୀଦେବୀ ,ଭୂଦେବୀଙ୍କୁ ଖଟଶେଜ ଘରକୁ ନିଆଯାଏ । ମଣ୍ଡଣ ପଟିରେ ଥିବା ତିନି ଦିଅଁ (ଶ୍ରୀ ଅନନ୍ତ , ଭୁବନେଶ୍ୱରୀ ଓ ଶ୍ରୀ ନାରାୟଣ)ଙ୍କୁ ବିମଳା ମନ୍ଦିର କଡରେ ଥିବା ମଣ୍ଡଣି ଘରକୁ ନିଆଯିବା ପରେ ଖଟ ବାହାରକୁ କଢାଯାଇ ଥାଏ । ଏହାପରେ ଅଣସର ତାଟି ଫିଟାଯାଇ ଭିତରେ ପାଣିପଡି ପୋଛାମରା ହେଲେ ପ୍ରଥମେ ସେବକମାନେ ଓ ପରେ ପରେ ସର୍ବସାଧାରଣ ମହାପ୍ରଭୁଙ୍କୁ ଦର୍ଶନ କରିଥାନ୍ତି ।

ଦର୍ଶନ ପରେ ଭିତର ପହଁରାଯାଇ ଚୂନପାଣି ପଡେ । ଏହାପରେ ପ୍ରଭୁଙ୍କ 'ନେତ୍ରୋତ୍ସବ' ନୀତି ଅନୁଷ୍ଠିତ ହୁଏ । ପ୍ରଥମେ ତିନୋଟି ରୂପା ପିଙ୍ଗଣରେ ଚନ୍ଦନ ବିଜେ ହୋଇ ଆସିଲେ ପତି ମହାପାତ୍ର ସେବକ ତାହାକୁ ସଂସ୍କାର କରିବା ପରେ ଦଇତା ପତି ସେବକ ମାନେ ଠାକୁର ମାନଙ୍କୁ ଚନ୍ଦନ ଲାଗି କରି ଥାଆନ୍ତି । ବର୍ଷରେ ଏହି ଗୋଟିଏ ଦିନ ଦଇତା ମାନେ ଏହି ସେବା କରିବାର ସୁଯୋଗ ପାଇଥାଆନ୍ତି । ବେଶ ଓଲାଗି ହେବାପରେ ତିନିଠାକୁରଙ୍କୁ ନଅ ଖଣ୍ଡ ଓ ସୁଦର୍ଶନଙ୍କୁ ଏକ ଖଣ୍ଡ, ଏହିପରି ଦଶଖଣ୍ଡ ନୂଆ ବୋଇରାଣୀ ଲୁଗା ଲାଗି କରାଯାଏ । ପତି ମହାପାତ୍ର ଅକ୍ଷତ (ଅଖଣ୍ଡିଆ ଅରୁଆ ଚାଉଳ), କର୍ପୂର ଆଳତି, ସାତବତୀ, ସଂଜବତୀ ଓ ସଂଜକାହାଳୀ ବନ୍ଦାପନା କରନ୍ତି । ପୂର୍ବରୁ ଦତ୍ତ ମହାପାତ୍ର ସେବକ ମାନଙ୍କ ଦ୍ୱାରା ରୁପା ବଟାରେ 'କଳା' ପ୍ରସ୍ତୁତ ହୋଇ ରହିଥାଏ । ତିନିଜଣ ପୂଜାପଣ୍ଡା ସେବକ ତିନିଗୋଟି କାଠିରେ ତିନିଠାକୁରଙ୍କର 'ଶ୍ରୀ ନେତ୍ରଲାଗି' କରନ୍ତି । ନାନା ବାଦ୍ୟ ଧ୍ୱନିର ମହୋତ୍ସବ ମଧ୍ୟରେ 'ତଳକ୍ଷୁ' ମନ୍ତ୍ରରେ ତିନି ଠାକୁରଙ୍କର ନେତ୍ରପଦ୍ମରେ ଦୁଇଟି ଲେଖାଏଁ ନେତ୍ର ପ୍ରଦାନ କରାଯାଇ ଥାଏ । ଏହାପରେ ବନ୍ଦାପନା ହୁଏ । ମୁଦିରସ୍ତ ସେବକ ନିଉଛାଣି ହୋଇ ଦଣ୍ଡ ପ୍ରଣାମ କରନ୍ତି ଓ ତିନି ବାଡ 'ରାଜନୀତି'ରେ ସୁବର୍ଣ୍ଣ ଆରତି ଦାନିରେ କର୍ପୂର ବସାଇ ମୁଦିରସ୍ତ ଆଳତି କରିଥାଆନ୍ତି । ଏହି ସମୟରେ ସୁନା ଆଲଟ ଓ ସୁନା ଚାମର ପଡୁଥାଏ । ପାଳିଆ ଖୁଣ୍ଟିଆ ରୂପା ପିଙ୍ଗଣରେ ରଖିଥିବା ଶୁକ୍ଳ ପୁଷ୍ପ ଠାକୁର ମାନଙ୍କୁ ଅର୍ପଣ ହୁଏ । ପାଳିଆ ସେବକମାନଙ୍କ ମଣିମା ମଣିମା ଡାକ ପଡୁଥିବା ବେଳେ ଅଖଣ୍ଡ ମେକାପ ସେବକ ବଇଠା ଧରି ଠିଆ ହୋଇ ରହିଥାନ୍ତି । ମୁଦିରସ୍ତ ସେବକ ତିନି ଠାକୁରଙ୍କୁ ଦହିପତି (ସାକର ମିଶା ଓଳିଏ ଦହି ମଣୋହି କରାନ୍ତି । ମହାସ୍ନାନ ପରେ ଶ୍ରୀଅଙ୍ଗରେ ଶାନ୍ତି ଜଳ ସିଂଚନ କରାଯାଏ । ଏହାପରେ ସର୍ବାଙ୍ଗଚନ୍ଦନ ଲାଗି ଓ ବେଶ ପରେ ଘଂଟ ଛତା କାହାଳି ଓ ବାଜା ସହ ସକାଳ ଧୂପ ଭୋଗ ପୂଜା ଅନୁଷ୍ଠିତ ହୁଏ । ଏହାହିଁ ଶ୍ରୀ ଜଗନ୍ନାଥଙ୍କର ନେତ୍ରୋତ୍ସବ ।

# ତଥାପି ଆମେ ବଞ୍ଚିଛୁ



ବିଷ୍ଣୁ ପ୍ରସାଦ ଦାସ
ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା,
କଟକ-୭୫୩୦୦୯
ମୋ : ୯୯୩୭୧୭୪୦୯୭

ମନରେ ଅସମାହିତ ପ୍ରଶ୍ନ ଉଠେ ଯାହାର ଉତ୍ତର ଖୋଜି ବାହାର କରିବା କଷ୍ଟକର ବ୍ୟାପାର । ଆମେ ଯଦି ରାଜନୀତି ଆଡ଼କୁ ଯିବା ତେବେ....ଯେଉଁମାନେ ଦିବା ସ୍ୱପ୍ନ ଦେଖାଇ ଜନତାଙ୍କ ଭୋଟ୍ ପାଇ ନିର୍ବାଚିତ ହେଲେ, ସେମାନେ ଆମ ନେତା ଆମ ସେବକ ଭାବେ ନିଜକୁ ପ୍ରତିପାଦିତ କଲେ । ଯଦିଓ ତାହା ଶତ ପ୍ରତିଶତ ସତ୍ୟ ନୁହେଁ, କେବଳ ଛଳନା ବୋଲି ଜନତା ଅନୁଭବ କଲେଣି । ସେମାନେ ଦଳୀୟ ବହୁମତରେ ଶାସନ ଗାଦିରେ ଅଧିଷ୍ଠିତ ହେଲେ, ସରକାର୍ ଗଢ଼ିଲେ କିନ୍ତୁ ସବୁ ପ୍ରତିଶ୍ରୁତି ଭୁଲିଗଲେ । ବୁଝି ହୁଏନା ଗଣତନ୍ତ୍ର ଶାସନରେ ସେମାନଙ୍କ ଉଚ୍ଚାରଣ ଏବଂ ଆଚରଣ ଅଲଗା କାହିଁକି ହୋଇ ଯାଉଛି ? ଜନତା କାହିଁକି ପ୍ରବଞ୍ଚନାର ଶିକାର ହେଉଛନ୍ତି ? ଟିକସ ଉପରେ ଟିକସ ଦେଇ ଦେଇ ନୟାନ୍ତ ହେଉଛନ୍ତି ? ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ମୂଲ୍ୟ ଆକାଶ ଛୁଆଁ କାହିଁକି ହୋଇ ଯାଉଛି ? ବେକାରୀ ସମସ୍ୟା, ଶିକ୍ଷା ସ୍ୱାସ୍ଥ୍ୟ ପାନୀୟ ଜଳର ସୁପରିଚାଳନା ପାଇଁ ଆଉ କେତେ ବର୍ଷ ଆମକୁ ଅପେକ୍ଷା କରିବାକୁ ପଡିବ ? ସରକାର୍ ବଦଳେ, ଦଳ ବଦଳେ କିନ୍ତୁ ଜନତା ଯଥା ପୂର୍ବଂ ତଥା ପରଂ ସରକାରୀ ନିୟମ କାନୁନ୍ ଭିତରେ ପେଶୀ ହୋଇଯାଏ । ଗଣତାନ୍ତ୍ରିକ ବ୍ୟବସ୍ଥାରେ ... ଜନତାଙ୍କ ପାଇଁ, ଜନତାଙ୍କ ଦ୍ୱାରା, ଜନତାଙ୍କର ସରକାର୍ ଏବେ ଓଲଟା ହୋଇ ଯାଇଛି ବୋଲି ହୃଦବୋଧ ହୁଏ । ତଥାପି ଜୀବନ ସଂଗ୍ରାମର ଆହ୍ୱାନ ଭିତରେ ଆମେ ବଞ୍ଚିଛୁ ।

କିଛି ଦିନ ପୂର୍ବରୁ ଭାରତର ୫ ଗୋଟି ରାଜ୍ୟରେ ନିର୍ବାଚନ ହେଲା । ବିଭିନ୍ନ ରାଜନୈତିକ ଦଳ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଲୋଭନୀୟ ଯୋଜନା ଗୁଡିକର ସୁନେଲି ସ୍ୱପ୍ନ ଦେଖାଇ ଭୋଟ୍ ନେଇ ଗଲେ । କିଛି ରାଜ୍ୟ କିଛି ମାତ୍ରାରେ ପ୍ରତିଶ୍ରୁତି ପାଳନ କରୁଛନ୍ତି ବୋଲି ବହୁଳ ପ୍ରଚାରିତ ହେଉଛି । ତେବେ ସତ୍ୟାସତ୍ୟ ଜାଣିବାକୁ ଆଉ କିଛି ଦିନ ଅପେକ୍ଷା କରିବାକୁ ପଡିବ । ତେବେ କଥା ଉଠେ ପ୍ରତିଶ୍ରୁତି ପାଳନ ପାଇଁ ଅର୍ଥ କେଉଁଠୁ ଆସିବ ? ଦଳୀୟ ପାଣ୍ଠିରୁ ନା ରାଜକୋଷରୁ ? ପରୋକ୍ଷରେ ଜନତାଙ୍କ ଟିକସ ଟଙ୍କା ଜନତାଙ୍କୁ ଦେଇ ସମ୍ପୃକ୍ତ ଦଳ କାହିଁକି ବାଃ ବାଃ ନେବ ? ମେଣ୍ଢାଙ୍କ ଲୋମ ନେଇ ସେଥିରୁ କମ୍ବଳ ତିଆରି କରି ମେଣ୍ଢାଙ୍କୁ ବାଣ୍ଟିବା ପରି କଥା ହେଲା । ଯେଉଁ ରାଜ୍ୟରେ ପ୍ରତିଦିନ ଲୁଣ, ଲଙ୍କା, ପିଆଜ ଦେଇ ପଖାଳ ଖାଇ ଗରିବ ଆଦିବାସୀ ଖଟିଖିଆ ବଞ୍ଚିବାର ସଂଗ୍ରାମ ଜାରି ରଖିଥାନ୍ତି, ସେହି ରାଜ୍ୟରେ ପଖାଳ ଦିବସ ଶତାଧିକ କୋଟି ଟଙ୍କା ବିନିମୟରେ ପାଳିତ ହୁଏ । ନା କେହି ବିରୋଧ କରନ୍ତି ନା କେହି ଉପଦେଶ ଦିଅନ୍ତି । ଏହା ନିଶ୍ଚିତ ଭାବେ ସରକାରୀ ସ୍ତରରେ ଆଧୁନିକ ଓଡ଼ିଆଙ୍କ ପାଇଁ ଅସ୍ମିତାର ବିଷୟ ବୋଲି ଧରି ନେବାକୁ ହେବ । ଯେଉଁ ରାଜ୍ୟରେ ମା' ଭଉଣୀ ମାନେ ଗରା, ହାଣ୍ଡି ମାଠିଆ ମୁଣ୍ଡେଇ ପାନୀୟ ଜଳ ପାଇଁ ମାଇଲ୍ ମାଇଲ୍ ବାଟ ଯାଆନ୍ତି, ଦାଦନ ଖଟିବାକୁ ଛୁଆ ପିଲା ଧରି ଅନ୍ୟ ରାଜ୍ୟରେ ବନ୍ଧା ପଡନ୍ତି ସେହି ରାଜ୍ୟରେ ଦଳୀୟ ପ୍ରଚାର ପାଇଁ, ପ୍ରୋଟୋକଲ ପାଇଁ, କେନ୍ଦ୍ରକୁ ସନ୍ତୁଷ୍ଟି ପାଇଁ, କୋଟି କୋଟି ଟଙ୍କାର ଅପବ୍ୟୟ ହୁଏ । ତଥାପି ଜୀବନ ସଂଗ୍ରାମର ଆହ୍ୱାନ ଭିତରେ ଆମେ ବଞ୍ଚିଛୁ ।

ସତ କହିବାକୁ ଗଲେ କାହାରି ଆଚରଣ ଏବଂ ଉଚ୍ଚାରଣ ଭିତରେ ସାମଞ୍ଜସ୍ୟତା ଦେଖିବାକୁ ମିଳେ ନାହିଁ । ମିଥ୍ୟା ଆଭିଜାତ୍ୟର ଦ୍ୱାହି ଦେଇ, ସୁରକ୍ଷାର ଦ୍ୱାହି ଦେଇ ଦେଶବାସୀଙ୍କୁ ଅଣ ଦେଖା କରାଯାଉଛି । ଦେଶବାସୀ କର୍ମରେ ବିଶ୍ୱାସ ରଖନ୍ତି ଭାଷଣରେ ନୁହେଁ କିମ୍ବା ମାଗଣା ପାଇବା ଆଶାରେ ନୁହେଁ । ଜନହିତକର କାର୍ଯ୍ୟ ବଦଳରେ ସାରଗର୍ଭକ ଭାଷଣ ଦେଇ ନେତା ମାନେ କ'ଣ ପ୍ରମାଣିତ କରିବାକୁ ଚାହାଁନ୍ତି ? ରାତାରାତି ରୋମ୍ ନଗରୀ ଗଢ଼ି ଦେବେ ନା ରାମ ରାଜ୍ୟର ସବୁ ସୁବିଧା ଯୋଗାଇ ଦେବେ ? ନା ରାମଚନ୍ଦ୍ରଙ୍କ ଚରିତ୍ରର ଅନୁଗାମୀ ହେବେ ? ଉତ୍ତମ ସରକାର୍ ମାନେ ନୁହେଁ ଯେ, ଜନତାଙ୍କୁ ପ୍ରତାରଣା କରୁଥିବା, ଜନତାଙ୍କ ସ୍ୱରକୁ ଚାପି ଦେଉଥିବା ସରକାର୍ । ଗାଦି ଲୋଭ ତଥା ନିଜର ଦୋଷ ଦୁର୍ବଳତା ଏଡାଇ କିଛି ଅସନ୍ତୁଷ୍ଟ ଗୋଷ୍ଠୀଙ୍କୁ ତୁଷ୍ଟ କରିବା ସରକାରଙ୍କ ପ୍ରଧାନ କାର୍ଯ୍ୟ ହୋଇଛି । କିଛି ରାଜ୍ୟରେ ପାଞ୍ଚ ବର୍ଷର ଶାସନ କାଳରେ ମଧ୍ୟ ଭାଗ ବଣ୍ଟା ହିସାବରେ ମୁଖିଆ ବଦଳି ଯାଉଛନ୍ତି, କ୍ଷମତାର ମୋହ ବଡ଼ ବିଚିତ୍ର ଭାଇ । ତଥାପି ଜୀବନ ସଂଗ୍ରାମର ଆହ୍ୱାନ ଭିତରେ ଆମେ ବଞ୍ଚିଛୁ ।

ଆଫ୍ରିକା ମହାଦେଶର ଅନୁନ୍ନତ ଦେଶ ଠାରୁ ମଧ୍ୟ ଅସହାୟ, ଅବସ୍ଥାରେ ଆମ ଦେଶର ଅନେକ ସ୍ଥାନ ରହିଛି । ସାମାନ୍ୟ ପୋଲଟିଏ ନାହିଁ, ପିଲା ପାଣିରେ ପଶି ସ୍କୁଲ୍ ଯାଉଛନ୍ତି । ପୁଷ୍ଟିକର ଖାଦ୍ୟ ଅଭାବରୁ ଶିଶୁ ମୃତ୍ୟୁ ହେଉଛି, ଆସନ୍ନ ପ୍ରସବା ମହିଳା ଚିକିତ୍ସା ଅଭାବରୁ ଅସହ୍ୟ ଯନ୍ତ୍ରଣା ଭୋଗୁଛନ୍ତି । ଅନେକ ଉପାନ୍ତ ଅଞ୍ଚଳରେ ଗମନା ଗମନର ସୁବିଧା ସୁଯୋଗ ଉପଲବ୍ଧ ହେଉନାହିଁ । ପ୍ରକୃତ ହିତାଧିକାରୀ ମାନେ ସରକାରୀ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହେଉଛନ୍ତି, ଦଲାଲ୍ ମାନେ ମାଲାମାଲ୍ ହେଉଛନ୍ତି । ଅତ୍ୟାବଶ୍ୟକୀୟ ସାମଗ୍ରୀ, ଔଷଧର ଆକାଶ ଛୁଆଁ ଦର ବୃଦ୍ଧି ଉପରେ ନିୟନ୍ତ୍ରଣ ରଖିବା କ'ଣ ସରକାରଙ୍କ ଦାୟିତ୍ୱ ନୁହେଁ ? ଦରଦାମ ବଢୁଛି , ବଢୁଥିଲା ଆଗକୁ ମଧ୍ୟ ବଢିବ ତେବେ ଏହାର ସମାଧାନ ବା ବିକଳ୍ପ କଣ ? କେବଳ ସରକାରୀ ଚାକିରିଆଙ୍କ ଦରମା, ଭତ୍ତା, ପେନ୍ସନ ବଢ଼ାଇ ଦେଲେ କ'ଣ ସମାଧାନ ହୁଏ ? ନା ତୃଣମୂଳ ସ୍ତରକୁ ଯାଇ ଦର ବୃଦ୍ଧିକୁ ନିୟନ୍ତ୍ରଣ କରାଯାଏ ? ସାଧାରଣ ଜନତା ଏପରି ଅପରିଣାମଦର୍ଶୀ କାର୍ଯ୍ୟ ସ୍ୱାଧୀନତା ପରଠାରୁ ଅଙ୍ଗେ ଅଙ୍ଗେ ନିଭେଇ ଆସିଲେଣି ..... ତଥାପି ଜୀବନ ସଂଗ୍ରାମର ଆହ୍ୱାନ ଭିତରେ ଆମେ ବଞ୍ଚିଛୁ ।

ପେଟ୍ରୋଲ କିଏ ବେଶି ଖର୍ଚ୍ଚ କରୁଛନ୍ତି ? ଏକାଧିକ ଗାଡ଼ିର ମାଲିକ ମାନଙ୍କୁ ସତର୍କ କରିବା ସହିତ ପବ୍ଲିକ ଟ୍ରାନ୍ସପୋର୍ଟ ଉପରେ ଗୁରୁତ୍ୱ ଦିଆ ଯାଇପାରେ, ଲାଭ କ୍ଷତିର ହିସାବ ଛାଡି ଜନତାଙ୍କ ସ୍ୱାର୍ଥ ଦୃଷ୍ଟିରୁ ତଥା ତୈଳ ଆମଦାନୀକୁ ହ୍ରାସ କରିବାକୁ ସରକାର ମେଟ୍ରୋ ରେଳ ପ୍ରକଳ୍ପର ପୁନଃ ବିଚାର କରନ୍ତୁ । ବର୍ତ୍ତମାନ ଦେଶର ଅଶି ଭାଗ ଲୋକ ଦୁଇ ବେଳା ପେଟ ପୂରାଇ ଖାଇବା କଷ୍ଟ କର ବ୍ୟାପାର ହୋଇ ଯାଉଛି । ବାକି କୋଡ଼ିଏ ଭାଗ ଲୋକ ଦେଶର ଶତ୍ରୁ ପରି ଅଯଥା ଖର୍ଚ୍ଚରେ ଲିପ୍ତ ଥିବା ପର୍ଯ୍ୟନ୍ତ ଏହିପରି ପରିସ୍ଥିତି ଚାଲି ଥିବ । ମହାତ୍ମା ଗାନ୍ଧୀଙ୍କ ସ୍ୱଦେଶୀ ଅଭିଯାନ ବଦଳରେ ଏବେ ବିଦେଶୀ ଅଭିଯାନ ଦ୍ରୁତ ବେଗରେ ଆରମ୍ଭ ହୋଇଛି । କର୍ମସଂସ୍ଥାନର ଦ୍ୱାହି ଦେଇ ଡାକି ଡାକି ବିଦେଶୀ କମ୍ପାନୀ ମାନଙ୍କୁ ଦେଶରେ ପୁରାଉଛନ୍ତି । ଆମଦେଶରେ ସେମାନେ ମାଲିକ ବୋଲାଇବେ ଆଉ ଆମ ପିଲା ଚାକର ହୋଇ ପେଟ ପୋଷିବେ । ବିଦେଶୀଙ୍କୁ ନ ପୂରାଇ ରାଜ୍ୟ କ'ଣ ସ୍ୱାବଲମ୍ବୀ ହୋଇ ପାରିବ ନାହିଁ ? ଭଗବାନଙ୍କୁ ପ୍ରାର୍ଥନା ଅତୀତର ଇଷ୍ଟ ଇଣ୍ଡିଆ କମ୍ପାନୀ ପରି ପରିସ୍ଥିତି ରାଜ୍ୟରେ ନହେଉ । କର୍ମ ସଂସ୍ଥାନ ପାଇଁ ନିଜସ୍ୱ ମାଲିକାନାରେ ରୋଜଗାର ବ୍ୟବସ୍ଥାକୁ ଅଗ୍ରାଧିକାର ଦେବା ଉଚିତ୍ । ଠିକ୍ ଅଛି ଆପଣମାନେ ଦେଶର ଅର୍ଥନୀତି ସଜାଡ଼ିବା ପାଇଁ ଯାହା ଠିକ୍ ମନେ କରିବେ କରନ୍ତୁ, ଆମେ ଗାନ୍ଧୀଜୀଙ୍କ ତିନି ମାଙ୍କଡ ପରି ଆଚରଣ କରିବୁ, ଅନ୍ୟଥା ଦେଶଦ୍ରୋହୀ ବୋଲାଇବୁ । ତଥାପି ଜୀବନ ସଂଗ୍ରାମର ଆହ୍ୱାନ ଭିତରେ ଆମେ ବଞ୍ଚିଛୁ ।

ବିଦେଶୀ ମୁଦ୍ରା ପାଇଁ ପର୍ଯ୍ୟଟନ ଶିଳ୍ପର ବିକାଶ ଅନିବାର୍ଯ୍ୟ, ରପ୍ତାନୀ ବୃଦ୍ଧିର ଆବଶ୍ୟକତା ଜରୁରୀ । ଦେଶକୁ ସ୍ୱାବଲମ୍ବୀ କରିବା ସହିତ କୃଷି ଶିଳ୍ପ ଉପରେ ଗୁରୁତ୍ୱ ଦେବାର ସମୟ ଉପନୀତ । ଦୁର୍ନୀତିରେ ବୁଡିଥିବା ବ୍ୟକ୍ତିଙ୍କୁ ଦୃଷ୍ଟାନ୍ତ ମୂଳକ ଦଣ୍ଡ ବିଧାନ ତଥା ଦୁର୍ନିତି ମୁକ୍ତ ଶାସନ ଉପରେ ଗୁରୁତ୍ୱ ଦେବା ନିହାତି ଜରୁରୀ । ଖଜୁରୀ ଗଛର କି ଗୁଣ ଗାଇବି ମୂଳରୁ ପାହାଚ ପାହାଚ । ପଣ୍ଡିତ୍ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଲେଖା କବିତା ମନେ ପଡ଼ି ଯାଏ.. ମିଶୁ ମୋର ଦେହ ଏ ଦେଶ ମାଟିରେ ଦେଶବାସୀ ଚାଲି ଯାଆନ୍ତୁ ପିଠିରେ, ସ୍ୱରାଜ୍ୟ ପଥେ ଅଛି ଯେତେ ଗାଡ ପୁରୁ ତହିଁ ପଡି ମୋର ମାଂସହାଡ଼ । ଏକଥାର ଗୁରୁତ୍ୱ କେତେଜଣ ଶାସକ ବୁଝନ୍ତି ? ଉତ୍କଳମଣି ଗୋପବନ୍ଧୁ ଦାସ ମହାଶୟଙ୍କୁ କେତେ ଜଣ ମନେ ରଖିଛନ୍ତି ? ଚୌକିର ମୋହ ଗରୀବର ଲୁହ... ଏକ ଅପ୍ରିୟ ସତ୍ୟ ଉବାଚ । ଶବ ଯେଉଁଠି ବ୍ୟାଙ୍କରେ ଟିପ ଚିହ୍ନ ପାଇଁ ଲୋଡ଼ା ପଡ଼େ, ନାରୀ ଯେତେବେଳେ ଇଜ୍ଜତ ପାଇଁ କାକୁତି ମିନତି ହୁଏ ସେଠି ସମସ୍ତେ ନିରବ ନିଦା ବିଷ୍ଣୁ ସାଜନ୍ତି । ଧୃତରାଷ୍ଟ୍ରଙ୍କ ପରି ଅନ୍ଧ ମହାରାଜା ଜନତା ଚାହୁଁ ନାହାନ୍ତି । ଦ୍ରୌପଦୀଙ୍କ ବସ୍ତ୍ର ହରଣ କରିବା ସମୟରେ କୁରୁ ସଭାରେ ଉପସ୍ଥିତ ସୁର ବୀର ମାନେ ସାମାନ୍ୟ ବିରୋଧ କଲେ ନାହିଁ କାହିଁକି ? ଆମେ କଣ ଏହି ସଭ୍ୟତାକୁ ଅନୁକରଣ କରୁଛୁ ନା ଅନ୍ୟକିଛି ? ହୁଏତ ଏହି ପରିଣତ ବୟସରେ ଲେଖକର ମସ୍ତିଷ୍କ ଭ୍ରମିତ ହୋଇଥାଇ ପାରେ...ତଥାପି ଆମେ ବଞ୍ଚିଛୁ । ଉତ୍କଳ ଗୌରବ ମଧୁସୂଦନ ଦାସ ମହୋଦୟଙ୍କ ଭାଷାରେ ... ଜାତିର ଉନ୍ନତି ସେ କାହୁଁ କରିବ, ସ୍ୱାର୍ଥରେ ବ୍ୟସ୍ତ ଯା'ର ମନ , ଶାଗୁଣା ବିଲୁଆ ଚିକିତ୍ସକ ହେଲେ ଶବ କି ପାଇବ ପ୍ରାଣ ? ଆଶାରେ ହିଁ ରହିଛି ଦୁଃଖ , କାହାରି ଠାରୁ କିଛି ଆଶା ରଖିବା ମାନେ ଦୁଃଖକୁ କିଣିବା । ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନ ମନ୍ତ୍ରୀଙ୍କ ଠାରୁ ବର୍ତ୍ତମାନର ପ୍ରଧାନ ମନ୍ତ୍ରୀଙ୍କ ଶାସନ କାଳକୁ ଅଳ୍ପ ବହୁତ ଦେଖିଛି, ଅନୁଭବ କରିଛି, ଭଲ ମନ୍ଦର ବିଭିନ୍ନ ଦିଗକୁ ନିଜ ବୁଦ୍ଧିରେ ତର୍ଜମା କରିଛି । ଦେଶ ପାଇଁ କିଏ କେତେ ତ୍ୟାଗ କରିଛନ୍ତି ତାହା ମଧ୍ୟ ଜ୍ଞାତସାରରେ ରହିଛି, ତେବେ ଜନତା କେତେ ଉପକୃତ ହେଉଛନ୍ତି ତାହା କହିବା କଷ୍ଟକର ବ୍ୟାପାର । ହେତୁ ପାଇବା ପର ଠାରୁ ଅଦ୍ୟାବଧି ରାମରାଜ୍ୟର ସ୍ୱପ୍ନ ଦେଖି ଆସୁଛି କିନ୍ତୁ ନା' ଶ୍ରୀରାମଙ୍କୁ ଚର୍ମ ଚକ୍ଷୁରେ ଦେଖିବାକୁ ପାଉଛି ନା' ତାଙ୍କ ଶାସନର କାଣିଚାଏ ଅନୁଭବ କରୁଛି । ତଥାପି ଜୀବନ ସଂଗ୍ରାମର ଆହ୍ୱାନ ଭିତରେ ଆମେ ବଞ୍ଚିଛୁ , ଆଗକୁ ମଧ୍ୟ ବଞ୍ଚିବାର ସଂଗ୍ରାମ ଜାରୀ ରଖିବୁ ।

# ଜୀବନ ଏକ ଅଭୁତ ଅନୁଭବ-୧



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ସାହିତ୍ୟ ହେଉଛି ଏପରି ଦିବ୍ୟ ପ୍ରବାହ, ଯାହାକି ମଣିଷ ମଣିଷ ଭିତରେ ସମ୍ପର୍କର ସେତୁ ନିର୍ମାଣ କରେ । ଭୂମି ସହିତ ଭୂମାର, ପୃଥିବୀ ସହିତ ଅନନ୍ତ ଆକାଶର ଅଣୁ ସହିତ ପରମାଣୁର, ଅତୀତ ସହିତ ବର୍ତ୍ତମାନର ଦୃଢ ସମ୍ପର୍କ ସ୍ଥାପନ କରେ । ସାହିତ୍ୟ ହେଉଛି ଏକ ଅନ୍ତରଙ୍ଗ ଅନୁଭୂତିର ମାର୍ମିକ ଚିତ୍ରଲିପି, ମାନବବାଦର ଜଟିଳ ଇତିହାସ, ମାନବବାଦର ଅଭିଜ୍ଞତା, ଉପଲବ୍ଧି, ଜୀବିକାର ଅନ୍ୱେଷଣ, ବଞ୍ଚି ରହିବାର ପ୍ରେରଣାକୁ ସାହିତ୍ୟ ରସାଣିତ କରେ। ଏକଥା ନିଶ୍ଚିତ ସତ୍ୟ ଯେ ଲେଖକ, କବି, ନାଟ୍ୟକାର ଯେତେବେଳେ ଜୀବନର ଅନୁଭୂତି ପୁଞ୍ଜିକୁ ଉପଲବ୍ଧି କରି କଳ୍ପନାର ରଙ୍ଗରେ ରଙ୍ଗମୟ କରିଦିଅନ୍ତି ସେତେବେଳେ ସେ ସାହିତ୍ୟଟି ହୋଇଯାଏ କାଳଜୟୀ ସ୍ରଷ୍ଟା ସ୍ରଷ୍ଟା ହୁଏ ଅମର, ସେ ଯେଉଁ ରଙ୍ଗରେ ସାହିତ୍ୟ ପ୍ରତିଫଳନ କରାଏ ସେ ରଙ୍ଗ କେତେ କେତେ ଅଶ୍ରୁପାତ, କେତେ କେତେ ଖଟିଖିଆ ମଣିଷଙ୍କ ଲହୁଲୁହ ଭରା ହୃଦୟ ବିଦାରକ ଘଟଣାର ବୈପ୍ଳବିକ ସଂଘାତ ପରିପୂର୍ଣ୍ଣ ଅଲିଭା ଇସ୍ତାହାର । ଜଣେ ପ୍ରସିଦ୍ଧ ଗାଳ୍ପିକଙ୍କ ମତରେ ମଣିଷର ଅନ୍ତଃସ୍ୱରକୁ ଅନୁଧ୍ୟାନ କରି ଯିଏ ସାହିତ୍ୟ ରଚନା କରେ ସେହି ସାହିତ୍ୟରେ ରହିଥିବା ହସ, କାନ୍ଦ, ପ୍ରେମ, ବିରହ, ଯନ୍ତ୍ରଣା, ଆର୍ତ୍ତଚିତ୍କାରର ଅନ୍ତଃସ୍ୱରକୁ ଅନୁଧ୍ୟାନ କରି ଯିଏ ସାହିତ୍ୟ ରଚନା କରେ ସେହି ସାହିତ୍ୟର ପ୍ରତିଟି ଚେତନା ମଣିଷକୁ ପ୍ରଲୁବ୍ଧ କରାଏ । ତେଣୁ ତାଙ୍କର ମତହେଲା ଚେତନାରେ ନୀରବତା, ଦୃଷ୍ଟିଭଙ୍ଗୀର ବିସ୍ତୃତି ସମ୍ବେଦନଶୀଳ ମାନସିକତାରେ ସୂକ୍ଷ୍ମ ତଥା ବଳିଷ୍ଠ ଦିଗଗୁଡିକୁ ଅତି ସନ୍ତର୍ପଣରେ ଅନୁଧ୍ୟାନ କରି ଗତିଶୀଳ କରାଇ ପାରିଲେ ସାହିତ୍ୟ ମନୁଷ୍ୟର ହୃଦୟକୁ ସ୍ପର୍ଶ କରିଥାଏ । ସାହିତ୍ୟ କିପରି ସମାଜ ଉପରେ ପ୍ରଭାବ ବିସ୍ତାର କରେ ତାହାର ଏକ ବଳିଷ୍ଠ ଉଦାହରଣ ଏଠାରେ ଦେବା ନିମନ୍ତେ ପ୍ରୟାସ କରୁଛି ।

ବିଶ୍ୱସାହିତ୍ୟ ପ୍ରେକ୍ଷାପଟ୍ଟରେ ଇଏ ହେଉଛନ୍ତି ଜଣେ ବିଶ୍ୱ ବିଖ୍ୟାତ ଲେଖିକା । ହାରିଏଟ୍ ଷ୍ଟୋ । ଏହି ଲେଖିକାଙ୍କର ଜନ୍ମ ହେଉଛି ମାର୍କିନ୍ ଯୁକ୍ତରାଷ୍ଟ୍ର ଆମେରିକା । ଏହି ଲେଖିକାଙ୍କର ଅଙ୍କଲ ଟମ୍‌ସ କାବିନ୍ ହେଉଛି ସର୍ବଶ୍ରେଷ୍ଠ ବିରଳ ସାହିତ୍ୟ କୃତି, ଯେଉଁ ପୁସ୍ତକ ବିଶ୍ୱ ପ୍ରସିଦ୍ଧ ସାହିତ୍ୟର ମାନ୍ୟତା ଲାଭକରେ । ଲକ୍ଷ ଲକ୍ଷ ନିଷ୍ପେସିତ, ନିର୍ଯ୍ୟାତିତ କ୍ରୀତଦାସ, କ୍ରୀତଦାସୀମାନେ କିପରି ଯୁକ୍ତରାଷ୍ଟ୍ର ଆମେରିକାର ଧନିଶାଳୀ କୁବେରମାନଙ୍କର ଲୋମଟାଙ୍କୁରା ବ୍ୟଭିଚାର ଅତ୍ୟାଚାରରେ କରୁଣ ଚିତ୍କାର କରୁଥିଲେ । ଠିକ୍ ସେହି ଘଡିସନ୍ଧି ସମୟରେ ହାରିଏଟ୍‌ଷ୍ଟୋଙ୍କ ଏହି ଉପନ୍ୟାସ ଏପରି ଭାବେ ବଳିଷ୍ଠ ପ୍ରଭାବ ବିସ୍ତାର କଲାଯେ, କେବଳ ଆମେରିକା ନୁହେଁ ସମଗ୍ର ବିଶ୍ୱରୁ କ୍ରୀତଦାସ ପ୍ରଥାକୁ ସମ୍ପୂର୍ଣ୍ଣ ବିଲୋପ କରିଦେଲା ।

ଆଜି ଆମେ ଠିକ୍ ଏହିପରି ଏକ ଅନନ୍ୟ ସାହିତ୍ୟ ସ୍ରଷ୍ଟାଙ୍କୁ ଆମ ପାଠକ ବନ୍ଧୁମାନଙ୍କ ନିକଟକୁ ଆଣୁଛୁ ଯିଏକି ନିଜେ ଜୀବନ ତମାମ ଜଳି ଜଳି ଖଟିଖିଆ ମେହନତି ମଣିଷର ଅସରନ୍ତି ଲହୁଲୁହ ଭରା ଜୀବନ ସଂଘର୍ଷକୁ ନିଜ ଆଖି ଆଗରେ ଦେଖି ବିଦ୍ରୋହ କରିଛନ୍ତି। ନିଜକୁ ପଥର କରିଦେଇଥିବା ମଣିଷର ଅସରନ୍ତି ଜୀବନ ସଂଗ୍ରାମର ହୃଦୟ ବିଦାରକ ପରିଭାଷାକୁ ଲେଖିଛନ୍ତି, ଏ ହେଉଛନ୍ତି ବିଶ୍ୱପ୍ରସିଦ୍ଧ ଔପନ୍ୟାସିକ ଆର୍ଣ୍ଣେଷ୍ଟ ମିଲର୍ ହେମିଂୱେ, ଯାହାଙ୍କର ପ୍ରତି ଲେଖାରେ ସମାଜ ପାଇଁ ଅଜାଡି ଦେଇଛନ୍ତି ଅସୁମାରୀ ଯନ୍ତ୍ରଣା ଜର୍ଜରିତ ସଂଘର୍ଷ ଭିତରେ ରହିବି ମଣିଷ କିପରି ସଫଳତାର ଶୀର୍ଷ ସ୍ଥାନରେ ପହଞ୍ଚିବା ପାଇଁ ଗୋଟାଏ ଦୁର୍ବାର ମହାଶକ୍ତି ହାସଲ କରେ, ଯାହାର ଏକ ବଳିଷ୍ଠ ଉପାଦାନ ତାଙ୍କ ସୃଷ୍ଟିର ପ୍ରତିଟି ପୃଷ୍ଠାରେ ଜୀବନ୍ତ ଭାବରେ ପରିପୂର୍ଣ୍ଣତା ହାସଲ କରିପାରିଛି । ଜୀବନର ସେହି ମହାଉଦ୍‌ବେଳନ ଭରା ଅଜସ୍ର ମାର୍ମିକ ଇସ୍ତାହାର ତାଙ୍କ ଉପନ୍ୟାସରେ ଜୀବନ୍ତ।

୧୮୯୯ମସିହା ଜୁଲାଇ ୨୧ତାରିଖରେ ଆମେରିକାର ଓକ୍‌ପାର୍କର ବାସିନ୍ଦା ଡକ୍ଟର କଲାରେସ୍ ହେମିଂୱେଙ୍କ ଔରସରୁ ଦ୍ୱିତୀୟ ସନ୍ତାନ ଭାବେ ଆର୍ଣ୍ଣେଷ୍ଟ ମିଲର୍ ହେମିଂୱେ ଜନ୍ମ ନେଇଥିଲେ । ଓକ୍‌ପାର୍କ ହାଇସ୍କୁଲରୁ ଶିକ୍ଷା ସମାପ୍ତି ପରେ "ସିଟିଷ୍ଟାର" ପତ୍ରିକାରେ ଜୁନିୟର ରିପୋର୍ଟର ଭାବରେ ଯୋଗ ଦେଇ ନିଜର ଜୀବିକା ଆରମ୍ଭ କରିଥିଲେ । ଜୀବନର ଚଲାପଥରେ ପ୍ରତିଟି ସୋପାନକୁ ଅତିକ୍ରମ କରିବାବେଳେ ବହୁ ବ୍ୟକ୍ତିଙ୍କ ଜୀବନ ଜୀବିକା ଓ ଚରିତ୍ରକୁ ଅତି ସନ୍ତର୍ପଣରେ ଲକ୍ଷ୍ୟ କରୁଥିଲେ । ତାଙ୍କ ମନରେ ଅଧିକାଂଶ ସମୟରେ ଶୋଷିତ, ଅସହାୟ, ଦୁର୍ବଳ ମଣିଷଗୁଡାକ କିପରି ବଞ୍ଚିବା ପାଇଁ ପ୍ରତିନିୟତ ସଂଘର୍ଷ କରନ୍ତି, ତାହା କିପରି ସମୟେ ସମୟେ ଭୟାନକ ରୂପଧରି ମଣିଷକୁ କବଳିତ କରେ ଏବଂ ସର୍ବନାଶ କରିଥାଏ ତାହାର ବିସ୍ତୃତ ତର୍ଜମା କରିଛନ୍ତି ନିଜ ହୃଦୟକନ୍ଦିର ଅପରିସୀମ ଚୌହଦୀ ମଧ୍ୟରେ । ଲୋକଙ୍କ ଦୁର୍ଦ୍ଦଶା ଦେଖି ଭାଙ୍ଗି ପଡନ୍ତି, ଆଖିରୁ ଲୁହଧାର ବହିଯାଏ, ହୃଦୟ ହୋଇଯାଏ କରୁଣାକ୍ତ । ଅନ୍ତଃସ୍ୱରରୁ ସ୍ୱତଃ ଝରିପଡେ ଅଶ୍ରୁପାତ ଭରା ବିଦ୍ରୋହର ଗୋଟାଏ ଶକ୍ତିଶାଳୀ ଅଗ୍ନିବର୍ଷା । ଜୀବନକୁ ପଢିବା, ଜୀବନକୁ ଅନ୍ୟମାନଙ୍କ ନିକଟରେ ବିସ୍ତାରିତ କରିବା, ଜୀବନକୁ ଅନନ୍ୟ ଚେତନାରେ ରୂପାନ୍ତର କରି ତାହାର ନିର୍ଯ୍ୟାସକୁ ଅନ୍ୟମାନଙ୍କ ଭିତରେ ବାଣ୍ଟିଦେବା ପାଇଁ ତାଙ୍କର ପ୍ରୟାସ ଓ ପ୍ରତିଭା ଥିଲା ସ୍ୱତନ୍ତ୍ର, ଯାହାକି ତତ୍କାଳିନ ସାରସ୍ୱତ ସ୍ରଷ୍ଟାମାନଙ୍କ ନିକଟରେ ନଥିଲା । (କ୍ରମଶଃ...)

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ସମୟର ପାଞ୍ଚଟି ସ୍କେଚ୍

ବନଜା ବିଶ୍ୱାଳ



### (୧) ଧରମା

ଧରମାର ନାଁ ଟା ବୋଧେ କେବଳ ଧର୍ମ କରିବା ପାଇଁ ରଖା ହୋଇଥିଲା। ପିଲାଟିବେଳୁ ହେତୁ ପାଇବା ଦିନରୁ ବାପା ବୋଉଙ୍କର ଝଗଡା ଦେଖିବାକୁ ପାଇଛି ଯାହା। ଆଜି ବାପା ବୟସ୍କ, ଆଉ ଚଉଦ ବର୍ଷର ସଜା କାଟି ସାରିବା ପରେ ଜେଲରୁ ଫେରିବେ। ଧରମା କର୍ତ୍ତବ୍ୟ ଭାବି ନିଜ କର୍ମ ପୂର୍ବବତ୍ କରିଚାଲିଛି। ବାପା ବୋଉଙ୍କର ଜନ୍ମର ଋଣ ତ ଶୁଝିବାକୁ ହେବ ନା! ପିଲାଟିବେଳୁ ଏହି ବାପା ତ ତାକୁ ମା' ଛେଉଣ୍ଡ କରି ଦେଇଥିଲେ। ଝଗଡା ବେଳେ ମାଡ ମାରୁ ମାରୁ ବୋଉର ପ୍ରାଣ ଏଇ ବାପାଙ୍କ ହାତରେ ତ ଚାଲିଗଲା! ବାପା ଜେଲ୍ ଯିବା ପରେ ବନ୍ଧୁ ବାନ୍ଧବଙ୍କ ଦୟାର ପାତ୍ର ହୋଇ ବହୁ ସଂଘର୍ଷ କରି ବଂଚି ରହିଛି ଧରମା। ଏବେ ତ ସେ ସଂସାର କଲାଣି। ଭଲ ଝିଅଟେ ସୁମି। ସୁମି ସିନା ଭଲ ପାଇ ଧରମାକୁ ବାହା ହେଲା। ନ ହେଲେ ଏଭଳି ବାପା ମା'ଙ୍କର ଏ ହତଭାଗ୍ୟ ଧରମାକୁ କିଏ ବା ବିଶ୍ୱାସ କରି ଝିଅ ଦେଇ ଥାଆନ୍ତା ? ଜେଲ୍‌କୁ ଯାଏ ବାପାଙ୍କ ଅବସୋସ ଶୁଣିବାକୁ। ଆଜି ତାଙ୍କୁ ଆଣିବାକୁ ଯିବ ସେ। ଏ ବୟସରେ ସେ କୁଆଡେ ଯିବେ ? ଇଚ୍ଛା ନ ଥିଲେ ବି ଛାତିରେ ପଥର ରଖି ସେ ପଛ କଥା ସବୁ ଭୁଲିବାକୁ ହେବ। ବାପାଙ୍କ ପ୍ରତି କର୍ତ୍ତବ୍ୟ ଓ ଆଗାମୀ ପିଢ଼ିକୁ ସଜାଡ଼ିବାକୁ ହେବ। ଧରମା ନାଁ ଟାକୁ ସାର୍ଥକ କରିବ। ଏମିତି ଭିତରର ତୁମୁଳ ଯୁଦ୍ଧକୁ ଶାନ୍ତ କରିବାର ପ୍ରୟାସ କରୁ କରୁ ଧରମା ପହଞ୍ଚି ସାରିଥିଲା ଜେଲ୍‌ର ଫାଟକ ପାଖରେ। ସେପଟୁ ବାପା ଖୋଲା ପବନର ସ୍ପର୍ଶକୁ ଅତିକ୍ରମ କରି ଧରମା ଆଡକୁ ପାଦେ ପାଦେ ଆଗେଇ ଆସିଲେ। ବିଶ୍ୱାସ ହେଉ ନ ଥିଲେ ବି ସତରେ ଧରମା ସବୁ ସଜାଡିଦେବାକୁ ଚାହୁଁଥିଲା।

### (୨) ସବିତା

ଆଜି ସବିତା କାନ୍ଦୁଛି କିନ୍ତୁ କାହାକୁ କିଛି କହିପାରୁନି। ଏଇ କିଛିଦିନ ହେଲା ସେ ଏକଦମ ଚୁପ୍ ରହୁଛି। ସେ ସବୁବେଳେ କୁହେ 'ଜୀବନଟା ଏକ ସରଳ ରେଖା, କେବଳ ଆଗକୁ ବଢିଚାଲେ। ଜୀବନ ପଥରେ ଅତୀତକୁ ଛୁଇଁବା ଅସମ୍ଭବ।' ହଠାତ୍ ତା'ର ଅତୀତ ଆସି ପୁଣି ଥରେ ଏମିତି ଶ୍ୱାସରୋଧ କରି ପକେଇବ ସେ କେବେ କଳ୍ପନା ବି କରି ନ ଥିଲା। ଜୀବନର ସୂତ୍ର ଆଜି ତା' ପାଇଁ ବଦଳି ଯାଇଛି ଆଉ ତା'କୁ ଖାଲି ଖତେଇ ହେଉଛି। ସେହି ପୁଅଟି ତା'ର ଆଜି କେତେ ବଦଳି ଯାଇଛି! ଯିଏ ଛୋଟବେଳେ ସବୁ ବୁଝି ପାରୁଥିଲା ସେ ଆଜି କିଛି ବି ଶୁଣୁନି। ଯେଉଁ ପୁଅ କଥା ଛାତି ଫୁଲେଇ ସବିତା ସମସ୍ତଙ୍କୁ କୁହେ, 'ମୋ ପୁଅ କୋଟିଏରେ ଗୋଟିଏ। ସେ ମୋର ସବୁ କଥା ବୁଝିପାରେ। ମୋର ଗର୍ବ ଗୌରବ ସେ।' ଆଜି ସେ ସବୁ କଥାରେ ଅସହମତ। ସବିତାର ସରଳତା ଓ ତ୍ୟାଗ ସବୁ କାଳେ ବୋକାମୀ ଆଉ ନିରର୍ଥକ! ସବିତାର ଦାମ୍ପତ୍ୟ ଜୀବନ ସଂଘର୍ଷ ଓ ଯନ୍ତ୍ରଣା ଜର୍ଜରିତ। ଯାହା ଏବେ ଅତୀତ। ଅତୀତକୁ ମନେପକାଇଲେ ନିଜ ସହ ଛଳନା ଓ ବୋକାମୀ କରିଛି ବୋଲି ଭାବେ ସବିତା। ପୁଅ ଶିକ୍ଷିତ ହେବାପରେ ବଦଳିଛି ମାନସିକତା। ଏବେ ନିଜ ସ୍ୱାର୍ଥ ପାଇଁ ଚିନ୍ତିତ। ମା' ପାଇଁ ଅତୀତର ବ୍ୟଗ୍ରତା କାହିଁ ତା' ପାଖରେ ? ସବିତା ପୁଅର ଏପରି ପରିବର୍ତ୍ତନ ଓ ବ୍ୟବହାରକୁ ବିଶ୍ୱାସ କରିପାରୁ ନ ଥିଲେ ବି ପରିବର୍ତ୍ତନ ଜୀବନର ସତ୍ୟ ବୋଲି ନିରୋଳାରେ ନିଜକୁ ବୁଝେଇବାକୁ ଚେଷ୍ଟା କରୁଛି।

### (୩) ନୈତିକତା

କାଲି ପରି ଲାଗୁଛି ସେ ରାଉତ ଘରର ସାନ ପୁଅ ରଘୁଆ କଥା। ସେହି ଏକା ଟିକେ ଭଲ ପାଠ ପଢ଼ି ଭଲ ଚାକିରିଟେ ପାଇଥିଲା। କେତେ ଭକ୍ତି ଦେଖଉଥିଲା ବାପା ମାଆଙ୍କ ପ୍ରତି। ଭାଉଜ ମାନଙ୍କୁ ତାଗିଦ୍ କରୁଥିବା କଥା ସମସ୍ତଙ୍କୁ ଜଣା। କେହି ଯେମିତି ମା' ବାପାଙ୍କୁ ଅସମ୍ମାନ ନ କରନ୍ତି। ମାତ୍ର ନିଜେ ବାହା ହେବାର ଦୁଇ ମାସ ଭିତରେ ଏବେ ନିଜେ ବଦଳି ଗଲା। ସବୁ ନୀତିବାଣୀ ଚୁଲିକୁ ଗଲା। ଶେଷକୁ ମାଇପ ବୋଲା ହୋଇ ଦିନରାତି ଉଠ୍ ବସ୍ ହେଉଛି। ବାପା ମା'ଙ୍କୁ ବିଶ୍ୱାସ ନ ହେଲେ ବି ସେ ସତରେ ପତ୍ନୀ ପ୍ରେମରେ ବାଉଳା ହୋଇସାରିଛି।

### (୪) ସମ୍ପତ୍ତି

ବହୁ ପୁରୁଣା କାଳର କଥା। ନମିତା କେଉଁ ଏକ ରାଜାଙ୍କ ମନ୍ତ୍ରୀର ନାତୁଣୀ। ପରିବାର ଲୋକେ ଭଲ ପାତ୍ରଟିଏ ଦେଖି ବିବାହ ଦେଇଥିଲେ ନମିତାକୁ। କିନ୍ତୁ ମା' ହେବାର ସୁଖରୁ ବଞ୍ଚିତ ଥିଲା ସେ। ନମିତାର କିଛି ଅଭାବ ନଥାଏ। ଜମିବାଡି ସାଙ୍ଗକୁ ସୁନା ରୂପା ବହୁ ପରିମାଣରେ ଯୌତୁକ ମିଳିଥାଏ। ବନ୍ଧ୍ୟା ନାରୀ ବୋଲି ଅନେକ କଟୁ କଥା ସହିବାକୁ ପଡିଲା। ଦିନେ ନମିତାର ପତି ଜଣେ ବିବାହିତା ଗର୍ଭବତୀ ମହିଳାକୁ ପ୍ରେମ ବିବାହ କରି ଘରକୁ ନେଇ ଆସିଲେ। ନମିତାର କିଛି ଚାରା ନଥିଲା ସହିବା ବ୍ୟତୀତ। କିନ୍ତୁ ଯେବେ ଜାଣିଲା ସେହି ଗର୍ଭସ୍ଥ ସନ୍ତାନକୁ ତା ମା' ତ୍ୟାଗ କରିଦେବ ସେ ଜନ୍ମ ହେବା ପରେ। ସେ ସେହି ସନ୍ତାନକୁ ନିଜର କରିନେବାକୁ ନିଷ୍ପତ୍ତି ନେଲା। ସେହି ସନ୍ତାନଟି କନ୍ୟା ସନ୍ତାନ ହେଲା। ସମୟ କ୍ରମେ ନମିତାର ପତି ଓ ସେ ମହିଳାଙ୍କର ପାଂଚଟି ସନ୍ତାନ ଜନ୍ମ ହେଲେ। ନମିତାର ସମ୍ପତ୍ତି ପ୍ରତି ସେମାନଙ୍କ ନଜର ରହିଲା ସବୁବେଳେ। ନମିତା କିନ୍ତୁ ସେହି ପୋଷ୍ୟ କନ୍ୟାର ଭବିଷ୍ୟତ ଗଢି ମା'ର ମମତା ଓଜାଡି ଦେବାକୁ ଚାହୁଁଥିଲା। ବନ୍ଧ୍ୟା ନାରୀର କଳଙ୍କରୁ ମୁକ୍ତ ହେବାକୁ ସ୍ୱପ୍ନ ଦେଖୁଥିଲା। ନମିତାର ପତି ଷଡଯନ୍ତ୍ର କରି ସେ ଝିଅକୁ ବିବାହ କରେଇ ବିଦା କରିଦେଲେ ଓ ସବୁ ସମ୍ପତ୍ତି ନିଜ ନାଁରେ କରି ନେଇଗଲେ ସେ ଝିଅଠୁ। ନମିତା ଏସବୁ ଜାଣିବା ପରେ ପାଗଳ ହେଇଗଲା। ଖାଲି କହିଲା କେତେ ଚେଷ୍ଟା କରିଥିଲେ ମୁଁ ସମ୍ପତ୍ତି ଦେଇ ନଥିଲି ତାଙ୍କୁ। ତୁ ବାହା ହେଇ ଘର ଛାଡି ଦେଲୁ ସବୁ ତାଙ୍କୁ ଦେଇ ଦେଲୁ ? ପାଗଳୀ ହୋଇ ବୁଢୀ ବୟସରେ ନଦୀ ପୋଖରୀରେ ପଡି ଯାଏ ନମିତା। ଖାଲି ବାଉଳି ହୁଏ 'ସବୁ ନେଇଗଲେ, ସବୁ...।' ବେଳେ ବେଳେ ପିନ୍ଧା ଲୁଗାକୁ ଓହ୍ଲେଇ ମୁଣ୍ଡରେ ରଖି କୁହେ ମୋ ଲୁଗା କୁଆଡେ ଗଲା.... ମୁଁ ପାଉନି... ଆଉ ଖାଲି କାନ୍ଦେ ବସି। ଗାଁ ର ଛୋଟ ପିଲାମାନେ ନମିତାକୁ ପାଗଳୀ କହି ଟେକା ମାରନ୍ତି। ନମିତାର ସେ ଝିଅକୁ ବିଶ୍ୱାସ ନ ହେଲେ ବି ତାହାରି ହାତରେ ସେ ତା' ମା'କୁ ପାଗଳୀ କରିଦେଲା।

### (୫) ଉଜ୍ଜ୍ୱଳ ଭବିଷ୍ୟତ

ସମୟ ଚକ ପରି ବୁଲି ବୁଲି ପୁଣି ସେଇଠି ପହଞ୍ଚିଛି ଆଜି। ସେଇ ପୁରୁଣା ସୁଡୋଳ ଚାଲାକ୍ ମୁହଁ ଗୁଡା ଏବେ ଟିକେ ଫିକା ହେଲେ ବି ବେଶ୍ ଚିହ୍ନା ପଡୁଛନ୍ତି। ସେ ପୁରୁଣା ଘଟଣାଚକ୍ର ସବୁ ଚଳଚ୍ଚିତ୍ର ପରି ଆଜି ବି ଭାସି ଆସନ୍ତି ଗୋବିନ୍ଦର ମନ ପରଦାକୁ। ସବୁ ସ୍ପଷ୍ଟ ଦେଖି ବୁଝି ମଧ୍ୟ ଗୋବିନ୍ଦ ଏବେ ମନକୁ ଶାନ୍ତ ରଖିବାର କଳା ଶିଖି ସାରିଛି। କାଲି ପରି ଲାଗେ ସେ ମାଉସୀ କ'ଣ ଭାବି କେଜାଣି ତା' ସାଇକେଲ୍ ଟା ମାଗି ନେଇଗଲେ ଯେ ଆଉ ଦେଲେନି। ଗୋବିନ୍ଦ ପାଇଁ ସାଇକେଲ୍ ହିଁ ଥିଲା ଯାତାୟାତର ଏକମାତ୍ର ସାହାରା। ସାଇକେଲ୍ ବିନା ତା' ଯାତାୟାତର ବାଟ ବନ୍ଦ ହୋଇଗଲା। ଠିକ୍ ଦିନକ ଆଗରୁ ସେ ଗୋଟେ ଟ୍ରେନିଂ ପାଇଁ ଆଡଭାନ୍ସ ଟଙ୍କା ଦେଇ ଆସିଥିଲା। ଟ୍ରେନିଂ ପରେ ଭଲ ଚାକିରିଟେ କରି ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବ। ସାନ ଭାଇ ଭଉଣୀମାନଙ୍କ ଦାୟିତ୍ୱ ନିର୍ବାହ କରିବ। ବିଧବା ମା'ର ଦୁଃଖ ବାଣ୍ଟିବ। କିନ୍ତୁ ସେ ସାଇକେଲ୍ ବିନା ତା' ଗୋଡ ଭାଙ୍ଗିଗଲା। ଅର୍ଥାଭାବ ଯୋଗୁ ସେ ଆଉ କିଛି ବିକଳ୍ପ ବି କରି ପାରିଲାନି। ନିଜ ରାଜ୍ୟ ଛାଡି ବନ୍ଧୁଆ ମଜୁରିଆ ହୋଇ ଅନ୍ୟ ରାଜ୍ୟକୁ ଚାଲିଗଲା। ସବୁ ସ୍ୱପ୍ନ ସାଇକେଲ୍ ସହିତ ଉଜୁଡ଼ିଗଲା। ପଚିଶ ବର୍ଷ ପରେ ଆଜି ସେହି ମାଉସୀର ପୁଅଟେ କଲେଜରେ ପାଠ ପଢୁଛି ଏବଂ ତାକୁ ପାଠରେ ଗାଇଡ୍ କରିବାକୁ ସେହି ମାଉସୀ ଗୋବିନ୍ଦକୁ କହୁଛି। ଚାକିରିଟେ ବି ବୁଝି ଦେବାକୁ କହୁଛି। ଗୋବିନ୍ଦ ବିଶ୍ୱାସ ନ କଲେ ବି ସମୟ ଚକ ବୁଲି ବୁଲି ଆଜି ପୁଣି ସେହି ଛକରେ ପହଞ୍ଚି ଉତ୍ତର ଦେଉଛି।

ଦିଲ୍ଲୀ-୧୧୦୦୯୬୫
ମୋ- ୮୧୪୪୫୫୭୪୬୧

# ସିଷ୍ଟମ

ସତ୍ୟନାରାୟଣ ପ୍ରଧାନ

ନିର୍ଦ୍ଧାରିତ ସମୟ ଅନୁସାରେ ସବୁ କାମ ସାରି ଦେବାକୁ ଉପର ମହଲରୁ ଖବର ଆସିଥିଲା। ଯାହା ହେଉ ନିୟୋଜିତ ଥିବା କର୍ମଚାରୀ ମାନେ ନିଜର ସାଧ ଅନୁସାରେ ତାହା ପାଳନ କରିଥିଲେ । ଖରାର ପ୍ରକୋପ ସହି ଗାଁ ଗଣ୍ଡାରେ ଲୋକମାନଙ୍କ ଠାରୁ ତଥ୍ୟ ସଂଗ୍ରହ କରି ନିଜର କର୍ତ୍ତବ୍ୟରେ କେବେ ଅବହେଳା କରି ନ ଥିଲେ । ନିଜର ଜୀବନକୁ ଖାତିର ନ କରି ଦେହ ପା କଥା ଭୁଲି କର୍ମ ଯୋଦ୍ଧା ରୂପରେ ଠିଆ ହୋଇ ସମାଜରେ ଉଚ୍ଚ ଆସନ ଅଳଙ୍କୃତ କରି ପାରିଥିଲେ। ଗାଁ ଗଣ୍ଡାରେ ଗରିବ ଦୁଃଖୀ ଲୋକଙ୍କ ଅଭାବ ଅସୁବିଧା ବିଷୟରେ ଜାଣି ଅନ୍ତରଟା କୋହରେ ଭରି ହୋଇ ଯାଉଥିଲା। ସବୁ କିଛି ଭଲରେ ସମାପ୍ତ ହୋଇ ଯାଇଥିଲା। ସୂଚନା ମୁତାବକ କାର୍ଯ୍ୟ ସରିଲେ କାମ କରିବାର ପାଉଣା ଯଥା ଶୀଘ୍ର ମିଳିଯିବ ବୋଲି ଆଗରୁ ଅବଗତ କରା ଯାଇଥିଲା । ମାଧବ ବୋଲି ପିଲାଟିଏ ସିଏ ନୂଆ କରି ଏହି ଚାକିରିରେ ଯୋଗ ଦେଇଥିଲା । ମନରେ ତାର କେତେ ଇଚ୍ଛା ଥିଲା ସମାଜର ସେବା କରିବ ନିଜ ଦକ୍ଷତା ଅନୁସାରେ । ପିଲାଟି ଦିନରୁ ବଡ଼ ହେଲେ ସେଇ କୁନି ପିଲାଙ୍କ ଗହଣରେ ନିଜ ଜୀବନ ବିତାଇ ଦେବ ବୋଲି କେତେ ଯେ ଆଶା ବାନ୍ଧିଥିଲା । ତାହା ଆଜି ପୂରଣ ହୋଇଛି ସେଥିପାଇଁ ସେ ବହୁତ ଖୁସି । ନୂଆ ଚାକିରି କରି ଥିବାରୁ ଅଳ୍ପ ଦରମା ଗରିବ ଅଭାବି ପରିବାର ତା ଉପରେ ନିର୍ଭର କରନ୍ତି । ଘରେ ମାଆର ଦେହ ଖରାପ ଯେତେ ପାଖରେ ଡାକ୍ତର ଦେଖାଇ ଔଷଧ ଖାଇଲେ ମୋଟେ ଭଲ ହେଉନାହିଁ । ଯାହା ଦରମା ମିଳୁଛି ସେଥିରେ ପରିବାର ଖର୍ଚ୍ଚ ସାଙ୍ଗକୁ ସାନ ଭାଇ ଭଉଣୀଙ୍କ ପାଠ ପଢ଼ା ଖର୍ଚ୍ଚ ମାସ ଶେଷ ହେଲେ ହାତ ଖାଲି। ସେ ମନରେ ଚିନ୍ତା କରିଥିଲା ଗାଁ ବୁଲା କାମ ସାରିଲେ ସେଥିରୁ ଯେଉଁ ଟଙ୍କା ମିଳିବ ତା ମାଆକୁ ନେଇ ବଡ଼ ଡାକ୍ତର ଦେଖାଇବ ବୋଲି। ତାହା ସ୍ୱପ୍ନରେ ରହି ଯାଇଥିଲା । କାହାକୁ ବା ନିଜ ଦୁଃଖ କଥା କହିବ ଯାହା ପାଇବା ତାର ଅଧିକାର ସେଥିରେ ପୁଣି ଏତେ ବିଳମ୍ବ । ତା କଥା କିଏ ବା ଶୁଣିବ କାହାକୁ କହିବ । ସେ ତ ସମସ୍ତଙ୍କର ମଙ୍ଗଳ କରିବା ପାଇଁ ତାର ଜନ୍ମ। କିନ୍ତୁ ସମାଜ ଆଗରେ ପାଲଟି ଯାଇଥିଲା ଅତି ସାଧାରଣ ଯେ କେହି ବି ଧମକ ଦେଇ ନିଜର ସ୍ୱାର୍ଥ ହାସଲ କରିପାରେ ବୋଲି ତାର ଭାବନା ରାଜ୍ୟକୁ ଚାଲି ଆସୁଥିଲା । ତଥାପି ନିଜକୁ ଛୋଟ କିମ୍ବା ଦୁଃଖୀ ମନେ ନ କରି ଅନ୍ୟ ଜଣେ ବନ୍ଧୁକୁ ମନ ଦୁଃଖ କଥା ଖୋଲି କରି କହିବାରୁ ସେ ମଧ୍ୟ ଭାରି ଅସହାୟ ମନେ କରି କହୁଥିଲା ଆମେ ପରା ସବୁ ସିଷ୍ଟମରେ ବନ୍ଧା । ବନ୍ଧୁରେ କାହାକୁ ବା କହିବା ଏଠି ଧୁଆ ମୂଳା ଅଧୁଆ ମୂଳା ସବୁ ସମାନ ।।

ସା /ପୋ - ଅଣ୍ଡିଆ, ଯାଜପୁର,
ମୋ - ୯୧୭୮୩୧୩୬୪୪

# ଗୁରୁମନ୍ତ୍ର

ଡ.ଚନ୍ଦ୍ରକଳା ନାୟକ



ମହାବିଦ୍ୟାଳୟର ପ୍ରେକ୍ଷାଳୟରେ ଅବସର ସଭା ଆରମ୍ଭ ହୋଇଥାଏ। ଅନେକ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ରହିଥାନ୍ତି। ଏହି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦୟାନିଧି ଦାସଙ୍କ ଚାକିରୀ ଜୀବନର ଶେଷ ଦିବସର ଅବସର କାଳୀନ ସଭା। ସ୍ମୃତିର ଫର୍ଦ୍ଦ ସବୁ ଧୀରେ ଧୀରେ ଏହି ସଭାରେ ଖୋଲୁଥାଏ। ଜଣକ ପରେ ଜଣେ ନିଜର ସ୍ମୃତିକୁ ବଖାଣୁଥାନ୍ତି। ଖୁବ ଭାବଗର୍ଭକ ଥିଲା ଏହି ସଭା। ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ମଦନ ରାଉତ ତାଙ୍କର ସ୍ମୃତି ଚାରଣ ଉଦ୍ଦେଶ୍ୟରେ କହିଥିଲେ- ସାର ଆପଣ, ଆପଣଙ୍କ ନାମର ସାର୍ଥକତାକୁ ପ୍ରତିପାଦିତ କରିଛନ୍ତି। ଆପଣ ଦୁଃଖୀ ମଣିଷର ବନ୍ଧୁ। ଦୀର୍ଘ ୩୫ ବର୍ଷର ଜୀବନକାଳ ମଧ୍ୟରେ ଆପଣ କାହାକୁ କେବେ ପଦେ ବଡ ପାଟିରେ କଥା କହି ନାହାନ୍ତି। ସର୍ବଦା ହସ ହସ ମୁଖ , ମଧୁର ବାକ୍ୟ। ଏତିକି କହି ମଦନ କାନ୍ଦି ପକାଇଲେ। ତା ପରେ ଇଂରାଜୀ ବିଭାଗ ମୁଖ୍ୟ ବିନୟ ମିଶ୍ର ଅତ୍ୟନ୍ତ କୌତୁହଳପ୍ରଦ ଭାବେ ପଚାରିଲେ – ସାର ଆପଣଙ୍କ ନିକଟରେ ଏତେ ଧୈର୍ଯ୍ୟ କୋଉଠୁ ଆସେ। ମୁଁ ତ ଅନ୍ୟ କନିଷ୍ଠ ଅଧ୍ୟାପକଙ୍କ ଉପରେ ସର୍ବଦା ମୋର କ୍ରୋଧ ପ୍ରକାଶ କରେ। ଆଜି ଶେଷ ଦିନରେ ଏହି ଧୈର୍ଯ୍ୟର ଗୁରୁମନ୍ତ୍ରଟି କଣ, ସମସ୍ତଙ୍କ ଉଦ୍ଦେଶ୍ୟରେ ପ୍ରକାଶ କରନ୍ତୁ।

ଶେଷରେ ଦୟାନିଧି ସାର ମାଇକ୍ରୋ ଫୋନ ସାମନାରେ ଉପସ୍ଥିତ ଥିଲେ। ମୁଖରେ ସେମିତି ମନ୍ଦ ମନ୍ଦ ହସ। ସାଧା ସରଳ ବ୍ୟକ୍ତିତ୍ୱ। ମହାବିଦ୍ୟାଳୟର ଅଧ୍ୟକ୍ଷ ବୋଲି ସାମାନ୍ୟତମ ବଡିମା ନାହିଁ। ଆରମ୍ଭ କଲେ ତାଙ୍କ ଗୁରୁମନ୍ତ୍ର। ମୋ ବାପା ଜଣେ ସାଧାରଣ ଶିକ୍ଷକ ଥିଲେ। ଗାନ୍ଧିବାଦୀ ମଣିଷ। ସାହିତ୍ୟର ସୁଦକ୍ଷ ଗୁରୁ। ପ୍ରାଇମେରୀ ବିଦ୍ୟାଳୟର ସାହିତ୍ୟ ଶିକ୍ଷକ। ମୋର ମନେ ଅଛି, ମୁଁ ପଞ୍ଚମ ଶ୍ରେଣୀର ଛାତ୍ର ଥାଏ। ବାପା ସବୁଦିନ ପରି ଧାର୍ଯ୍ୟ ସମୟର ଯଥେଷ୍ଟ ପୂର୍ବରୁ ଘରୁ ବାହାରି ଯାନ୍ତି। ତାଙ୍କ ସାଇକେଲ ତାଙ୍କ ଜୀବନ ଧନ। ଦୁଇଟି ପୁସ୍ତକ ସାଇକେଲର କ୍ୟାରିୟରରେ ରଖା ଯାଇଥାଏ। ସେଦିନ ଥାଏ ଗୁରୁବାର। ମୋ ମାଆର ଦେହ ଅସୁସ୍ଥ ଥାଏ। ମୋ ମାଆ ସ୍ୱାସ୍ଥ୍ୟର ଯତ୍ନ ନେବା ପାଇଁ ବାପାଙ୍କ ନିର୍ଦ୍ଦେଶ ଥାଏ। ଠିକ ଦି ପ୍ରହର ବେଳକୁ ମାଆର ତାତି କମିବାର ନାଁ ଧରି ନଥିଲା। ମାଆ ଖାଲି ବାଉଳି ଚାଉଳି ହେଉଥିଲା। ଓଦା କପଡାରେ ଶରୀରକୁ ଯେତେ ପୋଛିଲେ ବି, ଦେହର ତାପ କମିବାର ନାଁ ନେଉ ନଥାଏ। ମୁଁ ଅଗତ୍ୟା ହୋଇ ବାପାଙ୍କ ପାଖକୁ ସ୍କୁଲ ଦଉଡିଲି। ଦୂରରୁ ଦେଖିଲି ସ୍କୁଲର ବରଗଛ ନିକଟରେ ବାପା ସ୍ଥାଣୁ ପରି ଦଣ୍ଡାୟମାନ ଅଛନ୍ତି। ଭାବିଲି, ଏହା ତ ଖେଳଛୁଟିର ସମୟ। ବାପା ତ ବିଦ୍ୟାଳୟ ଭିତରେ ରହିବା କଥା। କିନ୍ତୁ ବାହାରେ ଠିଆ ହୋବାର କାରଣ କଣ ? ବାପାଙ୍କ ପାଖରେ ପହଞ୍ଚି ଦେଖିଲି, ବାପାଙ୍କ ଆଖି ଦୁଇଟି ପୁରା ଲାଲ, ନାକ ପୁଡା ଦିଟା ଫୁଲି ଯାଇଛି, ଗୋରା ତକ ତକ ମୁହଁରେ ଲମ୍ବା ଭ୍ରୁଲତା ଦୁଇଟି ଦୋଳାୟମାନ। ମୋତେ ଦେଖି ବାପା ଅପ୍ରସ୍ତୁତ ହୋଇଗଲେ। ମୁଁ କିନ୍ତୁ ବାପାଙ୍କ ଆଖିର ଲୁହକୁ ଦେଖୁଥିଲି। ଆଶ୍ଚର୍ଯ୍ୟ ହେଲି। ବାପା ମୋର ଦମ୍ଭ ଓ ସାହସର ବଟବୃକ୍ଷ ବୋଲି ମୁଁ ସର୍ବଦା ଗର୍ବ କରେ। କିନ୍ତୁ ଏପରି ପରିସ୍ଥିତି କାହିଁକି ଘଟିଲା, କିଛି ବୁଝି ବି ହେଉ ନଥିଲା।

ମାଆର ଦେହ କଥା, ବାପାଙ୍କୁ କିଛି ନଜଣାଇ ସିଧା ପ୍ରଧାନ ଶିକ୍ଷକଙ୍କ ନିକଟକୁ ଦଉଡିଲି। ପଚାରିଲି- ସାର ମୋ ବାପାଙ୍କୁ କଣ ଏମିତି କହିଲେ ? ମୋ ବାପା ପ୍ରଥମ ଥର ପାଇଁ ଜୀବନରେ ପୁରା ଭାଙ୍ଗି ପଡିଛନ୍ତି। ପ୍ରଧାନ ଶିକ୍ଷକ ଖୁବ ଅହଂକାରୀ ଥିଲେ। ତାଙ୍କ ଦୋଷକୁ ଢାଙ୍କି ମୋ ସାମନାରେ ବାପାଙ୍କ ଭୁଲକୁ ସମୀକ୍ଷା କଲେ। କିନ୍ତୁ ତାହା ମୋ ପାଇଁ ଗ୍ରହଣୀୟ ନଥିଲା। ବାପା, ତତକ୍ଷଣାତ ମୋତେ ସେହିଠାରୁ ବୁଝାଇ ଘରକୁ ନେଇ ଆସିଥିଲେ। ସେତେବେଳେ ମାଆର ଜର ବି ସଂପୂର୍ଣ୍ଣ କମି ଯାଇଥିଲା। ବାପା ମୋତେ ପାଖରେ ବସି ବୁଝାଇଥିଲେ, ମଣିଷ ଜୀବନର ଗୁଢ ରହସ୍ୟ। କହିଥିଲେ ଶୁଣୁ ଦୟା- କେହି କେବେ ଅନ୍ୟକୁ କଷ୍ଟ ଦେଇ ଶାନ୍ତି ପାଇପାରେନା। ତାର ବିଚାର ସୃଷ୍ଟିକର୍ତ୍ତା ନିଶ୍ଚେ କରିବେ। ମୋ ଦୁଃଖର କାରଣ, ମୋ ବାପା ମାଆଙ୍କୁ ନେଇ ପ୍ରଧାନ ଶିକ୍ଷକ ମୋ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିଥିଲେ। ମୁଁ କାଳେ ସଂସ୍କାର ଶିଖିନାହିଁ। ସେଥିପାଇଁ ଇଙ୍ଗିତ ଦେଇଥିଲେ। ତାହା ହିଁ ମୋ ଦୁଃଖର କାରଣ ଥିଲା। କିନ୍ତୁ ତୁ ଦେଖ୍, ସାରା ବିଦ୍ୟାଳୟରେ କେହି ଜଣେ ବି ତାଙ୍କୁ ଭଲ ପାଆନ୍ତି ନାହିଁ। ସେ ଅହଂକାରୀ ବୋଲି ସର୍ବଦା ନିସଙ୍ଗ। ତୁ ତୋ ଜୀବନରେ ଯେଉଁଠି ବି ରହ, ସମସ୍ତଙ୍କୁ ଭଲ ପାଇବୁ। ମିଠା କଥା କହିବୁ। ନିରାଡମ୍ବର ଜୀବନ ବିତାଇବୁ। ଦେଖିବୁ ଜୀବନଟା କେତେ ସରଳ ହୋଇଯିବ। ସେହି ଦିନଠାରୁ ମୁଁ ସ୍ଥିର କଲି, ମୁଁ ଭଲ ପାଠ ପଢିବି, ଜଣେ ଭଲ ମଣିଷ ହେବି। କାହା ମନରେ କଷ୍ଟ ଦେବିନାହିଁ। କୌଣସି ମଣିଷର ପରିଚୟ ତା କର୍ମସ୍ଥଳରେ ସୀମିତ ନୁହେଁ। ସେ କାହାର ପୁଅ, କାହାର ସ୍ୱାମୀ, କାହାର ବାପା, ଆଉ କାହାର ଭାଇ ହୋଇଥାନ୍ତି। ସେମାନଙ୍କ ପରିବାର ପାଇଁ ସେହି କର୍ମଚାରୀଟିଏ ସାହସର ଉତ୍ସ ହୋଇଥାଏ। ସେହି ଉତ୍ସଟିକୁ ଯଦି ମାନସିକ ଆଘାତ ଦିଆଯାଏ, ସେ କଷ୍ଟ ସାରା ପରିବାର ଭୋଗିଥାନ୍ତି। ସାମାନ୍ୟ ତ୍ରୁଟିକୁ ଧରି ଗୋଟିଏ ଅନୁଷ୍ଠାନ ପ୍ରତି କର୍ମଚାରୀଟିର ଥିବା ଅଙ୍ଗୀକାରବଦ୍ଧତାକୁ ଆଦୌ ଭୁଲିଯିବା ଉଚିତ ନୁହେଁ। ଗୋଟିଏ ଶିକ୍ଷାନୁଷ୍ଠାନରେ ସମସ୍ତଙ୍କ ସହଯୋଗ ଓ ଆନ୍ତରିକ ଶ୍ରଦ୍ଧା ବିନା ତାହା ବିଦ୍ୟାର ମନ୍ଦିର ହୋଇ ପାରେନା। ମଣିଷ ତାର କ୍ରୋଧକୁ ନିୟନ୍ତ୍ରଣ କରି ନପାରିବା ଅର୍ଥ ନୁହେଁ ଅନ୍ୟ ପ୍ରତି ନିର୍ଦ୍ଦୟ ଆଚରଣ କରିବ। ଏପରି ସ୍ଥଳେ ବୁଝାମଣା ହିଁ ସମସ୍ୟାର ସମାଧାନ କରେ। ମଣିଷ ସମସ୍ତଙ୍କୁ ଭଲ ପାଇ ପାରିଲେ ଈଶ୍ୱର ସୁଷ୍ଠ ହୁଅନ୍ତି। କାହାକୁ କଷ୍ଟ ଦେବା... ଏତିକି କହୁ କହୁ ଦୟାନିଧିବାବୁଙ୍କ କଣ୍ଠ ବାଷ୍ପରୁଦ୍ଧ ହୋଇ ଯାଇଥିଲା। ଏହି ଅନୁଷ୍ଠାନରେ ତାଙ୍କର ଦୀର୍ଘ ୩୫ ବର୍ଷ କାର୍ଯ୍ୟର କର୍ମଫଳ ତାଙ୍କ କାର୍ଯ୍ୟକ୍ଷେତ୍ରରେ ବିଦାୟ ଦିବସରେ ତାଙ୍କୁ ଚରମ ଶାନ୍ତି ଦେଇଛି। ବାସ୍ତବରେ ପଦପଦବୀ ଆସେ କେବଳ ଯିବାପାଇଁ। ଏହା କେବେ ବି ଚିରସ୍ଥାୟୀ ନୁହେଁ। ପଦପଦବୀର ଠିକ ଭାବେ ବ୍ୟବହାର କରୁଥିବା ମଣିଷଟି ଈଶ୍ୱରଙ୍କ ଅମୃତ ସନ୍ତାନ। ବାପାଙ୍କ ଠାରୁ ପାଇଥିବା ଏହି ଗୁରୁମନ୍ତ୍ରକୁ ଦୟାନିଧିବାବୁ ଅକ୍ଷରେ ଅକ୍ଷରେ ପାଳନ କରିଛନ୍ତି। ସଭା ସ୍ଥଳର ସମସ୍ତ ଅଧ୍ୟାପକ, କର୍ମଚାରୀ ବନ୍ଧୁମାନେ ଆବେଗପୂର୍ଣ୍ଣ ଭାବେ ମନ୍ତ୍ରମୁଗ୍ଧ ହୋଇ ଦୟାନିଧିବାବୁଙ୍କୁ ଅନାଇ ରହିଥିଲେ। ତାଙ୍କ ବିଦାୟ କାଳୀନ ଦୃଶ୍ୟରୁ ସ୍ପଷ୍ଟ ହେଉଥିଲା ସେ ଖୁବ ଆତ୍ମ ସନ୍ତୋଷର ସହ କର୍ମକ୍ଷେତ୍ରରୁ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ।

ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ,
ଛତିଆ, ଯାଜପୁର,
ମୋ-୯୪୩୭୯୫୭୬୧୭

# ବାହୁବଳୀ ଭୂତ

ଡକ୍ଟର ସତ୍ୟ ନାରାୟଣ ମିଶ୍ର

ଶୁଭ୍ରାଂଶୁ ପଚାରିଲା.. ଶୁଣୁଛୁଟି କାରର ପଛ ସିଟରେ ଆମେ ଦୁହେଁ ବସିଥିଲୁ। ଡ୍ରାଇଭର ଗାଡି ଚଳାଉଥିଲା । ବୁଲାବୁଲି କରି ଫେରୁ ଫେରୁ ରାତି ଦୁଇଟା ପାଖା ପାଖି ହୋଇ ଯାଇଥିଲା । ଭୁବନେଶ୍ୱର -କଟକ ରାସ୍ତାର ସେଇ ଜାଗାରେ 'ଶୁଣୁଛୁ ଟି 'ଶୁଣି ଶୁଭ୍ରାଂଶୁର କଥାରେ ମୋର ଘୁମନ୍ତ ଆଖି ପତା ଖୋଲି ଯାଇଥିଲା କହିଲି 'ହଁ, କହ – ଶୁଭ୍ରାଂଶୁ କହିଲା, ବାପା କହୁଥିଲେ, ସେତେବେଳେ କଟକ ରାସ୍ତା ଗୋଟେ ଲେନ ଥିଲା, ଏବ ପରି ମଲ୍ଟି ଲେନ ନୁହେଁ, ଆଉ ଠିକ ଏହି ଜାଗାରେ ଭୂତ ବାହାରେ । ଆଁ.. ସେ କେମିତିକା କଥା । ଆରେ ଶୁଣୁ.. ଶୁଭ୍ରାଂଶୁ କହିଲା, ଗାଡି ଯାଉଥିବ, ଆଉ ହଠାତ ରାସ୍ତା ଉପରକୁ ବାଳ ମୁକୁଳା କରି ସ୍ତ୍ରୀ ଲୋକଟିଏ ପଳେଇ ଆସିବ । ବିଚରା ଡ୍ରାଇଭର ହଡବଡ ହୋଇ ନିୟନ୍ତ୍ରଣ ହରାଇ ବସିବ, ଆଉ ତାପରେ ଆକ୍ସିଡେଣ୍ଟ... ଏମିତି ବହୁଥର ହୋଇଛି। ଓଃ.. ଏମିତି କଥା କି..ମାତ୍ର ମୁଁ ଏଗୁଡା ଭାବେ 'ହାଲୋସିନେସନ' ଭୟାତୁର ମନର ବିକାର ମାତ୍ର । ଶୁଭ୍ରାଂଶୁ କହିଚାଲିଲା.. ସେ ଦିନ ଥିଲା ନିଆରା, ବାପା ଫେରୁଥିଲେ ଭୁବନେଶ୍ୱରରୁ, ରାତି ଗୋଟେ ସରିକି ହେବ । ଚନ୍ଦ୍ରପକ୍ଷ ରାତି.. ହେଡ ଲାଇଟରେ ଦେଖିଲା ବେଳକୁ, ବାଳ ମୁକୁଳା କରି ସ୍ତ୍ରୀଟିଏ ଗାଡି ଆଗକୁ ଦୌଡ଼ି ଆସିଲା । ବାପା ପାଟିକଲେ... ଆରେ ଆରେ ପାଗଳୀ ଟା, ମାତ୍ର ଡ୍ରାଇଭର ଥିଲା ହୁସିଆର ଫୁଲବାଣୀ ପଟ ଲୋକ.. ଟୁଟୁକା ମନ୍ତ୍ର ଯନ୍ତ୍ର ଜାଣେ, ସେ ଗୁଣୁ ଗୁଣୁ ହୋଇ କଣ ପଢିଲା, ବ୍ରେକ ମାରିବ କଣ ସିଧା ତା ଉପରକୁ ଗାଡି ଧସେଇ ଦେଲା.. ବାପା ଆଖି ବୁଜି ଥରୁଥିଲେ । କିଛି ବାଟ ପରେ ଗାଡି ପଛକୁ ଚାହିଁଲେ, ଧଳା ଛାଇଟିଏ... ରାସ୍ତା ଉପରେ ଠିଆ ହୋଇ.. ଟା, ଟା, କରିବା ପରି ଲାଗିଲା । ମୁଁ କହିଲି.. ମିଛ, ସେ ଡ୍ରାଇଭର ମଦ ପିଇ ଥିବ.. ତେଣୁ ସେ ସେମିତି ଚଳଉଥିବ... ଆଉ ତୋ ବାପାଙ୍କ ଅନୁମାନ ଠିକ। ସେ ପାଗଳୀ...ଗାଡି ଦେଖି ତାର ହୋସ ଆସିଥିବ। ସେ ଅଟକି ଯାଇଥିବ । ଆରେ ନା.. ଶୁଭ୍ରାଂଶୁ କହିଲା.. ଏମିତି କେତେ ଥର ହୋଇଛି ନା, କଣ ଥରେ ଅଧେ । ଏଥର ମୁଁ ପଚାରିଲି.. ତାହେଲେ ସେ ଭୁତୁଣୀ ଏବେ କୁଆଡେ ଗଲା ? ଶୁଭ୍ରାଂଶୁ କହିଲା.. ରାସ୍ତା ଚଉଡା ହେଲା, ପୁରୁଣା ଘର ଦ୍ୱାର ଭଙ୍ଗାଗଲା... ଗଛ ସବୁ କାଟି ଦିଆଗଲା..ଆଉ ସେ ରହିବ କୋଉଠି ? ଭଲ ଲଜିକ ଥୋଇଲୁ ଭାଇ..ମୁଁ କିନ୍ତୁ ବୁଝୁଛି.. ଶୁଣୁ.. ଆମ ମୁଣ୍ଡରେ ବଢିବାର ଭୂତ, ରାସ୍ତା ଚଉଡା କରିବାର ଭୂତ, ଗଛ କାଟି ସଭ୍ୟତାକୁ ଆଗକୁ ବଢ଼ାଇବାରର ଭୂତ, ସହରୀ ହେବାର ଭୂତ.. ଅଧିକ ଗାଡି ଘୋଡା ରଖି ବୁଲିବାର ଭୂତ, ନିଶା ଖାଇବାର ଭୂତ... ଏମିତି ଅନେକ ବାହୁବଳୀ ଭୂତ। ଭୁତୁଣୀକୁ ଦେଖି ବିଚାରୀ ଧଳା ଶାଢ଼ି ପିନ୍ଧା ମରହଟ୍ଟୀ ଭୁତୁଣୀ ଅନେକ ଦିନରୁ ରାସ୍ତାକୁ ଆସିବା ଭୁଲିଯାଇଛି.. କାଳେ ତା ସହ କିଛି ଅଘଟଣ ବି ଘଟିପାରେ । ଶୁଭ୍ରାଂଶୁ ଦୀର୍ଘ ନିଃଶ୍ୱାସ ଛାଡି ଚୁପ ରହିଲା । ଡ୍ରାଇଭରର ହର୍ଣ୍ଣରେ... ଜଣା ପଡିଲା.. ଆମେ ଯଥା ସ୍ଥାନ ରେ ପହଞ୍ଚିଯାଇଛୁ ।



(ସି ୮୬, ଲିଙ୍ଗରାଜ ବିହାର, ଭୁବନେଶ୍ୱର
୯୯୩୮୧୬୭୩୩୧)

# ଖୁସି

ଡ. ସନ୍ତୋଷ କୁମାର ପଣ୍ଡା



ଜୀବନର ହିସାବଖାତା ସବୁବେଳେ ସରଳ ଗଣିତରେ ଚାଲେନାହିଁ। କେତେବେଳେ ସେଥିରେ ଅପ୍ରତ୍ୟାଶିତ ଭାବେ ବିୟୋଗର ଚିହ୍ନ ପଶିଆସେ, ତାହା କେହି କହିପାରନ୍ତି ନାହିଁ। ଆଜକୁ ଠିକ୍ ଚଉଦ ବର୍ଷ ତଳର କଥା। ହାତରେ ମ୍ୟାନେଜମେଣ୍ଟ ଡିଗ୍ରୀ ଆଉ ଆଖିରେ ଅସୁମାରୀ ସ୍ୱପ୍ନ ନେଇ ଏକ ପ୍ରାଇଭେଟ୍ କମ୍ପାନୀରେ କ୍ୟାରିୟର ଆରମ୍ଭ କରିଥିଲା କଟକର ଝିଅ 'ଖୁସି'। ତା'ର ହସକୁରୀ ସ୍ୱଭାବ ପାଇଁ ସେ ଅଫିସରେ ସମସ୍ତଙ୍କର ପ୍ରିୟ ଥିଲା। କାମ ଆରମ୍ଭ କରିବାର ଦୁଇ ବର୍ଷ ପରେ, ଅର୍ଥାତ୍ ବାର ବର୍ଷ ତଳେ, ତା' ଜୀବନକୁ ଆସିଥିଲା 'ଆନନ୍ଦ'। ଦୁହିଁଙ୍କର ବିବାହ ପରେ ଖୁସିର ସଂସାର କଟକର ସେଇ ସ୍ନେହ ଆଉ ଆପଣାର ପରିବେଶ ଭିତରେ ବେଶ୍ ହସଖୁସିରେ କଟି ଚାଲିଥିଲା। ବର୍ଷକ ପରେ ସେମାନଙ୍କ କୋଳକୁ ଆସିଲା ଏକ ସୁନ୍ଦର ପୁତ୍ର ସନ୍ତାନ 'ଜୀବନ'। କିନ୍ତୁ ସୁଖର ଦିନଗୁଡ଼ିକୁ ଯେମିତି କାହାର ନଜର ଲାଗିଗଲା। ସାରା ବିଶ୍ୱକୁ କବଳିତ କରିଥିବା କୋଭିଡ୍ ମହାମାରୀ ଖୁସିର ହସହସ ସଂସାର ଉପରେ ଚଡ଼କ ପକାଇଲା। ସବୁ ଚେଷ୍ଟାକୁ ବିଫଳ କରି 'ଆନନ୍ଦ' ଆଖି ବୁଜିଦେଲେ। ଖୁସି ପାଇଁ କଟକର ସେଇ ପରିଚିତ ଘର, ସେଇ ରାସ୍ତା ସବୁକିଛି ଆନନ୍ଦଙ୍କ ସ୍ମୃତିରେ ଏମିତି ଭରିଗଲା ଯେ ସେ ନିଜ ନାଁର ଅସ୍ତିତ୍ୱକୁ ହରାଇ ବସିଥିଲା। ଏଇ ଦୁର୍ଦ୍ଦିନରେ ଆଉ ଏକ ଆହ୍ୱାନ ଖୁସିର ଜୀବନରେ ଆସେ। ତା'ର ପଦୋନ୍ନତି ସହ ସ୍ଥାନାନ୍ତରଣ ସୁଦୂର ମହାରାଷ୍ଟ୍ରର ନାଗପୁରକୁ ହୁଏ। ଏକ ସମ୍ପୂର୍ଣ୍ଣ ଅପରିଚିତ ସହର, ଅଲଗା ଭାଷା ଆଉ ଅଲଗା ପରିବେଶ। କିନ୍ତୁ ଏହି ସଂଘର୍ଷରେ ଓ ଦୁର୍ଦ୍ଦିନରେ ସାହସ ଦେଇ ତା' ପଛରେ ଠିଆ ହୋଇଥିଲେ ତା'ର ବୃଦ୍ଧ ମାଆ ଆଉ ବାପା। ବାପା କଟକ ଘରର ଦାୟିତ୍ୱ ବୁଝୁଥିବା ବେଳେ, ମାଆ ନିଜର ବାର୍ଦ୍ଧକ୍ୟକୁ ପଛରେ ପକାଇ ଝିଅ ଓ ନାତି ପାଇଁ ନାଗପୁର ଚାଲିଆସିଲେ।

ଏବେ ନାଗପୁରର ଏକ ଆପାର୍ଟମେଣ୍ଟରେ ଖୁସି ପାଖରେ ରହୁଛନ୍ତି ତା'ର ୧୧ ବର୍ଷର ପୁଅ 'ଜୀବନ'ଓ ନିଜ ମାଆ। ଦିନେ ସନ୍ଧ୍ୟାରେ, ନାଗପୁରର ସେଇ ବାଲକୋନିରେ ବସି ଶୂନ୍ୟକୁ ଚାହିଁ ଲୁହ ଝରାଉଥିବା ଖୁସି ପାଖକୁ ତା' ପୁଅ ଆସି ତା' ହାତକୁ ଧରି ପଚାରିଲା:-

'ମାମା, ତୁମେ ସବୁବେଳେ ଏମିତି ଲୁଚି ଲୁଚି କାନ୍ଦୁଛ କାହିଁକି ? ଆଈ ତ କହୁଥିଲେ ବାପା ସେଇ ଆକାଶର ତାରା ହୋଇ ଆମକୁ ଦେଖୁଛନ୍ତି। ତୁମେ ନ ହସିଲେ ବାପାଙ୍କୁ କ'ଣ କଷ୍ଟ ହେବନି ? ମୋତେ ବି ତୁମ ହସ ବହୁତ ଭଲ ଲାଗେ।'

ପୁଅର ଏହି ପରିପକ୍ୱ କଥା ଆଉ ପଛରେ ଠିଆ ହୋଇଥିବା ମାଆଙ୍କ ଆଖିର ଅନୁରୋଧ ଖୁସିର ଛାତିକୁ ଆନ୍ଦୋଳିତ କରିଦେଲା। ମାଆ ଆସି ତା' କାନ୍ଧରେ ହାତ ରଖି କହିଲେ:- 'ଝିଅ ମୋର, 'ଆନନ୍ଦ' ଚାଲିଯାଇଛି ସତ, କିନ୍ତୁ ତୁ ଯଦି ଏମିତି ଭାଙ୍ଗିପଡ଼ିବୁ, ତେବେ ଏଇ ପିଲାଟା କାହାକୁ ଦେଖି ବଞ୍ଚିବ? ତୁ ତ ସମସ୍ତଙ୍କ ମୁହଁରେ ହସ ଫୁଟାଉଥିବା ଝିଅ। ଏବେ ନିଜ ପାଇଁ ନ ହେଲେ ବି, ଏଇ ପୁଅ ପାଇଁ ଆଉ ଆମ ପାଇଁ ତୋତେ ପୁଣି ସେଇ ପୁରୁଣା ଖୁସିକୁ ଫେରାଇ ଆଣିବାକୁ ହେବ।

ମାଆଙ୍କ ସାନ୍ତ୍ୱନା ଆଉ ପୁଅର ନିଷ୍ପାପ ଆଖି ଖୁସିକୁ ଏକ ନୂଆ ଜୀବନ ଦେଲା। ସେ ବୁଝିପାରିଲା ଯେ, ନିଜ ଦୁଃଖକୁ ଆବୋରି ବସିଲେ ଜୀବନ ଆଗକୁ ବଢ଼ିପାରେନାହିଁ। ସେ ସ୍ଥିର କଲା, ସେ କେବଳ ନିଜେ ହସିବ ନାହିଁ, ବରଂ ନିଜ ଚାରିପାଖରେ ଥିବା ସମସ୍ତଙ୍କ ଜୀବନରେ ଖୁସି ବାଣ୍ଟିବ। ଏବେ ନାଗପୁରର ସେଇ ଆପାର୍ଟମେଣ୍ଟର ପରିବେଶ ସମ୍ପୂର୍ଣ୍ଣ ବଦଳିଯାଇଛି। ଅଫିସ୍ କାମର ବ୍ୟସ୍ତତା ଭିତରେ ବି ଖୁସି ସମୟ ବାହାର କରି ପୁଅ ସହ କ୍ୟାରମ୍ ଖେଳେ, ମାଆଙ୍କ ସହ ରୋଷେଇ ଘରେ ସାହାଯ୍ୟ କରେ। କେବଳ ସେତିକି ନୁହେଁ, ଅଫିସର କ୍ଳାନ୍ତ ପରିବେଶରେ ସେ ନିଜ ସହକର୍ମୀମାନଙ୍କୁ ସକାରାତ୍ମକ ଶକ୍ତି ଦିଏ। ନିଜ ନାଁକୁ ସାର୍ଥକ କରି ସେ ସତେ ଯେମିତି ସୁଦୂର ନାଗପୁରରେ ସ୍ନେହ ଓ ହସର ମହକ ବାଣ୍ଟିବାରେ ଲାଗିଛି। ସ୍ମୃତି ଆଉ ସାନ୍ତ୍ୱନାର ସହର କଟକକୁ ମଝିରେ ମଝିରେ ଯେତେବେଳେ ଖୁସି ନିଜ ପୁଅ ଆଉ ମାଆଙ୍କୁ ନେଇ ଆସେ, ସେତେବେଳେ ସେ ସାରା ଘରକୁ ଆନନ୍ଦରେ ଭରିଦିଏ। କଟକ ରେଳ ଷ୍ଟେସନରେ ଅଜାଙ୍କୁ ଦେଖି ପୁଅ ଯେତେବେଳେ ଦୌଡ଼ିଯାଇ ତାଙ୍କୁ କୁଣ୍ଢାଇ ପକାଏ, ସେଇ ମୁହୂର୍ତ୍ତରେ ଖୁସିର ଆଖି କୋଣ ଖୁସିରେ ଓଦା ହୋଇଯାଏ। ଦିନେ କଟକ ଘରର ବଗିଚାରେ ବସି ସମସ୍ତେ ମିଶି ରାତ୍ରି ଭୋଜନ କରୁଥିବା ସମୟରେ, ପୁଅ ହସି ହସି କହିଉଠିଲା:- 'ଅଜା ! ଜାଣିଛ, ନାଗପୁରରେ ମାମା ସମସ୍ତଙ୍କର ପ୍ରିୟ। ସେ ଆମ ଆପାର୍ଟମେଣ୍ଟର ସବୁ ପିଲାଙ୍କୁ ଚକୋଲେଟ୍ ଦିଏ, ସମସ୍ତଙ୍କ ସହ ହସି ହସି ଗପେ। ମାମା ସମସ୍ତଙ୍କୁ ବହୁତ ଖୁସି କରାଏ।'

ବାପା (ଆଖିରେ ଗର୍ବର ଲୁହ ନେଇ ଖୁସିକୁ ଚାହିଁଲେ): 'ଝିଅ ମୋର... ଆନନ୍ଦ ସିନା ଚାଲିଯାଇଛି, କିନ୍ତୁ ସୁଦୂର ନାଗପୁରରେ ଥାଇ ବି ତୁ ଯେମିତି ନିଜ ଭିତରର ଦୁଃଖକୁ ପଛରେ ପକାଇ ସମସ୍ତଙ୍କ ମୁହଁରେ ହସ ଫୁଟାଉଛୁ, ତାହା ହିଁ ତୋର ସବୁଠାରୁ ବଡ଼ ବିଜୟ। ଆଜି ତୁ ସତରେ ତୋ ନାଁକୁ ସାର୍ଥକ କରିଛୁ, ମାଆ।'

ଖୁସି (ହସି ହସି ବାପା ଓ ମାଆଙ୍କ ହାତକୁ ଧରି): 'ବାପା, ତୁମମାନଙ୍କ ଆଶୀର୍ବାଦ ଆଉ ମୋ ପୁଅର ଏଇ ନିଷ୍ପାପ ହସ ହିଁ ମୋର ଅସଲ ବଳ। ଅନ୍ୟକୁ ଖୁସି ବାଣ୍ଟିଲେ ହିଁ ନିଜ ଭିତରର ଶୂନ୍ୟତା ପୂରଣ ହୋଇଯାଏ। ମୁଁ ନାଗପୁରରେ ରହେ ବା କଟକରେ, ମୋ ପରିବାର ମୋ ସାଙ୍ଗରେ ଥିଲେ ମୁଁ ଏମିତି ସମସ୍ତଙ୍କୁ ଖୁସି ବାଣ୍ଟୁଥିବି।'

ଆଜି ଖୁସି ପାଖରେ ତାର ସେଇ ୧୧ ବର୍ଷର ପୁଅ, ପ୍ରେରଣାଦାୟୀ ମାଆ ଆଉ କଟକରେ ଥିବା ବାପାଙ୍କ ସ୍ନେହ ଅଛି। ଜୀବନର ସବୁଠାରୁ ବଡ଼ ଝଡ଼କୁ ସାମ୍ନା କରିବା ପରେ ମଧ୍ୟ, ସେ ନିଜ ଜୀବନକୁ ହସହସ ମୁହଁରେ ଆବୋରି ନେଇଛି ଏବଂ ଆନନ୍ଦଙ୍କ ଅବର୍ତ୍ତମାନରେ ମଧ୍ୟ ନିଜ ସହିତ ଅନ୍ୟମାନଙ୍କ ଜୀବନରେ ବି ଆନନ୍ଦ ଭରୁଛି।

'ଖୁସି'ର ଏହି ଯାତ୍ରା ଆମକୁ ଶିଖାଏ ଯେ, ଆଘାତ ଯେତେ ବଡ଼ ହେଲେ ମଧ୍ୟ ଯଦି ଆତ୍ମବିଶ୍ୱାସ ଆଉ ପରିବାର ସାଥିରେ ଥାଏ, ତେବେ ମଣିଷ କେବଳ ନିଜେ ସଂଘର୍ଷରୁ ମୁକ୍ତ ହୁଏନାହିଁ, ବରଂ ଅନ୍ୟମାନଙ୍କ ପାଇଁ ମଧ୍ୟ ଜୀବନ ଜିଇଁବାର ଏକ ସୁନ୍ଦର ଉଦାହରଣ ସାଜିପାରେ।

କଟକ, ମୋ-୮୨୪୯୦୨୧୪୨୪

# ଶ୍ରେୟସ ଆୟାରଙ୍କ ଅଧିନାୟକତ୍ୱକୁ ନେଇ ପ୍ରଶ୍ନ ଉଠାଇଲେ କାର୍ତ୍ତିକ



**ନୂଆଦିଲ୍ଲୀ**

ଇଂଲଣ୍ଡ ବିପକ୍ଷ ପ୍ରଥମ ଟି-୨୦ ବର୍ଷା ପାଇଁ ବାତିଲ୍ ହୋଇଛି ସତ କିନ୍ତୁ ଶ୍ରେୟସଙ୍କ ନିଷ୍ପତ୍ତି ଏବେ ସବୁଠି ଚର୍ଚ୍ଚାର ବିଷୟ। ବର୍ଷା ପାଗ ରହିଥିବା ସହ ପିଚ୍ ଘାସୁଆ ରହିଥିଲା। ସବୁବେଳେ ଅଧିନାୟକମାନେ ଏଭଳି ସମୟରେ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥାନ୍ତି। କିନ୍ତୁ ଶ୍ରେୟସ ଭିନ୍ନ ନିଷ୍ପତ୍ତି ସମସ୍ତଙ୍କୁ ଚକିତ କରିଥିଲା। କାରଣ ଟସ୍ ଜିତିବା ପରେ ପ୍ରଥମେ ବ୍ୟାଟିଂ କରିଥିଲା ଭାରତ। ଯାହାକୁ ନେଇ ନିଜର ପ୍ରତିକ୍ରିୟା ରଖିଛନ୍ତି ପୂର୍ବତନ ଭାରତୀୟ କ୍ରିକେଟର ଦିନେଶ କାର୍ତ୍ତିକ। ଆୟାର୍ଲାଣ୍ଡ ବିପକ୍ଷ ଦୁଇ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜରେ ଭାରତର ପରାଜୟକୁ ନେଇ ସମାଲୋଚନା କରିଛନ୍ତି କାର୍ତ୍ତିକ। ଅଧିନାୟକଙ୍କ ଭିନ୍ନ ରଣନୀତି ପରାଜୟର କାରଣ ବୋଲି ସମାଲୋଚନା କରିଛନ୍ତି। ଏହାସହ ସେ କହିଛନ୍ତି କି, ପାଗ ନିରନ୍ତର ଭାବେ ବଦଳୁଥିବାବେଳେ ଇଂଲଣ୍ଡ ବିପକ୍ଷ ଟସ୍ ନିଷ୍ପତ୍ତି କିଛି ଭୁଲ୍ ନଥିଲା। ଟି-୨୦ରେ ପ୍ରାୟ ଦଳ ଚେଜ୍ କରିବା ପାଇଁ ପସନ୍ଦ କରନ୍ତି ଏଣୁ ଆୟାର୍ଲାଣ୍ଡ ବିପକ୍ଷ ମ୍ୟାଚର ହ୍ୟାଙ୍ଗ୍ ଓଭର ଏଯାବତ ଯାଇନି ବୋଲି କହିଛନ୍ତି କାର୍ତ୍ତିକ। ହୁଏତ ଆୟାର୍ଲାଣ୍ଡ ଭଳି ପ୍ରଥମେ ବ୍ୟାଟିଂ କରି ଜିତିବା ଲକ୍ଷ୍ୟରେ ରହିଥିଲା ଭାରତ। ଭାରତ ଆୟାର୍ଲାଣ୍ଡ ବିପକ୍ଷ ଦୁଇଟିଯାକ ମ୍ୟାଚରେ ଲକ୍ଷ୍ୟ ପୂରଣ କରିବାରେ ବିଫଳ ହୋଇଥିଲା। ପ୍ରଥମ ମ୍ୟାଚ୍‌ରେ ୩୪ ରନ ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ୧ ରନରେ ପରାସ୍ତ ହୋଇଥିଲା। ଏଣୁ ମ୍ୟାନେଜମେଣ୍ଟ ବୋଧେ ଭିନ୍ନ ରଣନୀତି ଆପଣାଇଥିଲା। ପ୍ରଥମେ ବ୍ୟାଟିଂ କରି ବଡ଼ ସ୍କୋର କରିବାର ଲକ୍ଷ୍ୟ ରଖିଥିଲା କି ବୋଲି କହିଛନ୍ତି। ଭାରତ ଆୟାର୍ଲାଣ୍ଡ ବିପକ୍ଷ ପରାଜୟରୁ ଅନେକ ଶିକ୍ଷା ଲାଭ କରିଛି। ଏଣୁ ଇଂଲଣ୍ଡ ବିପକ୍ଷ ମୁକାବିଲାରେ ଆତ୍ମବିଶ୍ୱାସର ସହ ମଇଦାନକୁ ଓହ୍ଲାଇଥିଲା ବୋଲି କାର୍ତ୍ତିକ କ୍ରିକ୍‌ବଜ୍ ସହ ଆଲୋଚନା ସମୟରେ ପ୍ରକାଶ କରିଛନ୍ତି।

# ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ୍ ପାଇଁ ସୂଚୀ ଘୋଷଣା କଲା ବିସିସିଆଇ



**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ୍ ଦଳ ଆସନ୍ତା ମାସ ଅର୍ଥାତ୍ ଅଗଷ୍ଟରେ ଟେଷ୍ଟ ସିରିଜ୍ ଖେଳିବ। ଏଥିପାଇଁ ଟିମ୍ ଇଣ୍ଡିଆ ଶ୍ରୀଲଙ୍କା ଗସ୍ତ କରିବ। ଯେଉଁଠାରେ ଦୁଇଟି ଟେଷ୍ଟ ମ୍ୟାଚ୍ ବିଶିଷ୍ଟ ସିରିଜ୍ ଖେଳାଯିବ। ବିଶେଷ କଥା ହେଉଛି ଏହି ସିରିଜ୍ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌ର ଅଂଶବିଶେଷ। ତେଣୁ ଏହା ଟିମ୍ ଇଣ୍ଡିଆ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ବିସିସିଆଇ ଏହି ସିରିଜର ସେଡ୍ୟୁଲ୍ ଘୋଷଣା କରାଯାଇଛି।

ଶୁବମନ ଗିଲଙ୍କ ଅଧିନାୟକତ୍ୱରେ ଟିମ୍ ଇଣ୍ଡିଆ ଅଗଷ୍ଟ ମାସରେ ଶ୍ରୀଲଙ୍କା ଗସ୍ତରେ ଯିବ। ସେଠାରେ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଅଧୀନରେ ଦୁଇଟି ଟେଷ୍ଟ ମ୍ୟାଚ୍ ଖେଳାଯିବ। ଟିମ୍ ଇଣ୍ଡିଆ ବର୍ତ୍ତମାନ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ପଏଣ୍ଟ ଟେବୁଲରେ ବହୁତ ତଳେ ରହିଛି, ତେଣୁ ଏହି ସିରିଜ୍ ଜିତି ନିଜର ସ୍ଥିତି ସୁଧାରିବା ପାଇଁ ଦଳ ପାଖରେ ଏକ ଭଲ ସୁଯୋଗ ରହିବ। ସିରିଜ୍‌ର ପ୍ରଥମ ମ୍ୟାଚ୍ ଅଗଷ୍ଟ ୧୫ରୁ ଆରମ୍ଭ ହେବ, ଯାହା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ମ୍ୟାଚ୍‌ଟି ଗଲ୍‌ରେ ଖେଳାଯିବ। ଏହାପରେ ଏହି ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଅଗଷ୍ଟ ୨୩ରୁ ଅଗଷ୍ଟ ୨୭ ପର୍ଯ୍ୟନ୍ତ କଲମ୍ବୋରେ ଖେଳାଯିବ। ଆଶା କରାଯାଉଛି ଯେ ଏଥିରେ ମଧ୍ୟ ଶୁବମନ ଗିଲ୍ ହିଁ ଭାରତୀୟ ଦଳର ଅଧିନାୟକତ୍ୱ କରୁଥିବାର ନଜର ଆସିବେ।

ଟିମ୍ ଇଣ୍ଡିଆ ବର୍ତ୍ତମାନ ଇଂଲଣ୍ଡ ବିପକ୍ଷରେ ସିରିଜ୍ ଖେଳୁଛି। ବର୍ତ୍ତମାନ ପାଞ୍ଚଟି ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଚାଲିଛି, ଯାହା ଜୁଲାଇ ୧୧ରେ ଶେଷ ହେବ। ଏହାପରେ ଇଂଲଣ୍ଡ ବିପକ୍ଷରେ ହିଁ ତିନୋଟି ଦିନିକିଆ ମ୍ୟାଚ୍ ବିଶିଷ୍ଟ ସିରିଜ୍ ମଧ୍ୟ ଖେଳାଯିବ। ଯାହା ଜୁଲାଇ ୧୯ରେ ସମାପ୍ତ ହେବ। ଏହାପରେ ଟିମ୍ ଇଣ୍ଡିଆ ଜିମ୍ବାୱେ ଗସ୍ତରେ ମଧ୍ୟ ଯିବ। ଜିମ୍ବାୱେ ବିପକ୍ଷରେ ଭାରତକୁ ତିନୋଟି ଟି-୨୦ ମ୍ୟାଚ୍ ବିଶିଷ୍ଟ ସିରିଜ୍ ଖେଳିବାକୁ ହେବ। କୁହାଯାଉଛି ଯେ ଏହି ସିରିଜ୍ ଦିନିକିଆ ବିଶ୍ୱକପ୍ ପ୍ରସ୍ତୁତି ଆଧାରରେ ଖେଳାଯିବ। ବର୍ଷ ୨୦୨୭ର ଦିନିକିଆ ବିଶ୍ୱକପ୍ ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଓ ନାମିବ୍ୟାର ମିଳିତ ଆୟୋଜନରେ ଅନୁଷ୍ଠିତ ହେବ।

ଏହି ସମୟରେ ଟିମ୍ ଇଣ୍ଡିଆର ସେଡ୍ୟୁଲ୍ ବହୁତ ବ୍ୟସ୍ତବହୁଳ ରହିଛି। ବଡ଼ କଥା ହେଉଛି ସମସ୍ତ ଅର୍ଥାତ୍ ତିନୋଟିଯାକ ଫର୍ମାଟ୍ ମଝିରେ ମଝିରେ ଖେଳାଯାଉଛି। ଏହାଦ୍ୱାରା ସମସ୍ତ ଖେଳାଳି କେଉଁଠି ନା କେଉଁଠି ଖେଳୁଥିବାର ନଜର ଆସିବେ। ଯଦିଓ ଦଳର ସାମ୍ପ୍ରତିକ ପ୍ରଦର୍ଶନ କିଛି ଖାସ୍ ରହିନାହିଁ, ତଥାପି ଆଗାମୀ ସମୟରେ ଦଳ କିଭଳି ଖେଳ ପ୍ରଦର୍ଶନ କରୁଛି, ତାହା ଉପରେ ନିଶ୍ଚିତ ଭାବେ ନଜର ରହିବ।

ଶ୍ରୀଲଙ୍କା ଓ ଭାରତ ମଧ୍ୟରେ ମ୍ୟାଚ୍ ସୂଚୀ : ପ୍ରଥମ ଟେଷ୍ଟ : ୧୫-୧୯ ଅଗଷ୍ଟ, ଗଲ୍। ଦ୍ୱିତୀୟ ଟେଷ୍ଟ : ୨୩-୨୭ ଅଗଷ୍ଟ, କଲମ୍ବୋ।

# ଗୋଲ୍ଡେନ୍ ବୁଟ୍ ରେସ୍‌ରେ ମେସିଙ୍କ ସମକକ୍ଷ ହେଲେ ଏମ୍‌ବାପେ



**ଇଷ୍ଟ ରଦରଫୋର୍ଡ**

ଚଳିତ ଫିଫା ବିଶ୍ୱକପ୍‌ରେ ଫ୍ରାନ୍ସ ତା'ର ବିଜୟଧାରା ଜାରି ରଖି ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛି। କିଲିଆନ ଏମ୍‌ବାପେଙ୍କ ଡବଲ ଗୋଲ୍ ବଳରେ ରାଉଣ୍ଡ ଅଫ୍-୩୨ ମ୍ୟାଚ୍‌ରେ ଫ୍ରାନ୍ସ ୩-୦ ଗୋଲରେ ସ୍ୱିଡେନ୍‌କୁ ପରାସ୍ତ କରିଛି। ଏଥିସହିତ ଏମ୍‌ବାପେ ଚଳିତ ବିଶ୍ୱକପ୍‌ରେ ଗୋଲ୍ଡେନ୍ ବୁଟ୍ ରେସ୍‌ରେ ଆର୍ଜେଣ୍ଟିନା ସୁପରଷ୍ଟାର ଲିଓନେଲ ମେସିଙ୍କ ସମକକ୍ଷ ହୋଇଛନ୍ତି। ଦୁହେଁ ଏପର୍ଯ୍ୟନ୍ତ ୬ଟି ଲେଖାଏ ଗୋଲ୍ କରିଛନ୍ତି। ଅନ୍ୟପକ୍ଷରେ ବିଶ୍ୱକପ୍ ଇତିହାସରେ ସର୍ବାଧିକ ସଂଖ୍ୟକ ଗୋଲ କରିଥିବା ଖେଳାଳିଙ୍କ ତାଲିକାରେ ମେସି(୧୯)ଙ୍କ ପଛକୁ ଏମ୍‌ବାପେ ୧୮ ଗୋଲ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଫ୍ରାନ୍ସ ତା'ର ପ୍ରି-କ୍ୱାର୍ଟର ମ୍ୟାଚ୍‌ରେ ପାରାଗୁଏକୁ ଭେଟିବ।

ଜର୍ସି ଷ୍ଟାଡିୟମରେ ଅତ୍ୟଧିକ ଗରମ ପରିବେଶରେ ଖେଳାଯାଇଥିବା ମ୍ୟାଚ୍‌ର ୪୫ତମ ମିନିଟ୍‌ରେ ବକ୍ସ ମଧ୍ୟରେ ଉସ୍‌ମାନ ଡେମ୍ବେଲଙ୍କ ସହ ଚମତ୍କାର ଖେଳ ପ୍ରଦର୍ଶନ କରି ଏମ୍‌ବାପେ ଏକ ଦର୍ଶନୀୟ ଗୋଲ ଦେଇଥିଲେ। ଦ୍ୱିତୀୟାର୍ଦ୍ଧର ୫୩ତମ ମିନିଟ୍‌ରେ ମିଡ୍‌ଫିଲ୍ଡରୁ ମାଇକେଲ ଓଲିସେଙ୍କଠାରୁ ପାଇଥିବା ପାସ୍‌କୁ ବ୍ରାଡ୍‌ଲି ବାରକୋଲା ଅତି ସହଜରେ ଗୋଲ କରି ଫ୍ରାନ୍ସର ଅଗ୍ରଣୀ ବ୍ୟବଧାନକୁ ଦ୍ୱିଗୁଣିତ କରିଦେଇଥିଲେ। ଏହାପରେ ୭୪ତମ ମିନିଟ୍‌ରେ ଏମ୍‌ବାପେ ତାଙ୍କର ବ୍ୟକ୍ତିଗତ ଦ୍ୱିତୀୟ ଗୋଲ କରିଥିଲେ। ଏଥିରେ ତାଙ୍କୁ ମାଇକେଲ ଓଲିସେ ସହାୟତା କରିଥିଲେ। ଏହି ଗୋଲ ସହ ବିଶ୍ୱକପ୍ ନକ୍‌ଆଉଟ୍ ପର୍ଯ୍ୟାୟ ଇତିହାସରେ ୨୭ ବର୍ଷୀୟ ଏମ୍‌ବାପେଙ୍କ ଗୋଲସଂଖ୍ୟା ୧୦ରେ ପହଞ୍ଚିଛି। ଏଥିସହିତ ସେ ବିଶ୍ୱକପ୍ ନକ୍‌ଆଉଟ୍ ପର୍ଯ୍ୟାୟରେ ସର୍ବାଧିକ ସଂଖ୍ୟକ ଗୋଲ କରିଥିବା ଖେଳାଳିଙ୍କ ତାଲିକାରେ ବ୍ରାଜିଲର ଲିଜେଣ୍ଡ ଲଓନିଡାସ ଓ ରୋନାଲ୍ଡୋଙ୍କୁ ଅତିକ୍ରମ କରିଛନ୍ତି।

# ଟ୍ୱେଣ୍ଟି-୨୦ରେ ୧୦୦ ଛକା ମାରିବାରେ ଅଭିଷେକ ଦ୍ରୁତତମ



**ଡରହାମ୍**

ଭାରତୀୟ ଓପନର ଅଭିଷେକ ବୁଧବାର ଇଂଲଣ୍ଡ ବିପକ୍ଷ ପ୍ରଥମ ଟ୍ୱେଣ୍ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଇତିହାସ ରଚିଛନ୍ତି। ଏହି ମ୍ୟାଚ୍‌ରେ ୧୦୦ ଛକା ମାଇଲ୍‌ଖୁଣ୍ଟ ଛୁଇଁଥିଲେ। ଅନ୍ତର୍ଜାତୀୟ ଟ୍ୱେଣ୍ଟି-୨୦ରେ ୧୦୦ ଛକା ମାରିବାରେ ପୂର୍ଣ୍ଣ ସଦସ୍ୟ ରାଷ୍ଟ୍ରର ଖେଳାଳି ଭାବେ ସେ ଦ୍ରୁତତମ ହୋଇଛନ୍ତି।

ଏହି ମ୍ୟାଚ୍‌ରେ ୨୦ ବଲ୍‌ରୁ ଅର୍ଦ୍ଧଶତକ ଅର୍ଜନ କରିଥିବା ଅଭିଷେକ ତୃତୀୟ ଓ ଚତୁର୍ଥ ଗୋଟିଏ ଲେଖାଏଁ ଛକା ମାରି ଟ୍ୱେଣ୍ଟି-୨୦ ଅନ୍ତର୍ଜାତୀୟରେ ୭୮୫ ବଲ୍‌ରେ ୧୦୦ଛକା ପୂରଣ କରିଥିଲେ। ଏଥିସହ ଦ୍ରୁତତମ ୧୦୦ ଛକା ମାରିବାରେ ସେ ୱେଷ୍ଟଇଣ୍ଡିଜ୍ ଓପନର ଏଭିନ ଲୁଇସ୍ (୭୮୯ ବଲ୍)ଙ୍କୁ ଟପିଥିଲେ। ଏଥିସହ ସେ ପଞ୍ଚମ ଭାରତୀୟ ଭାବେ ୧୦୦ ଛକା ମାରିଛନ୍ତି। ଭାରତର ରୋହିତ ଶର୍ମା (୨୦୫), ସୂର୍ଯ୍ୟକୁମାର ଯାଦବ (୧୭୯), ହାର୍ଦ୍ଦିକ ପାଣ୍ଡ୍ୟା (୧୨୬) ଓ ବିରାଟ କୋହଲି (୧୨୪) ୧୦୦ ଛକା ମାରିବା କ୍ଲବ୍‌ରେ ରହିଛନ୍ତି।

# ଶାହରୁଖଙ୍କ ସ୍ୱପ୍ନ ପୂରଣ କଲେ ଆଇସିସି ଅଧ୍ୟକ୍ଷ ଜୟ ଶାହ



**ନୂଆଦିଲ୍ଲୀ**

ଅଭିନେତା ଶାହରୁଖ ଖାନଙ୍କ ଦୀର୍ଘ ଦିନର ସ୍ୱପ୍ନ ପୂରଣ ହୋଇଛି। ତାଙ୍କ ସ୍ୱପ୍ନ ପୂରଣ କରିଛନ୍ତି ଆଇସିସି ଅଧ୍ୟକ୍ଷ ଜୟ ଶାହ। ଏଥିପାଇଁ ଶାହରୁଖ ତାଙ୍କୁ ଧନ୍ୟବାଦ ଦେଇଛନ୍ତି। ତାଙ୍କ ଦଳ ଲସ ଆଞ୍ଜେଲସ ନାଇଟ ରାଇଡର୍ସ ପାଇଁ ଷ୍ଟାଡିୟମ ଏବେ ପ୍ରସ୍ତୁତ। ଲସ ଆଞ୍ଜେଲସର ପୋମୋନାରେ ଅବସ୍ଥିତ ଏହି ଷ୍ଟାଡିୟମ ମାତ୍ର ୧୦୦ ଦିନ ମଧ୍ୟରେ ନିର୍ମାଣ କରାଯାଇଥିଲା। ଏହାକୁ ଆମେରିକୀୟ କ୍ରିକେଟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ସକାରାତ୍ମକ ପଦକ୍ଷେପ ଭାବରେ ପ୍ରଶଂସା କରାଯାଉଛି। ଏହି ସ୍ଥାନଟି ଅଲିମ୍ପିକ ମ୍ୟାଚ ଆୟୋଜନ କରିବାକୁ ମଧ୍ୟ ପ୍ରସ୍ତୁତ।

ସୋସିଆଲ ମିଡିଆରେ ଷ୍ଟାଡିୟମ ନିର୍ମାଣର ଏକ ଭିଡିଓ ଶେୟାର କରି ଶାହରୁଖ ଖାନ ମନ୍ତବ୍ୟ ଦେଇଛନ୍ତି ଯେ, ଏକ ସ୍ୱପ୍ନ ବାସ୍ତବତାରେ ପରିଣତ ହୋଇଛି। ସେ ବର୍ତ୍ତମାନର ଆଇସିସି ଅଧ୍ୟକ୍ଷ ଜୟ ଶାହଙ୍କୁ ବିଶେଷ ଧନ୍ୟବାଦ ଜଣାଇଛନ୍ତି। ଏହି ସ୍ଥାନ କେବଳ ଏକ କ୍ରୀଡ଼ା ଭୂମି ଭାବରେ ନୁହେଁ ବରଂ ମନୋରଞ୍ଜନର ଏକ କେନ୍ଦ୍ର ଭାବରେ ମଧ୍ୟ କାର୍ଯ୍ୟ କରିବ ଯେଉଁଠାରେ ଲୋକମାନେ ସ୍ଥାୟୀ ସ୍ମୃତି ସୃଷ୍ଟି କରିପାରିବେ।

ଶାହାରୁଖ ଏକ୍ସରେ ଲେଖିଛନ୍ତି, ଯାହା ପୂର୍ବରୁ ସ୍ୱପ୍ନ ଥିଲା ତାହା ଏବେ ବାସ୍ତବତାରେ ପରିଣତ ହୋଇଛି। ଖଇ ନାଇଟ ରାଇଡର୍ସ କ୍ରିକେଟ ଗ୍ରାଉଣ୍ଡକୁ ସ୍ୱାଗତ। ଏହି ସ୍ଥାନ କେବଳ ଖେଳ ପାଇଁ ନୁହେଁ, ବରଂ ମନୋରଞ୍ଜନ, ପରିବାର ଏବଂ ଜୀବନବ୍ୟାପୀ ସ୍ମୃତି ପାଇଁ ସୃଷ୍ଟି କରାଯାଇଛି। ଏହି ଯାତ୍ରାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଜୟ-ଭାଇ ଏବଂ ସଞ୍ଜୋଗ ଗୁପ୍ତାଙ୍କୁ ତାଙ୍କ ବିଶାଳ ସମର୍ଥନ ପାଇଁ ଏକ ବିଶେଷ ଧନ୍ୟବାଦ। ଏହା ଖଇ, ବିଶ୍ୱବ୍ୟାପୀ କ୍ରିକେଟ ପ୍ରଶଂସକ ଏବଂ ନାଇଟ ରାଇଡର୍ସ ପରିବାର ପାଇଁ। ପର୍ପଲ ଏବଂ ଗୋଲ୍ଡରେ ବିଶ୍ୱାସ କରନ୍ତୁ।

ଷ୍ଟାଡିୟମଟି ମାତ୍ର ୧୦୦ ଦିନ ମଧ୍ୟରେ ସମାପ୍ତ ହୋଇଥିଲା। ଏକ ପ୍ରକ୍ରିୟାରେ ପ୍ରାୟ ୩୨,୦୦୦ ମେଟ୍ରିକ ଟନ୍ ମାଟି ଖନନ କରାଯାଇ ଥିଲା। ଏବେ ଷ୍ଟାଡିୟମର କାମ ଚାଲିଛି। ଦ୍ୱିତୀୟ ପର୍ଯ୍ୟାୟରେ ଏକ ତାଲିମ କେନ୍ଦ୍ର ଏବଂ ଅଭ୍ୟାସ ସୁବିଧା ନିର୍ମାଣ କରାଯିବ। ତୃତୀୟ ପର୍ଯ୍ୟାୟରେ ଶେଷ ସ୍ପର୍ଶ ଯୋଡ଼ାଯିବ।

# ରୋମାଞ୍ଚକର ମ୍ୟାଚ୍‌ରେ ସେନେଗାଲ୍‌କୁ ପରାସ୍ତ କଲା ବେଲ୍‌ଜିୟମ୍



**ସିଆଟଲ୍**

ଗୁରୁବାର ଖେଳାଯାଇଥିବା ଏକ ରୋମାଞ୍ଚକର ମ୍ୟାଚ୍‌ରେ ସେନେଗାଲ୍‌କୁ ୨-୩ରେ ପରାସ୍ତ କରିଛି ବେଲ୍‌ଜିୟମ। ମ୍ୟାଚ୍‌ର ନିୟମିତ ସମୟ ପର୍ଯ୍ୟନ୍ତ ସ୍ଥିତି ୨-୨ରେ ବରାବର ରହିବା ପରେ ଅତିରିକ୍ତ ସମୟରେ ୟୁରି ତିଏଲେମାନ୍ସ ଏକ ପେନାଲ୍ଟିକୁ ଗୋଲ୍‌ରେ ପରିବର୍ତ୍ତନ କରି ଦଳ ପାଇଁ ବିଜୟ ଆଣିଦେଇଥିଲେ। ଏହା ସହିତ ବେଲ୍‌ଜିୟମ 'ରାଉଣ୍ଡ ଅଫ ୧୬'ରେ ପ୍ରବେଶ କରିଛି।

ମ୍ୟାଚ୍ ଆରମ୍ଭରୁ ଉଭୟ ଦଳ ଆକ୍ରମଣାତ୍ମକ ଫୁଟବଲ୍ ଖେଳିଥିଲେ। ତେବେ ୨୪ତମ ମିନିଟ୍‌ରେ ଇସ୍ମାଇଲା ସାରଙ୍କ ହେଡର ପୋଷ୍ଟରେ ବାଜି ଫେରି ଆସୁଥିବାବେଳେ ହବିବ୍ ଦିଆରା ରିବାଉଣ୍ଡ ବଲ୍‌କୁ ଗୋଲ୍‌ରେ ପରିଣତ କରି ସେନେଗାଲକୁ ୧-୦ରେ ଆଗୁଆ କରିଥିଲେ। ଏହାପରେ ବେଲଜିୟମ ଗୋଲ୍ ? କରି ସ୍ଥିତି ବରାବର କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେନେଗାଲର ଗୋଲରକ୍ଷକ ମୋରି ଡିଆଓ ଚମତ୍କାର ପ୍ରଦର୍ଶନ କରିଥିଲେ। ମ୍ୟାଚ୍ ମଧ୍ୟରେ ତିନିଜଣ ଦର୍ଶକ ପଡ଼ିଆକୁ ପ୍ରବେଶ କରିବାରୁ କିଛି ସମୟ ଖେଳ ବନ୍ଦ ରହିଥିଲା। ଦ୍ୱିତୀୟାର୍ଦ୍ଧ ଆରମ୍ଭର କିଛି ମିନିଟ୍ ମଧ୍ୟରେ ଇସ୍ମାଇଲା ସାର ଗୋଲ୍ କରି ସେନେଗାଲର ଅଗ୍ରଣୀକୁ ୨-୦କୁ ବଢ଼ାଇଥିଲେ। ଏହାପରେ ବେଲଜିୟମ ରୋମେଲୁ ଲୁକାକୁ, ଡୋଡି ଲୁକେବାକିଓ ଓ ଡିଏଗୋ ମୋରେରାଙ୍କୁ ପଡ଼ିଆକୁ ଓହ୍ଲାଇ ଆକ୍ରମଣକୁ ଶାଣିତ କରିବାକୁ ଉଦ୍ୟମ କରିଥିଲା। କିନ୍ତୁ ସେନେଗାଲର ସଂଗଠିତ ରକ୍ଷଣଭାଗ ବେଲଜିୟମକୁ ଗୋଲ୍ ସୁଯୋଗ ଦେଇନଥିଲା। ତେବେ ମ୍ୟାଚ୍‌ର ଶେଷ କିଛି ମିନିଟ୍ ମଧ୍ୟରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲା ବେଲ୍‌ଜିୟମ୍। ୮୬ତମ ମିନିଟ୍‌ରେ ରୋମେଲିଓ ଲୁକାକୁ ବେଲ୍‌ଜିୟମ୍ ପକ୍ଷରୁ ପ୍ରଥମ ଗୋଲ୍ କରି ସ୍ଥିତିକୁ ୧-୨କୁ ଆଣିଥିଲେ। ମାତ୍ର ୩ ମିନିଟ୍ ପରେ ଅର୍ଥାତ୍ ୮୯ତମ ମନିଟ୍‌ରେ ୟୁରି ତିଏଲେମାନ୍ସ ଆଉ ଏକ ଗୋଲ୍ କରି ସ୍ଥିତି ୨-୨କୁ ଆଣିଥିଲେ।

# ବୌଦ୍ଧ ଜିଲ୍ଲାରେ ୨୦ତମ ଜାତୀୟ ପରିସଂଖ୍ୟାନ ଦିବସ ପାଳିତ

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**




ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ୟୁନିଟ୍ ବୌଦ୍ଧ ପକ୍ଷରୁ ୨୦ତମ ଜାତୀୟ ପରିସଂଖ୍ୟାନ ଦିବସ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଏହି ଦିବସ ଆଧୁନିକ ଭାରତୀୟ ପରିସଂଖ୍ୟାନ ବ୍ୟବସ୍ଥାର ପ୍ରବର୍ତ୍ତକ ପ୍ରଫେସର ପ୍ରଶାନ୍ତ ଚନ୍ଦ୍ର ମହାଲାନୋବିସଙ୍କ ଜନ୍ମଜୟନ୍ତୀ ଅବସରରେ ପାଳନ କରାଯାଇଛି। ତାଙ୍କର ଦୂରଦର୍ଶୀ ଚିନ୍ତାଧାରା ଓ ପରିସଂଖ୍ୟାନ ଭିତ୍ତିକ ଯୋଜନା ପ୍ରଣାଳୀ ଆଜି ମଧ୍ୟ ଦେଶର ଉନ୍ନୟନ ମଡେଲକୁ ଦିଗଦର୍ଶନ ଦେଇଆସୁଛି। କାର୍ଯ୍ୟକ୍ରମରେ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ୟୁନିଟର ଉପନିର୍ଦ୍ଦେଶକ ପ୍ରସନ୍ନ କୁମାର କହଁର ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ସନତ ଝଙ୍କାର, ପରିସଂଖ୍ୟାନ ଅଧ୍ୟାପକ, ଏବଂ ଯୁଗଳ ନାୟକ, ଅର୍ଥନୀତି ଅଧ୍ୟାପକ, ଉପସ୍ଥିତ ରହିଥିଲେ। ପ୍ରାରମ୍ଭରେ ସମସ୍ତେ ପ୍ରଫେସର ପ୍ରଶାନ୍ତ ଚନ୍ଦ୍ର ମହାଲାନୋବିସଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଗଭୀର ଶ୍ରଦ୍ଧାଳି ଜଣାଇଥିଲେ। ପ୍ରସନ୍ନ କୁମାର କହଁର ସ୍ୱାଗତ ଭାଷଣ ପ୍ରଦାନ କରି ଦିବସର ଗୁରୁତ୍ୱ, ପରିସଂଖ୍ୟାନର ସାମାଜିକ ମୂଲ୍ୟବୋଧ ଏବଂ ପ୍ରଫେସର ମହାଲାନୋବିସଙ୍କ ଅମୂଲ୍ୟ ଅବଦାନ ଉପରେ ଆଲୋକପାତ କରିଥିଲେ। ଚଳିତ ବର୍ଷର ବିଷୟବସ୍ତୁ ପ୍ରଶାସନିକ ତଥ୍ୟର ସମ୍ଭାବନାର ଉନ୍ମୋଚନ ଉପରେ ଆୟୋଜିତ ବକ୍ତବ୍ୟରେ ସମ୍ମାନିତ ବକ୍ତାମାନେ ତଥ୍ୟର ଗୁଣବତ୍ତା, ଡିଜିଟାଲ ଶାସନ, ପରିମାଣ-ଭିତ୍ତିକ ଯୋଜନା ପ୍ରଣୟନ ଏବଂ ସୁଶାସନରେ ପ୍ରଶାସନିକ ତଥ୍ୟର ଭୂମିକା ସମ୍ପର୍କରେ ବିସ୍ତୃତ ମତ ପ୍ରକାଶ କରିଥିଲେ। ସେମାନେ ଅର୍ଥନୀତି, ଗଣିତ ଓ ପରିସଂଖ୍ୟାନ ବିଷୟର ଛାତ୍ରଛାତ୍ରୀଙ୍କୁ ଏହି କ୍ଷେତ୍ରରେ ରହିଥିବା ଉଜ୍ଜ୍ୱଳ ଭବିଷ୍ୟତ, ଗବେଷଣାର ସମ୍ଭାବନା ଓ ରୋଜଗାର ସୁଯୋଗ ସମ୍ପର୍କରେ ଉତ୍ସାହିତ କରିଥିଲେ। ସେମାନଙ୍କର ମତରେ ଏହି କଥାକୁ ଆମେ ଆଦରିବା ସମୟର ଆହ୍ୱାନ, ସଠିକ୍ ତଥ୍ୟ ହିଁ ସୁଦୃଢ଼ ନୀତି ଓ ସଫଳ ଉନ୍ନୟନର ମୂଳ ଆଧାର। ଏହି ଅବସରରେ ଆୟୋଜିତ କୁଇଜ୍ ପ୍ରତିଯୋଗିତାରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ବିଜେତାମାନଙ୍କୁ ଅତିଥିବୃନ୍ଦଙ୍କ କରକମଳରେ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ପ୍ରତିଯୋଗିତା ଛାତ୍ରଛାତ୍ରୀଙ୍କ ମଧ୍ୟରେ ପରିସଂଖ୍ୟାନ ପ୍ରତି ଆଗ୍ରହ, ଜ୍ଞାନ ଓ ସଚେତନତା ବୃଦ୍ଧି କରିବାରେ ସହାୟକ ହୋଇଥିଲା। ଶେଷରେ ମମତା ସାହୁ ଏବଂ ମହେଶ୍ୱର ବଡରୀ ମିଳିତ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ।

# ଉଦ୍ୟମୀ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକ୍ରମ ଉଦ୍‌ଯାପିତ : ଶିକ୍ଷା ଓ ଉଦ୍ୟୋଗର ସମନ୍ୱୟ ହିଁ ଆତ୍ମନିର୍ଭର ଓଡ଼ିଶାର ମୂଳ ଆଧାର

**ବାଲେଶ୍ୱର, ନ୍ୟୁଜ୍**




ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) କ୍ଷେତ୍ରର ବିକାଶ, ନୂତନ ଉଦ୍ୟୋଗୀ ସୃଷ୍ଟି ଏବଂ ଯୁବପିଢ଼ୀଙ୍କ ମଧ୍ୟରେ ଉଦ୍ୟୋଗିତା ପ୍ରତି ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଜିଲ୍ଲା ଶିଳ୍ପ କେନ୍ଦ୍ର, ବାଲେଶ୍ୱର ଆନୁକୂଲ୍ୟରେ ଆୟୋଜିତ ପାଞ୍ଚଦିନିଆ 'ଉଦ୍ୟମୀ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକ୍ରମ' ସ୍ଥାନୀୟ ନୋସି ବିଜନେସ୍ ପାର୍କଠାରେ ଉଦ୍‌ଯାପିତ ହୋଇଯାଇଛି। ଗତ ୨୭ ଜୁନ୍‌ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକର ଉଦ୍ୟୋଗୀ, ଷ୍ଟାର୍ଟଅପ୍ ପ୍ରତିଷ୍ଠାତା, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, ଛାତ୍ରଛାତ୍ରୀ ଓ ଉଦ୍ୟୋଗ ସ୍ଥାପନାରେ ଆଗ୍ରହୀ ଯୁବକ-ଯୁବତୀମାନେ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିଥିଲେ।

ଉଦ୍‌ଯାପନୀ ସମାରୋହରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସନ୍ତୋଷ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଶିକ୍ଷା ଓ ଉଦ୍ୟୋଗ ପରସ୍ପରର ପରିପୂରକ। ଉଚ୍ଚଶିକ୍ଷା ସହ ଉଦ୍ୟୋଗିକ ଦକ୍ଷତା, ନବସୃଜନ ଓ ଗବେଷଣାର ସମନ୍ୱୟ ଦ୍ୱାରା ଯୁବପିଢ଼ୀ କେବଳ ନିଜ ପାଇଁ ନୁହେଁ, ଅନ୍ୟମାନଙ୍କ ପାଇଁ ମଧ୍ୟ ରୋଜଗାରର ସୁଯୋଗ ସୃଷ୍ଟି କରିପାରିବେ। ସେ ଛାତ୍ରଛାତ୍ରୀମାନଙ୍କୁ ଚାକିରି ଅପେକ୍ଷା ଉଦ୍ୟୋଗୀ ହେବା ପାଇଁ ମାନସିକତା ଗଢ଼ି ତୋଳିବା ସହ ସରକାରଙ୍କ ବିଭିନ୍ନ ଉଦ୍ୟୋଗପ୍ରୋତ୍ସାହନ ଯୋଜନାର ସୁଯୋଗ ନେବାକୁ ଆହ୍ୱାନ ଦେଇଥିଲେ।

ସମ୍ମାନିତ ଅତିଥି ଭାବେ ନୋସିର ସଭାପତି ପି. କେ. ଡାଭେ, ବାଲେଶ୍ୱର ଚେମ୍ବର ଅଫ୍ ଇଣ୍ଡଷ୍ଟ୍ରିଜ୍ ଆଣ୍ଡ କମର୍ସର ସଭାପତି ସଞ୍ଜୟ ଦାସ ଏବଂ ବାଲେଶ୍ୱର ଜିଲ୍ଲାର ଅଗ୍ରଣୀ ଜିଲ୍ଲା ପ୍ରବନ୍ଧକ, ୟୁକୋ ବ୍ୟାଙ୍କ, ମୋତିଲାଲ ଶାହା ଯୋଗଦେଇ ବର୍ତ୍ତମାନ ସମୟରେ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଅନୁକୂଳ ପରିବେଶ, ସରକାରଙ୍କ ବିଭିନ୍ନ ପ୍ରୋତ୍ସାହନ ନୀତି, ବ୍ୟାଙ୍କ ଋଣ ସୁବିଧା, ବଜାର ସଂଯୋଗ ଓ ଉଦ୍ୟୋଗୀମାନଙ୍କ ସମ୍ମୁଖୀନ ଆହ୍ୱାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ନୂତନ ଉଦ୍ୟୋଗୀମାନେ ସରକାରୀ ସହାୟତାର ସଠିକ୍ ଉପଯୋଗ କରି ଆତ୍ମନିର୍ଭର ହେବା ସହ ଅନ୍ୟମାନଙ୍କୁ ମଧ୍ୟ କର୍ମସଂସ୍ଥାନ ଯୋଗାଇ ପାରିବେ ବୋଲି ସେମାନେ ମତ ପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ସୂର୍ଯ୍ୟକାନ୍ତ ବେହେରା ସ୍ୱାଗତ ଭାଷଣ ଦେଇ ପାଞ୍ଚଦିନିଆ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ବିଭିନ୍ନ ଅଧିବେଶନ, ପ୍ରଶିକ୍ଷଣ, ଉଦ୍ୟୋଗୀମାନଙ୍କ ସହ ଆଲୋଚନା ଏବଂ ଯୁବପିଢ଼ୀଙ୍କୁ ଉଦ୍ୟୋଗ ମୁଖୀ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ସେ କହିଥିଲେ ଯେ, ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବହୁ ସଂଖ୍ୟକ ନୂତନ ଉଦ୍ୟୋଗୀ ସରକାରଙ୍କ ବିଭିନ୍ନ ଯୋଜନା, ଆର୍ଥିକ ସହାୟତା ଓ ବଜାର ସୁଯୋଗ ସମ୍ପର୍କରେ ସଚେତନ ହୋଇଛନ୍ତି।

ଏହି ଅବସରରେ ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ଆୟୋଜିତ ପ୍ରବନ୍ଧ, ବିତର୍କ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାର ୮ ଜଣ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ବାଲେଶ୍ୱର ଜିଲ୍ଲାର ପ୍ରତ୍ୟେକ ବ୍ଲକରୁ ଜଣେ ଲେଖାଏଁ ସଫଳ ଉଦ୍ୟୋଗୀଙ୍କୁ ସେମାନଙ୍କର ଉଦ୍ୟୋଗ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମ୍ମାନ ପ୍ରଦାନ ମାଧ୍ୟମରେ ନୂତନ ଉଦ୍ୟୋଗୀମାନଙ୍କୁ ପ୍ରେରଣା ଯୋଗାଇବା ସହ ସ୍ଥାନୀୟ ସଫଳ ଉଦ୍ୟୋଗୀମାନଙ୍କ ଅଭିଜ୍ଞତାକୁ ସମାଜ ସମ୍ମୁଖରେ ଉପସ୍ଥାପନ କରାଯାଇଥିଲା।

ପାଞ୍ଚଦିନିଆ କାର୍ଯ୍ୟକ୍ରମରେ ଶିଳ୍ପ ସ୍ଥାପନା ପ୍ରକ୍ରିୟା, ଏମ୍‌ଏସ୍‌ଏମ୍‌ଇ ପଞ୍ଜୀକରଣ, ସରକାରୀ ପ୍ରୋତ୍ସାହନ, ବ୍ୟାଙ୍କ ଋଣ, ବିପଣନ, ଡିଜିଟାଲ୍ ବ୍ୟବସାୟ, ଖାଦ୍ୟ ପ୍ରକ୍ରିୟାକରଣ, ଷ୍ଟାର୍ଟଅପ୍ ଏବଂ ରପ୍ତାନିର ସମ୍ଭାବନା ଆଦି ବିଷୟରେ ବିଶେଷଜ୍ଞମାନଙ୍କ ଦ୍ୱାରା ବିଭିନ୍ନ ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହା ଜିଲ୍ଲାର ଉଦ୍ୟୋଗ ବିକାଶ ଦିଗରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମତ ପ୍ରକାଶ ପାଇଥିଲା। ସହକାରୀ ଶିଳ୍ପ ଅଧିକାରୀ ପୂର୍ଣ୍ଣେନ୍ଦୁ କର ଧନ୍ୟବାଦ ଜ୍ଞାପନ କରିଥିବାବେଳେ ସହକାରୀ ପରିଚାଳକ ଅକ୍ଷୟ ଦାସ ସମଗ୍ର କାର୍ଯ୍ୟକ୍ରମକୁ ସୁଚାରୁରୂପେ ସଞ୍ଚାଳନ କରିଥିଲେ।

କାର୍ଯ୍ୟକ୍ରମର ସଫଳ ଆୟୋଜନରେ ମମତା ପରିଡ଼ା, କ୍ଷୀତିଶ ପଣ୍ଡା, ଅମ୍ବୁଜ ମହାନ୍ତ, ସନ୍ଧ୍ୟାରାଣୀ ଦାସ, ଅଜିତ ସିଂ, ଅମରଜ୍ୟୋତି କବି, ଅଂଶୁମାନ ବେହେରା, ଅଭିଷେକ ଜେନା, ଭବାନୀ ଶଙ୍କର ପାତ୍ର, ସତ୍ୟବ୍ରତ ନାୟକ, ସମୀକ୍ଷା ସେନାପତି, ରାହୁଲ ହାଁସଦା ଓ ରମାକାନ୍ତ ବେହେରାଙ୍କ ସମେତ ଜିଲ୍ଲା ଶିଳ୍ପ କେନ୍ଦ୍ରର ସମସ୍ତ ଅଧିକାରୀ ଓ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ।

ଏହି ପାଞ୍ଚଦିନିଆ କାର୍ଯ୍ୟକ୍ରମରେ ଶତାଧିକ ଉଦ୍ୟୋଗୀ, ଶିଳ୍ପପ୍ରେମୀ, ଛାତ୍ରଛାତ୍ରୀ ଓ ବିଭିନ୍ନ ଅନୁଷ୍ଠାନର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମଟି ଜିଲ୍ଲାରେ ଉଦ୍ୟୋଗିତାର ପ୍ରସାର, ନୂତନ ଉଦ୍ୟୋଗ ସୃଷ୍ଟି ଏବଂ ଆତ୍ମନିର୍ଭର ଓଡ଼ିଶା ଗଠନ ଦିଗରେ ଏକ ସଫଳ ପ୍ରୟାସ ଭାବେ ପରିଗଣିତ ହୋଇଛି।

E-Mail I.D.-eepwdctc1.owd@gov.in
Tel./Fax No. (0671)-2304128

OFFICE OF THE SUPERINTENDINGENGINEER
CUTTACK (R&B) DIVISION NO.I, CUTTACK
34001/430/2627

**Cancellation Notice**

Auction sale Notice for the work "Demolition of existing old and damaged unsafe building of BOSE & JKBK Govt. College, Cuttack" as invited vide this office auction sale Notice No.03 of 2026-27 & to be opened on Dt.20.06.2026 is hereby cancelled due to administrative ground.

Sd/- (Er. Md. Shahabaz)
Superintending Engineer,
Cuttack (R&B) Division No.1, Cuttack
OIPR-34001/34012/1/26-27/0018

OFFICE OF THE MUNICIPAL COUNCIL, TALCHER
'e' – Procurement Notice
13001/1038/2627
Tender Reference No. TCRM-08/2026-27
Bid Identification No.2026_ORULB_134078
No.2304 / Dt. 01.07.2026

Bid documents consisting of works with their estimated cost, cost of tender paper, EMD, time of completion, Class of Contractor, court affidavit and the set of terms & conditions of Contract and other necessary documents can be seen in Govt. 20website i.e. www.tendersorissa.gov.in

1) Name of the Work :- Civil work as mentioned in the website.
2) No. of works :- 16 No.
3) Estimated Cost :- Rs.8.38 lakhs to Rs.49.536 lakhs
4) Period of Completion :- As per DTCN
5) Date & time of availability of Bid document in the portal :- dt.02.07.2026 at 4.00 PM
6) Last date & time for receipt of Bid in the portal :- dt.15.07.2026 at 5.00 PM
7) Date of Opening Bid :- dt.17.07.2026 at 11.00 AM
8) Name & Address of the Officer inviting the bid :- Executive Officer, Talcher Municipality
9) The bidders have to participate in ONLINE bidding only. Further details can be seen from the procurement portal i.e. www.tendersorissa.gov.in

Sd/- Executive Officer
Talcher Municipality
OIPR-13001/13077/1/26-27/0020

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, JAGATSINGHPUR
25001/610/2627

**1st Corrigendum**

Corrigendum to Tender Online 01 of 2026-27 invited by the Executive Engineer, Rural Works Division, Jagatsinghpur vide letter No.4140 dtd. 10.06.2026. In the NIT Sl. No.**25, 63, 83, 91 & 96** are dropped & the critical date has been changed are as follows due to unavoidable circumstances.

New Critical dates : -

| | | | |
|---|---|---|---|
| Published Date | 08-07-2026 10:00 | Bid Opening Date | 20-07-2026 11:00 |
| Document Download / Sale Start Date | 08-07-2026 11:00 | Document Download/ Sale End Date | 18-07-2026 17:00 |
| Clarification Start Date | 08-07-2026 11:00 | Clarification End Date | 17-07-2026 15:00 |
| Bid Submission Start Date | 08-07-2026 11:00 | Bid Submission End Date | 18-07-2026 17:00 |

All other terms & condition are remained unchanged.

Sd/- Executive Engineer.
Rural Works Division, Jagatsinghpur
OIPR-25001/25056/1/26-27/0005

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, JAGATSINGHPUR
25001/605/2627

**1st Corrigendum**

Corrigendum to Tender, Online 02 of 2026-27 invited by the Executive Engineer, Rural Works Division, Jagatsinghpur vide letter No.4217 dtd.11.06.2026. The critical date has been changed are as follows due to unavoidable circumstances. New Critical dates: -

New Critical dates : -

| | | | |
|---|---|---|---|
| Published Date | 09-07-2026 10:00 | Bid Opening Date | 24-07-2026 11:00 |
| Document Download / Sale Start Date | 09-07-2026 11:00 | Document Download/ Sale End Date | 23-07-2026 17:00 |
| Clarification Start Date | 09-07-2026 11:00 | Clarification End Date | 22-07-2026 15:00 |
| Bid Submission Start Date | 09-07-2026 11:00 | Bid Submission End Date | 23-07-2026 17:00 |

All other terms & condition are remained unchanged.

Sd/- Executive Engineer.
Rural Works Division, Jagatsinghpur
OIPR-25001/25056/1/26-27/0004

ODISHA ADARSHA VIDYALAYA, KOLNARA
At/Po/Block- Kolnara, District- Rayagada (Odisha) PIN-765017
(An English Medium senior secondary school affiliated by CBSE,New Delhi under school & Mass Education,Govt. of Odisha)
Mail ID-kolnara@oav.edu.in
CBSE Affiliation No. - 1520164, School Code- 17250, U-DISE -21270714307
ODISHA ADARSHA VIDYALAYA
INSPIRE AND EMPOWER

ADVERTISEMENT FOR KGBV TYPE-IV GIRLS' HOSTEL SUPPORT STAFF

Applications are invited from the intending candidates for engagement of different support staff for KGBV TYPE-IV Girls' Hostel, Odisha Adarsha Vidyalaya Kolnara in Rayagada District as per the vacancies mentioned below:

| SL No. | Name of the Post | Vacancy Position | Qualification | Age Limit as on 31.03.2026 | Remuneration (including EPF Share of Employee & Employer) per month |
|---|---|---|---|---|---|
| 1 | Warden (Female) | 01 | B.A/B.Sc. from any Recognized University. | 30–60 Yrs | Rs 21,175/- |
| 2 | Head Cook (Female) | 01 | - | 30–40 Yrs | Rs 9,000/- |
| 3 | Asst Cook (Female) | 02 | - | 21–32 Yrs | Rs 6,750/- |
| 4 | Chowkidar-cum-Sweeper (Male) | 01 | HSC | 21–32 Yrs | Rs 7,500/- |

Application form and other details can be downloaded from the district website www.rayagada.gov.in . Interested candidates fulfilling the eligibility criteria may apply to **'The Principal, Odisha Adarsha Vidyalaya, AT/PO-Kolnara,PS-Chandili, Dist-Rayagada, Odisha, PIN-765017** by **25.07.2026** through Registered Post / Speed Post only. The application forms submitted by hand / courier or any other mode will not be accepted. Incomplete forms received after due date shall be summarily rejected. The authority will not be responsible for postal delay. Further the authority reserves the right to cancel any or all the application without assigning any reason thereof.
Shortlisted candidates will be called for interview after scrutiny by the Vidyalaya level committee.
The date of interview will be notified on the official website www.rayagada.gov.in or via phone call.

27001/90/2627

PRINCIPAL
ODISHA ADARSHA VIDYALAYA, KOLNARA
OIPR-27001/27149/1/26-27/0001

ଉତ୍କଳ ଦୀପିକା

ଭୁବନେଶ୍ୱର, ୦୩ ଜୁଲାଇ, ଶୁକ୍ରବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ଶ୍ରୀ ଅଲାରନାଥଙ୍କ ପୁନଃ ପ୍ରଚଳନ ହେଲା ବଡସିଂହାର ବେଶ

ବ୍ରହ୍ମଗିରି/ପୁରୀ ୨/୭
ନ୍ୟୁଜ ବ୍ୟୁରୋ

ଆନନ୍ଦରେ ଅଶ୍ରୁ ଝରାଇଲେ ଶ୍ରଦ୍ଧାଳୁ । ଖୁସି ବ୍ୟକ୍ତ କଲେ ସେବାୟତ। ଅନେକ ବର୍ଷ ଧରି ମହାପ୍ରଭୁ ଶ୍ରୀ ଅଲାରନାଥଙ୍କ ବନ୍ଦ ଥିବା ବଡସିଂହାର ବେଶର ହୋଇଛି ପୁନଃ ପ୍ରଚଳନ। ଅନବସରର ଦ୍ୱିତୀୟ ଦିନରେ ବ୍ରହ୍ମଗିରିର ଶ୍ରୀଅଲାରନାଥ ପୀଠରେ ମହାପ୍ରଭୁ ଶ୍ରୀଅଲାରନାଥଙ୍କ ବଡ ସିଂହାର ବେଶ ଅନୁଷ୍ଠିତ ହୋଇଥିଲା। ବହୁ ଦିନର ବ୍ୟବଧାନ ପରେ ଏହି ମନୋରମ, ଅପୂର୍ବ, ମନୋମୁଗ୍ଧକର ବେଶକୁ ଦେଖି ଭକ୍ତ, ଶ୍ରଦ୍ଧାଳୁମାନେ ବିମୋହିତ ହୋଇ ପଡିଥିଲେ। ଖୁସିରେ ବହି ଯାଉଥିଲା ଆନନ୍ଦାଶ୍ରୁ। ଚଳିତ ବର୍ଷର ପ୍ରସ୍ତୁତି ବୈଠକରେ ଏ ସମ୍ପର୍କରେ ସେବାୟତ ଓ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକମାନେ ବଡସିଂହାର ବେଶ ପାଇଁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ଦୃଷ୍ଟି ଆକର୍ଷଣ



କରିଥିଲେ। ପରେ ଶ୍ରୀମନ୍ଦିର ସେବାୟତଙ୍କ ପରାମର୍ଶ ଅନୁସାରେ ଏହାର ପୁନଃ ପ୍ରଚଳନ ପାଇଁ ଆନୁସଙ୍ଗିକ ବ୍ୟବସ୍ଥା ଲାଗି ଜିଲ୍ଲାପାଳ ଶ୍ରୀ ପରିଡା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା ଓ ବ୍ରହ୍ମଗିରି ତହସିଲଦାର ଦେବାଶିଷ ସେଠୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉପ ଜିଲ୍ଲାପାଳ ଓ ତହସିଲଦାର ଶ୍ରୀ ଅଲାରନାଥ ମହାପ୍ରଭୁଙ୍କ ସେବାୟତ ମଣ୍ଡଳୀ ସହ ଆଲୋଚନା ବୈଠକ ପରେ ଏହାକୁ ବୁଧବାର ଠାରୁ କାର୍ଯ୍ୟ କାରୀ କରାଯାଇଛି। ସେହିପରି ପୂର୍ବ ନିଷ୍ପତ୍ତି ଅନୁସାରେ ଶ୍ରୀଅଲାରନାଥଙ୍କ କୋଠ ଭୋଗ ଭିତରେ ଭୋଗ ଲାଗିବାର ବ୍ୟବସ୍ଥା କରାଯାଇଥିବା ବେଳେ ଜଜମାନୀ ଭୋଗ ବାହାରେ ହୋଇଥିଲା। ଜିଲ୍ଲାପାଳଙ୍କ ସହ ସେବାୟତମାନଙ୍କର ଆଲୋଚନା ମାଧ୍ୟମରେ ହୋଇଥିବା ଏହି ନିଷ୍ପତ୍ତି ଯୋଗୁଁ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ପାଇଁ ଅଧିକ ସୁବିଧା ହୋଇଥିଲା। ଏଥିପାଇଁ ଶ୍ରଦ୍ଧାଳୁମାନେ ଆନନ୍ଦ ପ୍ରକାଶ କରିବା ସହ ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି।

# ମହାପ୍ରଭୁଙ୍କ ରଥ ନିର୍ମାଣ କାର୍ଯ୍ୟ : ତିନିରଥରେ ଋଷି ପଟା ସଂଯୋଗ ଶେଷ

ପୁରୀ, ୦୨/୦୭ ନ୍ୟୁଜ ବ୍ୟୁରୋ

ରଥଖଳାରେ ଆଗେଇ ଚାଲିଛି ମହାପ୍ରଭୁଙ୍କ ରଥ ନିର୍ମାଣ କାର୍ଯ୍ୟ। ତିନିରଥରେ ଆଠଟି ଲେଖାଏଁ ଋଷି ପଟା ସଂଯୋଗ ଶେଷ ହୋଇଛି। ଏହି ଋଷି ପଟା ତିନିରଥର ବେକିରେ (ତୃତୀୟ ଭୂଇଁ ବା ଅଗ ଭୂଇଁରୁ ବଡ ଥଳ ପୋଟଳ ପର୍ଯ୍ୟନ୍ତ) ପୋଟଳକୁ ଟେକି ଧରିଥିବା ୮ ଗୋଟି ପୋଟଳ ନାହାକାରେ କଣ୍ଟା ବାଡ଼ିଆ ଯାଇ ସଂଯୋଗ କରାଯାଇଛି। ସିଂହାସନରୁ ଓହ୍ଲାଇବା ଏବଂ ସିଂହାସନକୁ ବିଜେ ପାଇଁ ଶାଳ କାଠର ନୂତନ ମାଲ କାଠର ଚଉପଟ କାର୍ଯ୍ୟ ଶେଷ ହୋଇଛି । ତିନିରଥର ମହାରଣା ସେବକମାନେ ଦୁଇଟି ଲେଖାଏଁ ୩୦/୩୧ ଫୁଟିଆ ମାଲ କାଠର ଚଉପଟ କାର୍ଯ୍ୟ ସହ ରଞ୍ଜା ମରା କାର୍ଯ୍ୟ ଶେଷ କରିଛନ୍ତି । ରୂପକାର ସେବକମାନେ ତିନିରଥର ପ୍ରଭାରେ ରୂପ ଖୋଦେଇ କାର୍ଯ୍ୟ ସମ୍ପୂର୍ଣ୍ଣ କରିଛନ୍ତି । ଏଥିସହ ଦାଗ ରହିଥିବା ସ୍ଥାନରେ ଚିତ୍ରକର ସେବକମାନେ ପୁଟୁଣି ଦେଇ ପଲିସ୍ କାର୍ଯ୍ୟ ଶେଷ କରି ଚିତ୍ରକର ସେବକମାନଙ୍କୁ ଖୋଦେଇ ରୂପରେ ରଙ୍ଗ କାର୍ଯ୍ୟ ପାଇଁ ହସ୍ତାନ୍ତର କରିଛନ୍ତି। ମୁଖ୍ୟ ଚିତ୍ରକର ସେବକ ଦେବରାଜ ମହାପାତ୍ର ଏବଂ ସହଯୋଗୀ ଚିତ୍ରକର ସେବକମାନେ ତିନିରଥର ୮୧ ଗୋଟି ପାର୍ଶ୍ୱ ଦେବାଦେବୀ ମୂର୍ତ୍ତି, ସମସ୍ତ ହଂସ ପଟା, ତିନିରଥର ୬ ଗୋଟି ଶୁଆ, ତିନିଗୋଟି ଅଁଳା, ତିନିରଥର ସଖୀ, ତିନିରଥର ଦେବାଦେବୀ ଆସ୍ଥାନ ଫ୍ରେମ୍ ବା ଶିଖର ଡମ୍ବରୁ, ୬ ଗୋଟି କଳସ, ତିନିଗୋଟି ପିତଳ କଳସ, ୧୨ ଗୋଟି ଘଣ୍ଟି, ତିନିରଥର ୮ ଟି ଲେଖାଏଁ ହାତୀ ପଟା ଏବଂ ମଗର ପଟା, ଋଷି ପଟା ଏବଂ ତିନିରଥର ଠେକେରା ବାଡ଼ ଇତ୍ୟାଦିରେ ରଙ୍ଗ କାର୍ଯ୍ୟ ଶେଷ କରି ତିନିରଥର ବାହ୍ୟ ଅଂଶ ଗୁଡିକରେ ରଙ୍ଗ କାର୍ଯ୍ୟ ଜାରି ରଖିଛନ୍ତି । ଦୋଳ ବେଦୀ ଅସ୍ଥାୟୀ କମାର ଶାଳରେ ଓଝା କମାର ସେବକ ମାନେ ତିନିରଥର କଳସ ପାଇଁ କଳସ ଫାନ୍ଦ କଣ୍ଟା ନିର୍ମାଣ ସହ ତିନି ଗୋଟି ନୂତନ ବ୍ରେକ ପୁଲିରେ ଲାଗିବା ପାଇଁ ୬ଟି ଲେଖାଏଁ ଲୁହା କଡା



ନିର୍ମାଣ ଜାରି ରଖିଛନ୍ତି । ତିନିରଥର ଦୁଆର ବେଢ଼ା ରଥ ଉପରକୁ ଉଠିବା କାର୍ଯ୍ୟକ୍ରମ ରହିଛି । ଭୋଇ ସେବକମାନେ ଦୁଆର ବେଢ଼ା ଉଠାଇବା ପାଇଁ ବାଉଁଶ ତେଣ୍ଟିଆ ପ୍ରସ୍ତୁତ କରି ଆରମ୍ଭ କରିବେ ରଥ ଉପରକୁ ଦୁଆର ବେଢ଼ା ଉଠାଇବା କାର୍ଯ୍ୟ । ତିନିରଥକୁ ଦୁଆର ବେଢ଼ା ଉଠିଲା ପରେ ଦୁଆର ବେଢ଼ା ଚନ୍ଦ୍ର ଶାଳୀରେ ଧ୍ୱଜ ବତା ଫିଟିଂ କରାଯିବ । ଧ୍ୱଜ ବତା ଫିଟିଂ ପରେ ରଥ କନା ପଡ଼ିବା ପୂର୍ବରୁ ରଥ ଚାରି ପାର୍ଶ୍ୱ କୋଣ ଗୁଡିକରେ ୮ ଟି ଲେଖାଏଁ କଣି ଫାଉଡା ସଂଯୋଗ ସହ ରଥ ଚାରି ପାର୍ଶ୍ୱରେ ହାତୀ ଆଳ ମାଳ ପୋଟଳ ତଳୁ ଦୁଆର ବେଢ଼ା ପର୍ଯ୍ୟନ୍ତ ସଂଯୋଗ ହେବ, ତତ୍ ପରେ ରଥ ଉପରକୁ କଳସ ଉଠି ରଥରେ କନା ପଡ଼ିବା ସହ, କନକ ମୁଣ୍ଡିରେ ପିତଳ ଚଦର ଫିଟିଙ୍ଗ କାର୍ଯ୍ୟ ସମାନ୍ତରାଳ ଭାବେ କାର୍ଯ୍ୟ ଜାରୀ ରହିବ, ଏଥିସହ ନାଟ ଗୋଡ଼ ଗୁଡିକୁ ସୁରକ୍ଷା ଦେବାପାଇଁ ଦୁଆର ବାଣିଆ (୧୪ ନାହାକାରୁ ନାଟ ଗୋଡ଼ ସହ ବଟନ୍ ବାଡ଼ିଆ କାର୍ଯ୍ୟ) ବାଡ଼ିଆ କାର୍ଯ୍ୟ ଏବଂ ରଥରେ ପ୍ରଭା ଫିଟିଙ୍ଗ ଶେଷ ପରେ, ତିନିରଥ ସିଂହଦ୍ୱାର ଅଭିମୁଖ୍ୟ ଯାତ୍ରା ପାଇଁ ପ୍ରସ୍ତୁତ ହେବେ ।

## ଥାନାରେ ପୁଅକୁ ମାଡ଼ ସହ ମା'ଙ୍କ ସିନ୍ଦୂର ପୋଛିବା ଘଟଣା

# ଆଗୁଆ ଜାମିନ୍ ପାଇଁ ହାଇକୋର୍ଟର ଦ୍ୱାରସ୍ଥ ସଂଧ୍ୟାରାଣୀ



ରାଜନଗର,୦୨/୦୭
ନ୍ୟୁଜ ବ୍ୟୁରୋ

ରାଜନଗର ବ୍ଲକ୍ ତାଳଚୁଆ ସାମୁଦ୍ରିକ ଥାନାର ପୂର୍ବତନ ଆଇଆଇସି ସନ୍ଧ୍ୟାରାଣୀ ଜେନା ଆଗୁଆ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି । ଗତ ଜୁନ ୨୯ ତାରିଖ ଦିନ ହାଇକୋର୍ଟଙ୍କ ନିକଟରେ ସେ ଜାମିନ୍ ପାଇଁ ଆବେଦନ କରିଛନ୍ତି । ସଂଧ୍ୟାରାଣୀ ତାଳଚୁଆ ସାମୁଦ୍ରିକ ଥାନାରେ ଆଇଆଇସି ଥିବା ବେଳେ ପାରିବାରିକ କଳହକୁ କେନ୍ଦ୍ରକରି ଥାନାକୁ ଯାଇଥିବା ମା'-ପୁଅଙ୍କୁ ଗତ ମେ' ମାସ ୨୫ ତାରିଖରେ ମାଡ଼ ମାରିବା ସହ ମହିଳାଙ୍କ ମଥାରୁ ସିନ୍ଦୂର ପୋଛି ଦେଇଥିବା ନେଇ ଅଭିଯୋଗ ହୋଇଥିଲା । ଏହି ଘଟଣାରେ ସାମୁଦ୍ରିକ ଥାନାରେ ଆଇଆଇସି ଶ୍ରୀମତୀ ଜେନାଙ୍କ ବିରୁଦ୍ଧରେ ଏକ ମାମଲା ରୁଜୁ ହୋଇଥିଲା। ଏହି ଘଟଣାକୁ ପୁଲିସ ମହାନିର୍ଦ୍ଦେଶକ ଗୁରୁତ୍ୱ ଦେଇ ଆଇଆଇସି ଶ୍ରୀମତୀ ଜେନାଙ୍କୁ ନିଲମ୍ବନ କରିବା ସହ ପୁଲିସ ମୁଖ୍ୟାଳୟରେ ଯୋଗ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ସୂଚନା ଥାଉକି, ସାମୁଦ୍ରିକ ଥାନା ଅନ୍ତର୍ଗତ ବାଘମାରି ପଞ୍ଚାୟତ ଗିରିଆପାହି ଗ୍ରାମର ଅନ୍ନପୂର୍ଣ୍ଣା ମଣ୍ଡଳ(୫୮) ଓ ତାଙ୍କ ପୁଅ ଅନନ୍ତ(୩୧) ପଟ୍ଟାମୁଣ୍ଡାଇ ଏସଡିପିଓ ସୁକାନ୍ତ ପାତ୍ରଙ୍କ ନିକଟରେ ମେ' ମାସ ୨୬ ତାରିଖ ଦିନ ଅଭିଯୋଗ କରିଥିଲେ । ଅନ୍ନପୂର୍ଣ୍ଣାଙ୍କ ଅଭିଯୋଗ ଆଧାରରେ କେନ୍ଦ୍ରାପଡ଼ା ଏସ୍‌ପି ସିଦ୍ଧାର୍ଥ କଟାରିଆ ଓ ଏସଡିପିଓ ଶ୍ରୀ ପାତ୍ରଙ୍କ ତଦନ୍ତ ପରେ ଡିଜିପି ଆଇଆଇସି ଶ୍ରୀମତୀ ଜେନାଙ୍କୁ ସେହି ମାସ ୨୭ ତାରିଖ ଦିନ ନିଲମ୍ବିତ କରିଥିଲେ । ତଦନ୍ତ ସମୟରେ ଜଣାପଡ଼ିଥିଲା ଯେ, ଥାନା ଭିତରେ ଲାଗିଥିବା ସିସିଟିଭିରେ ୨୭ ତାରିଖ ରାତି ପୂର୍ବର କୌଣସି ଫୁଟେଜ୍ ରେକର୍ଡ ମିଳିନଥିଲ।

## କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍‌ର ୨୦ତମ ପ୍ରତିଷ୍ଠା ଦିବସ

# କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ଜୀବନବ୍ୟାପୀ ଶିକ୍ଷାର ଏକ ଭିତ୍ତିଭୂମି

ଭୁବନେଶ୍ୱର, ୨/୭
ନ୍ୟୁଜ ବ୍ୟୁରୋ

କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ୨୦ତମ ପ୍ରତିଷ୍ଠା ଦିବସ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ସଂସ୍କୃତ ଶ୍ଳୋକ 'ବିଦ୍ୟା ଦଦାତି ବିନୟମ୍, ବିନୟଦ୍ ଯାତି ପାତ୍ରତାମ୍' ଉଦ୍ଧୃତ କରି କହିଲେ, ଜ୍ଞାନ ବିନମ୍ରତା ପ୍ରଦାନ କରେ ଓ ବିନମ୍ରତା ଯୋଗ୍ୟତା ଆଡ଼କୁ ନେଇଯାଏ। ଜ୍ଞାନ ଜଣେ ବ୍ୟକ୍ତିକୁ ବିନମ୍ର କରିଥାଏ, ବିନମ୍ରତା, ଦକ୍ଷତା ହାସଲ କରିବାରେ ସାହାଯ୍ୟ କରେ ଏବଂ ଦକ୍ଷତା, ସଫଳତା ଏବଂ ଖୁସି ପାଇବା ପାଇଁ ପଥ ପ୍ରଶସ୍ତ କରିଥାଏ ବୋଲି କହିଥିଲେ। କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ କେବଳ ଏକ ଶିକ୍ଷାନୁଷ୍ଠାନ ନୁହେଁ ବରଂ ଜୀବନବ୍ୟାପୀ ଶିକ୍ଷାର ଏକ ଭିତ୍ତିଭୂମି। ଏଠାରେ ଶିକ୍ଷା ଆରମ୍ଭ କରୁଥିବା ଅନେକ ଛାତ୍ର କିଟ୍ ପରିବାରର ଅଂଶ ହୋଇ କିଟ୍‌ର ମୂଳ ମୂଲ୍ୟବୋଧ ଏବଂ ସଂସ୍କୃତିକୁ ବଜାୟ



ରଖି ଆଗକୁ ବଢ଼ିଥାନ୍ତି। କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଅସାଧାରଣ ଦୃଷ୍ଟିକୋଣର ଉଦାହରଣ ଦେଇ ପ୍ରଫେସର ସିଂହ କହିଲେ, ଶିକ୍ଷା ହେଉଛି ସାମାଜିକ ପରିବର୍ତ୍ତନ ପାଇଁ ସବୁଠାରୁ ଶକ୍ତିଶାଳୀ ଉପକରଣ। ଶିକ୍ଷାର ପ୍ରକୃତ ତାତ୍ପର୍ଯ୍ୟ ହେଉଛି ଦାୟିତ୍ୱବାନ ନାଗରିକ ଗଢ଼ି ତୋଳିବା, ସମାଜ ପ୍ରତି ଯତ୍ନବାନ ଓ ମାନବ କଲ୍ୟାଣ ପାଇଁ ସକାରାତ୍ମକ ଅବଦାନ ରଖିବା ବୋଲି ସେ କହିଥିଲେ। କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳ, କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ପ୍ରତିଷ୍ଠା ଦିବସ ଅବସରରେ ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହା ସହ କେକ୍ କାଟି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ନିଜ ସ୍ୱାଗତ ଭାଷଣରେ, କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ଚେୟାରପର୍ସନ ଡ ମୋନାଲିସା ବଳ କହିଲେ, ୨୦୦୭ ମସିହାରେ ମାତ୍ର ୨୫ଜଣ ଛାତ୍ରଛାତ୍ରୀ ଓ ୧୪ଜଣ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ନେଇ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ଯାତ୍ରା ଆରମ୍ଭ କରିଥିଲା। ଆଜି ଏହା ପୂର୍ବ ଭାରତର ଏକ ପ୍ରମୁଖ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ମଧ୍ୟରୁ ଅନ୍ୟତମ ହୋଇପାରିଛି। ଏହା ଅଚ୍ୟୁତ ସାମନ୍ତଙ୍କ ଦୂରଦୃଷ୍ଟିପୂର୍ଣ୍ଣ ଦୃଷ୍ଟିକୋଣ ପାଇଁ ସମ୍ଭବ ହୋଇପାରିଛି। କାରଣ ସେତେବେଳେ ବାସ୍ତବ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ମାନଦଣ୍ଡରେ କୌଣସି ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ଏଠାରେ ନଥିଲା । ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ ସେ କହିଲେ, ପିଲାମାନେ ସାହସର ସହ ଚିନ୍ତା କରିବା, ନିର୍ଭିକ ଭାବରେ ପରିବର୍ତ୍ତନକୁ ଗ୍ରହଣ କରିବା, ଉତ୍କର୍ଷତା ହାସଲ କରିବାରେ ସ୍ଥିର ରହିବା ସହ କେବେବି ନିଜର ମାନବିକତାକୁ ପରିତ୍ୟାଗ ନକରିବାକୁ ଆହ୍ୱାନ କରିଥିଲେ। ଇଣ୍ଟରନେଟ୍ ଓ ଏଆଇ ପ୍ରତି ନିର୍ଭର ହୋଇପଡୁଥିବା ପିଲାମାନଙ୍କୁ ପରାମର୍ଶ ଦେଇ ସେ କହିଲେ, କୌଣସି ଇଣ୍ଟରନେଟ୍ ଆଲଗୋରିଦମ ଦୟା କିମ୍ବା ସହାନୁଭୂତି ଶିଖାଇପାରିବ ନାହିଁ, କୌଣସି ସର୍ଚ୍ଚ ଇଞ୍ଜିନ୍ ସଚ୍ଚୋଟତା ପ୍ରଦାନ କରିପାରିବ ନାହିଁ କିମ୍ବା କୌଣସି କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଚରିତ୍ର ଗଠନ କିମ୍ବା ସାହସ ଶିଖାଇପାରିବ ନାହିଁ। ସ୍କୁଲର ଅଧକ୍ଷ ଡ. ସଞ୍ଜୟ ସୁଆର କହିଲେ, ଛାତ୍ରଛାତ୍ରୀମାନେ ସେମାନଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବାକୁ ସକ୍ଷମ କରିବା ଲକ୍ଷ୍ୟରେ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍ ଉତ୍କର୍ଷତା ପାଇଁ ପ୍ରୟାସ ଜାରି ରଖିଛି। ପିଲାମାନେ ନିଜର ତ୍ରୁଟିକୁ ସ୍ୱୀକାର କରିବା ଓ ସେଗୁଡ଼ିକୁ ସଂଶୋଧନ କରିବା ପାଇଁ କାମ କରିବା ଉଚିତ ବୋଲି ସେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରେଣୀରେ ଶ୍ରେଷ୍ଠ ସ୍ଥାନ ହାସଲ କରିଥିବା ଛାତ୍ରଛାତ୍ରୀ ଓ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଉତ୍କର୍ଷ ଶିକ୍ଷକମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା।

# ମୁଖ୍ୟ ଶାସନ ସଚିବଙ୍କ ଓଏସଡି ଭାବେ ପିନାକୀ ପଟ୍ଟନାୟକଙ୍କ କାର୍ଯ୍ୟଭାର ଗ୍ରହଣ

ଭୁବନେଶ୍ୱର, ୦୨/୦୭
ନ୍ୟୁଜ ବ୍ୟୁରୋ

ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟ ପକ୍ଷରୁ ଗୁରୁବାର ଲୋକସେବା ଭବନ ସ୍ଥିତ ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷଠାରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ତଥା ସ୍ୱାଗତ ସମାରୋହ ଆୟୋଜିତ ହୋଇଯାଇଛି । ମୁଖ୍ୟ ଶାସନ ସଚିବଙ୍କ ଓଏସଡି କଲ୍ୟାଣ କୁମାର ରଥଙ୍କ ସରକାରୀ ସେବାରୁ ସ୍ୱେଚ୍ଛାକୃତ ଅବସର ଗ୍ରହଣ ଅବସରରେ ତାଙ୍କୁ ସମ୍ବର୍ଦ୍ଧିତ ସହ ନବନିଯୁକ୍ତ ସ୍ୱତନ୍ତ୍ର ଭାରପ୍ରାପ୍ତ ଅଧିକାରୀ ପିନାକୀ ପଟ୍ଟନାୟକଙ୍କୁ ସ୍ୱାଗତ କରାଯାଇଛି । ଶ୍ରୀ ରଥ ଦୀର୍ଘ ବର୍ଷ ଧରି ଓଡ଼ିଶା ସରକାରଙ୍କ ବିଭିନ୍ନ ପ୍ରଶାସନିକ ଦାୟିତ୍ୱ ସଫଳତାର ସହ ନିର୍ବାହ କରିବା ପରେ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଭାରପ୍ରାପ୍ତ ଅଧିକାରୀ ଭାବେ ମଇ ୨୦୨୩ ଠାରୁ କାର୍ଯ୍ୟରତ ଥିଲେ । ସରକାରୀ ସେବାରୁ ସ୍ୱେଚ୍ଛାକୃତ ଅବସର ଗ୍ରହଣ ପରେ ସେ ଓଡ଼ିଶା ୟୁନିଫର୍ମଡ୍ ସର୍ଭିସେସ୍ ଷ୍ଟାଫ୍ ସିଲେକ୍ସନ୍ କମିଶନର ସଦସ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିବେ । ଏହି ଅବସରରେ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀଗଣ ଶ୍ରୀ ରଥଙ୍କ ନେତୃତ୍ୱ, ଦୂରଦର୍ଶୀତା ଏବଂ ଉଚ୍ଚକୋଟୀର ସମନ୍ୱୟ କ୍ଷମତାକୁ ଭୂୟସୀ ପ୍ରଶଂସା କରିବା ସହ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟର ଦୈନନ୍ଦିନ କାର୍ଯ୍ୟ ପରିଚାଳନାକୁ ସେ ଅଧିକ ସୁଦୃଢ଼ କରିଥିଲେ ବୋଲି ମତବ୍ୟକ୍ତ କରିଥିଲେ । ଏଥି ସହିତ ସମସ୍ତ ଅଧିକାରୀ ଓ କର୍ମଚାରୀଗଣ ଶ୍ରୀ ରଥଙ୍କ ନୂତନ ଦାୟିତ୍ୱ ସଫଳ ଓ ଗୌରବମୟ ହେଉ ବୋଲି ଶୁଭେଚ୍ଛା ଜଣାଇଥିଲେ । ସେହିପରି, ଆଜିଠାରୁ ମୁଖ୍ୟ ଶାସନ ସଚିବଙ୍କ ନୂତନ ଓଏସଡି ଭାବେ ଯୋଗଦାନ କରିଥିବା ପିନାକୀ ପଟନାୟକଙ୍କୁ କାର୍ଯ୍ୟାଳୟ ପକ୍ଷରୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସାଦର ସ୍ୱାଗତ କରାଯାଇଥିଲା। ଉପସ୍ଥିତ ଅଧିକାରୀମାନେ ଶ୍ରୀ ପଟ୍ଟନାୟକଙ୍କୁ ନୂତନ ଦାୟିତ୍ୱ ପାଇଁ ଅଭିନନ୍ଦନ ଜଣାଇବା ସହ ତାଙ୍କର ସଫଳ କାର୍ଯ୍ୟକାଳ କାମନା କରିଥିଲେ । ଶ୍ରୀ ପଟ୍ଟନାୟକ ସମ୍ପ୍ରତି ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗରେ ଅତିରିକ୍ତ ଶାସନ ସଚିବ ଏବଂ ଓଡ଼ିଶା ସ୍କିଲ୍ ଡେଭେଲପମେଣ୍ଟ ଅଥରିଟିର ଅଧକ୍ଷଙ୍କ ଓଏସଡି ଭାବେ କାର୍ଯ୍ୟରତ ଥିଲେ । ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟର ପରାମର୍ଶଦାତା ଶ୍ରୀ ଦେବେନ୍ଦ୍ର କୁମାର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଭୁଶୁଡିଲା ବିଡ଼ାନାସୀ-ଧବଳେଶ୍ୱର ୬ ଲେନ୍ ରାସ୍ତା

କଟକ, ୦୨/୦୭ ନ୍ୟୁଜ ବ୍ୟୁରୋ

କଟକ ବିଡ଼ାନାସୀ ଭୁଆସୁଣୀ ପଠାରେ ଭୁଶୁଡ଼ିଲା ନବ ନିର୍ମିତ ନଦୀ ବନ୍ଧ ରାସ୍ତାର ସାଇଡ଼ ୱାଲ୍ । ମଧୁସୂଦନ ସେତୁଠାରୁ ଚହଟା ପର୍ଯ୍ୟନ୍ତ ନିର୍ମିତ ନୂତନ ଛ' ଲେନ୍ ବିଶିଷ୍ଟ ରାସ୍ତାର ସାଇଡ୍ ୱାଲ୍‌ର ୫୦ ମିଟର ଭୁଶୁଡ଼ି ପଡ଼ିଛି । ଘଟଣା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ନିର୍ମାଣ କାର୍ଯ୍ୟର ଗୁଣବତ୍ତାକୁ ନେଇ ପ୍ରଶ୍ନ ଉଠିଛି । ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ, ନିର୍ମାଣ କାର୍ଯ୍ୟରେ ତ୍ରୁଟି ଏବଂ ଯଥେଷ୍ଟ ତଦାରଖର ଅଭାବ ଯୋଗୁଁ ଏଭଳି ଘଟଣା ଘଟିଥାଇପାରେ । ତେବେ ଏହି ଅଭିଯୋଗର ସରକାରୀ ପୁଷ୍ଟି ହୋଇନାହିଁ । ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ସମ୍ପୃକ୍ତ ବିଭାଗ ପକ୍ଷରୁ ତଦନ୍ତ କରାଯିବା ସହ ଏ ଘଟଣା ପାଇଁ ଦାୟୀଙ୍କ ବିରୋଧରେ ଉଚିତ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି । ଏନେଇ କଟକ ଜିଲ୍ଲାପାଳ କହିଛନ୍ତି, ଖବର ଆମ ନଜରକୁ ଆସିଛି । ରାସ୍ତା ଓ ଗୃହ ବିଭାଗ ଅଧୀନରେ ଏ ରାସ୍ତା ଯାଉଛି । ସେ ରାସ୍ତାଟି ୪ରୁ ୫ ମାସ ପୂର୍ବରୁ ସରିବାର ଥିଲା । ବର୍ଷା ପୂର୍ବରୁ ସରିବାର ଥିଲା ଯେହେତୁ ସରିଲା ନାହିଁ ତେଣୁ ବର୍ଷା ଯୋଗୁଁ ଏଭଳି କିଛି ଘଟଣା ସାମ୍ନାକୁ ଆସିଛି । ଆମେ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବୁ । ବରିଷ୍ଠ ଅଧିକାରୀଙ୍କୁ ତଦନ୍ତ ଦାୟିତ୍ୱ ଦିଆଯିବ । ଯଦି ଠିକାଦାର କିମ୍ବା କାମରେ କୌଣସି ତ୍ରୁଟି ବାହାରେ ତେବେ ତୁରନ୍ତ ଆକ୍ସନ ନିଆଯିବ ।

# ରାଜସ୍ୱ ଅଧିକାରୀଙ୍କୁ ମନ୍ତ୍ରୀଙ୍କ ବାର୍ତ୍ତା: ରାଜଧର୍ମ ରକ୍ଷା କର, ଚାପ ଦୂର କରି ସେବା କର

ଭୁବନେଶ୍ୱର, ୦୨/୦୭
ନ୍ୟୁଜ ବ୍ୟୁରୋ

'ରାଜଧର୍ମର ରକ୍ଷା କର, ଚାପକୁ ମନରୁ ଦୂର କରି ଲୋକଙ୍କ ସେବା କର' । ସଭିଙ୍କର ସମ୍ମିଳିତ ନିଷ୍ଠାପୂର୍ଣ୍ଣ ଓ ଦାୟିତ୍ୱ ସମ୍ପନ୍ନ ସେବା ହିଁ ୨୦୩୬ ମସିହା ସୁଦ୍ଧା ବିକଶିତ ଓଡ଼ିଶା ଗଠନ ଦିଗରେ ପ୍ରମୁଖ ଉପାଦାନ ହେବ । ୨୦୨୩ ବ୍ୟାଚ ଓଡ଼ିଶା ରାଜସ୍ୱ ସେବା ଅଧିକାରୀଙ୍କୁ ଏହି ପରାମର୍ଶ ଦେଇଛନ୍ତି ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ସେହିପରି ନବନିଯୁକ୍ତ ଅଧିକାରୀଙ୍କୁ ସମର୍ପଣ ମନୋଭାବ ନେଇ ଲୋକସେବାକୁ ଜୀବନର ବ୍ରତ କରିବାକୁ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ଆହ୍ୱାନ ଦେଇଛନ୍ତି । ରାଜସ୍ୱ ଅଧିକାରୀ ପ୍ରଶିକ୍ଷଣ ପ୍ରତିଷ୍ଠାନ ଗୋଠପାଟଣାରେ ଓଡ଼ିଶା ରାଜସ୍ୱ ସେବା (ସିଧାସଳଖ ନିଯୁକ୍ତି)–୨୦୨୩ ବ୍ୟାଚର ଅଧିକାରୀମାନଙ୍କ ପାଇଁ ଆୟୋଜିତ ୨୧ତମ ପ୍ରାରମ୍ଭିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଫଳତାର ସହ ସମାପ୍ତ ହୋଇଛି । ଗତ ମାର୍ଚ୍ଚ ୧୬ ତାରିଖରୁ




ଜୁଲାଇ ୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ପ୍ରଶିକ୍ଷଣର ଉଦ୍ଦେଶ୍ୟ ଥିଲା ନବନିଯୁକ୍ତ ଅଧିକାରୀମାନଙ୍କୁ ରାଜସ୍ୱ ପ୍ରଶାସନରେ ଦକ୍ଷ, ଦାୟିତ୍ୱବାନ ଓ ଲୋକାଭିମୁଖୀ ସେବା ପ୍ରଦାନ ପାଇଁ ଆବଶ୍ୟକୀୟ ଜ୍ଞାନ, ଦକ୍ଷତା ଓ ବୃତ୍ତିଗତ ମନୋଭାବରେ ପ୍ରସ୍ତୁତ କରିବା । ଏହି ଉଦଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ଅନ୍ୟତମ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ଯୋଗ ଦେଇଛନ୍ତି । ନବନିଯୁକ୍ତ ଅଧିକାରୀଙ୍କୁ ଉଦବୋଧନ ଦେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, 'ରାଜଧର୍ମର ରକ୍ଷା ପାଇଁ ଚାପକୁ ନଡରି ଅଧିକାରୀମାନେ ଜନତାଙ୍କ ସେବା କରିବା ଉଚିତ । ସେହିପରି ସଭିଙ୍କର ସମ୍ମିଳିତ ନିଷ୍ଠାପୂର୍ଣ୍ଣ ଓ ଦାୟିତ୍ୱସମ୍ପନ୍ନ ସେବା ତଥା କର୍ତ୍ତବ୍ୟ ସମ୍ପାଦନ ହିଁ ୨୦୩୬ ମସିହା ସୁଦ୍ଧା ବିକଶିତ ଓଡ଼ିଶା ଗଠନ ଦିଗରେ ପ୍ରମୁଖ ଉପାଦାନ ହେବ । ସେହିପରି ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ପ୍ରଶିକ୍ଷାର୍ଥୀ ଅଧିକାରୀମାନଙ୍କୁ ପ୍ରେରଣା ଦେଇ ଲୋକସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି । ଆରଓଟିଆଇର ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ କହିଛନ୍ତି, 'ଆଇନଗତ ଜ୍ଞାନ, ବ୍ୟାବହାରିକ ପ୍ରଶିକ୍ଷଣ, ଡିଜିଟାଲ୍ ଶାସନ, କ୍ଷେତ୍ର ପରିଦର୍ଶନ ଓ ବ୍ୟକ୍ତିତ୍ୱ ବିକାଶର ସମନ୍ୱିତ ଆଭିମୁଖ୍ୟ ମାଧ୍ୟମରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ନବନିଯୁକ୍ତ ଅଧିକାରୀମାନଙ୍କୁ ସୁଦକ୍ଷ, ସଚ୍ଚୋଟ, ଦାୟିତ୍ୱସମ୍ପନ୍ନ ଏବଂ ଲୋକାଭିମୁଖୀ ପ୍ରଶାସକ ଭାବେ ଗଢ଼ି ତୋଳିବାରେ ସଫଳ ହୋଇଛି। ପ୍ରଶିକ୍ଷଣରେ ମୋଟ ୭୪ ଜଣ ଅଧିକାରୀ ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୪୫ ଜଣ ପୁରୁଷ ଓ ୨୯ ଜଣ ମହିଳା ଅଧିକାରୀ ରହିଛନ୍ତି । ଏହା ସହ ପ୍ରୋମୋସନ ବ୍ୟାଚର ମଧ୍ୟ ଦୁଇଜଣ ଅଧିକାରୀ ୪୫ ଦିନିଆ ପ୍ରଶିକ୍ଷଣ ସଫଳତାର ସହ ସମାପ୍ତ କରିଥିବାବେଳେ ଜଣେ ଅଧିକାରୀ ଓଡ଼ିଶା ବନ ସେବାରେ ଯୋଗଦେଇଛନ୍ତି।



ସମ୍ପାଦକୀୟ
ପୃଷ୍ଠା–୪
ବନସ୍ତେ ରହିଲେ ହସ୍ତୀ

ଉତ୍କଳ ଦୀପିକା
୧୮୬୬ରେ ପ୍ରକାଶିତ
ଓଡ଼ିଶାର ସର୍ବପୁରାତନ ସମ୍ବାଦପତ୍ର
RNI Regd. No.: ODIODI/2016/67976
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
Vol-10 • Issue-52 • 01-07th July 2026 • Bhubaneswar

ଭୁବନେଶ୍ୱର ରେଳ ଧାରଣାରେ ୫ ବର୍ଷରେ ଗଲାଣି ୪୦୦ ଜୀବନ

କଟକ ବଡ଼ ମେଡିକାଲ ଆସୁଥିଲେ ସାବଧାନ ! ବର୍ଷକ ମଧ୍ୟରେ ହଜିଲେଣି ୬୬ ରୋଗୀ !

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

## ଆଉ ୧୪ ଦିନ ପରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା

# ପୁରୀକୁ ସଂଯୋଗ କରୁଥିବା ରାଜ୍ୟ ଓ ଜାତୀୟ ରାଜପଥ ପାଲଟିଛି ମରଣ ଯନ୍ତା

ପୁରୀ, ୦୨/୦୭ ନ୍ୟୁଜ ବ୍ୟୁରୋ

ଆଉ ମାତ୍ର ୧୪ ଦିନ ପରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା । ହେଲେ ଏପର୍ଯ୍ୟନ୍ତ ପୁରୀ ସହରର ରାସ୍ତାଗୁଡ଼ିକ ଖାଲଖମା ହୋଇପଡ଼ିଛି । ପୁରୀ ସଂଯୋଗ କରୁଥିବା ପ୍ରମୁଖ ରାଜ୍ୟ ରାଜପଥ, ଜାତୀୟ ରାଜପଥ ଓ ପୂର୍ତ୍ତ ବିଭାଗ ରାସ୍ତାଗୁଡ଼ିକ ମଧ୍ୟ ଖାଲଖମା ହୋଇପଡ଼ିଛି। ସବୁଠି ଛକିଛି ମୃତ୍ୟୁ । ଏପର୍ଯ୍ୟନ୍ତ ରାସ୍ତାଗୁଡ଼ିକର ପୂର୍ଣ୍ଣ ମରାମତି କରିବାକୁ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇନି । ଶୀତ, ଗ୍ରୀଷ୍ମ ଦିନ ଯାଇ ବର୍ଷା ଦିନ ଆସିଥିବା ବେଳେ କିଛି ରାସ୍ତାରେ କେବଳ ପ୍ୟାଚ୍ ପକାଇ କାମ ଚଳାଇ ଦେବାକୁ ପ୍ରୟାସ ହେଉଛି । ଯାହା ଅସରାଏ ବର୍ଷା ପରେ ଧୋଇ ଯାଉଛି । ଫଳରେ ପ୍ରଶାସନିକ ଏହି ଦାୟିତ୍ୱହୀନତା ଯୋଗୁ ରଥଯାତ୍ରା ନିମନ୍ତେ ପୁରୀକୁ ଆସିବାକୁ ଥିବା ଶ୍ରଦ୍ଧାଳୁମାନଙ୍କ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ହେଲେ ପ୍ରଶାସନ ସବୁ କାମ ସାରିଥିବା କେବଳ ଭାଷଣ ବାଜି କରୁଛି । ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ବିଭିନ୍ନ ସ୍ଥାନ ଖୋଳି ହୋଇ ଖାଲ ହୋଇଯାଇଛି । ସାକ୍ଷୀଗୋପାଳରୁ ମାଳତିପାଟପୁର ଛକ ମଧ୍ୟରେ ୫୦୦ରୁ ଅଧିକ ଖାଲ ରହିଛି । କାଠପୋଲ ପୁରୁଣା କଂକ୍ରିଟ ବ୍ରିଜ୍ ଉପରେ ପୁଣି ଗାତ ଓ ଫାଟ ବଡ଼ ହୋଇଛି । ଚନ୍ଦନପୁର ବାଇପାସରେ ତିଆରି ହୋଇଥିବା ନୂଆ ବ୍ରିଜ୍ ପୁନଶ୍ଚ ମରାମତି ନିମନ୍ତେ ଗୋଟିଏ ପାର୍ଶ୍ୱକୁ ବନ୍ଦ କରି ଦିଆଯିବାରୁ ଖାଲଖମାରେ ପୂରି ଥିବା ସର୍ଭିସ ରୋଡ୍ ଦେଇ ଯାତାୟାତ କରିବା ଯାତ୍ରୀଙ୍କୁ କଷ୍ଟ ଦେଉଛି । ଏହି ଜାତୀୟ ରାଜପଥ ଅନେକ ସ୍ଥାନରେ ଟ୍ରାଫିକ୍ ଲାଇଟ୍ ଠିକ୍ ଭାବେ କାମ କରୁନି । ରାଜପଥ ପାର୍ଶ୍ୱର ଗଛଗୁଡ଼ିକର ଡାଳ ରାସ୍ତାକୁ ଝୁଲି ରହି ବସ୍ ଓ ଭାରିଯାନ ଚଳାଚଳରେ ସମସ୍ୟା ସୃଷ୍ଟି କରୁଛି । ମାତ୍ର ଏହି ଗଛ ଡାଳି କାଟି ସଫା କରାଯାଉନି। ରାସ୍ତାରୁ ବାଲି, ଗୋଡ଼ି ଠିକ୍ ଭାବେ ସଫେଇ କରାଯାଉନି । ରାଜପଥରେ ବୁଲା ଗୋରୁଗାଈ ଶୋଇବା ଓ ଚରିବା ଯୋଗୁ ଦୁର୍ଘଟଣା ବଢ଼ୁଛି । ମାତ୍ର ବୁଲା ଗୋରୁଗାଈଙ୍କୁ



ଉଠାଇ ଗୋ'ଶାଳାରେ ଛାଡ଼ିବାକୁ ପଦକ୍ଷେପ ନିଆଯାଉନି । ଛକ, ଆରଓବି, ଅଣ୍ଡରପାସ୍ ରହିଥିବା ସ୍ଥାନଗୁଡ଼ିକ ଆଲୋକିକରଣ କରିବାକୁ ପଦକ୍ଷେପ ନିଆଯାଉନି । ସେହିପରି ଜାତୀୟ ରାଜପଥଗୁଡ଼ିକର ସର୍ଭିସ୍ ରୋଡ୍ ମରାମତି କରାଗଲାନି । ରାଜ୍ୟ ରାଜପଥ ପୁରୀ-କୋଣାର୍କ ଓ ପୁରୀ ସାତପଡ଼ା ରାସ୍ତା ମଧ୍ୟ ଖାଲଖମାରେ ପୂରିଛି । ସଡ଼କ ସୁରକ୍ଷା ନେଇ ଥିବା ଅଧିକାଂଶ ନିୟମକୁ ଖୋଦ୍ ପ୍ରଶାସନ ପାଳନ କରୁନି । ଫଳରେ ଦୁର୍ଘଟଣାରେ ଅନେକ ଯାତ୍ରୀଙ୍କ ଜୀବନ ଯାଉଛି । ଏହି ରାଜପଥ ଯାତ୍ରୀଗାଡି ଯାତାୟାତର ପ୍ରମୁଖ ମାର୍ଗ ହୋଇଥିଲେ ହେଁ ସଡ଼କ ସୁରକ୍ଷା ପ୍ରତି ପ୍ରଶାସନ ଆଖି ବୁଜି ଦେଇଛି । ଜାତୀୟ ରାଜପଥ ଓ ରାଜ୍ୟ ରାଜପଥକୁ ସଂଯୋଗ କରୁଥିବା ଜିଲ୍ଲାର ପ୍ରମୁଖ ରାସ୍ତାଗୁଡ଼ିକ ଯଥା ନୂଆ ଜଗନ୍ନାଥ ସଡ଼କ (ରାମେଶ୍ୱର-ଚନ୍ଦନପୁର-ପୁରୀ), ମାଳତିପାଟପୁର ବାଇଦାସନଗର, ପଟ୍ଟନାୟିକିଆ-ଖୋର୍ଦ୍ଧା, ଦାଣ୍ଡମୁକୁନ୍ଦପୁର ପିପିଲି-ଜଟଣୀ, ସାତଶଙ୍ଖ-ବଳଙ୍ଗା-ନିମାପଡ଼ା, ପିପିଲି ନିମାପଡ଼ା-ଚାରିଛକ, ଗୋପ-ବାଲିଘାଇ, ଉତ୍ତରା-ବାଳକାଟି ରାସ୍ତାଗୁଡ଼ିକ ଖାଲଖମା ହୋଇ ରହିଛି । ଏହି ରାସ୍ତାଗୁଡ଼ିକ ପ୍ରାୟତଃ ପୂର୍ତ୍ତ ବିଭାଗ ଅଧୀନରେ ରହିଛି । ମାତ୍ର ଏପର୍ଯ୍ୟନ୍ତ ଏହାର ନବୀକରଣ କିମ୍ବା ମରାମତି ସରିଲାନି । ସେହିପରି ପୁରୀ ସହର ମଧ୍ୟରେ ରହିଥିବା ମଙ୍ଗଳାଘାଟ ଜଟିଆ ବାବାଜି ଛକ-କୁମ୍ଭାରପଡ଼ା ଜାତୀୟ ରାଜପଥ, ପୂର୍ତ୍ତ ବିଭାଗ ଦାୟିତ୍ୱରେ ଥିବା ବଡ଼ଦାଣ୍ଡ ଡାକ୍ତରଖାନା ଛକ-ବାଟଗାଁ ରାସ୍ତା, ଚକ୍ରତୀର୍ଥ ରୋଡ୍, ସମୁଦ୍ରକୂଳ ରାସ୍ତା, ଲୋକନାଥ ରୋଡ୍ ପ୍ରଭୃତି ମରାମତି ସରିପାରିନି । ମାଟିଆପଡ଼ା ଛକରୁ ଭୂଦାନ ଛକ ରାସ୍ତା ଓ ଏହା ମଧ୍ୟରେ ରହିଥିବା ସିଦ୍ଧମହାବୀର ରେଳ ଓଭର ବ୍ରିଜ୍ ନିର୍ମାଣ କାମ ଏପର୍ଯ୍ୟନ୍ତ ସରିନି । ଏହାକୁ ନେଇ ପ୍ରବଳ ଜନଅସନ୍ତୋଷ ଦେଖା ଦେଇଛି । ସେପଟେ ସହରର ବିଭିନ୍ନ ରାସ୍ତା ମରାମତି ପରେ ସିସିଟିଭି ଲଗାଇବା, ହାଇମାଷ୍ଟ ଲଗାଇବା, ଷ୍ଟ୍ରିଟ ଲାଇଟ୍ ଲଗାଇବା, ସ୍ୱରେଜ୍ ମ୍ୟାନ୍‌ହୋଲ୍ ଖୋଳିବା, ପିଏନଜି ପାଇପ୍ ଲାଇନ୍ ପକାଇବାରେ ପୁଣି ଖୋଳାତଡ଼ା ଲାଗି ରହିଛି । ଶ୍ରୀସେତୁ ଆପ୍ରୋଚ୍ ରୋଡ୍ ନିର୍ମାଣ ପୂର୍ଣ୍ଣ ଭାବେ ସରିପାରିନି । ଶ୍ରୀସେତୁ ତଳ ଦେଇ ମଙ୍ଗଳାଘାଟ ଜଟିଆ ବାବାଜୀ ଛକ ଜାତୀୟ ରାଜପଥ ଯାଇଥିବା ବେଳେ ଅସମ୍ପୂର୍ଣ୍ଣ ରାସ୍ତା ଏବେ ଦୁର୍ଘଟଣାର କାରଣ ହୋଇଛି । ସେହିପରି ସହରର ଅଧିକାଂଶ ଜନଗହଳି ରାସ୍ତାଗୁଡ଼ିକ ଅନ୍ଧାରରେ ରହିଛି । ଯାହାକୁ ନେଇ ବହୁ ଅଭିଯୋଗ ସତ୍ତ୍ୱେ ପ୍ରଶାସନ ଉଚିତ ପଦକ୍ଷେପ ନେଉନି ।